ବର୍ଷ-୨୫, ସଂଖ୍ୟା-୩୨୧
ଭୁବନେଶ୍ୱର
୦୩, ଡିସେମ୍ବର, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 321
Bubhaneswar
03, December, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଡିଏମଏଫ ଜିଲ୍ଲାରେ ୫୫% ଅର୍ଥ ଖର୍ଚ୍ଚ

**ଭୁବନେଶ୍ୱର,୨।୧୨(ମହାଭାରତ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନମାନଙ୍କ ସମ୍ବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧକ୍ଷତା କରିଛନ୍ତି।



ଆଲୋଚନାରୁ ଜଣାପଡିଛି ଯେ, ଚଳିତ ବର୍ଷ ଅକ୍ଟୋବର ମାସ ଶେଷ ସୁଦ୍ଧା ରାଜ୍ୟର ୧୧ ଟି ଡ଼ି.ଏମ.ଏଫ ଜିଲ୍ଲା ମାନଙ୍କରୁ ସମୁଦାୟ ୩୪,୦୫୨ କୋଟି ଟଙ୍କା ଆଦାୟ ହୋଇଛି ଏବଂ ପ୍ରାୟ ୫୫ ପ୍ରତିଶତ ଟଙ୍କା ଖର୍ଚ୍ଚ ହୋଇଛି। ଏହି ଖର୍ଚ୍ଚକୁ ବୃଦ୍ଧି କରି ଲୋକଙ୍କୁ ମୌଳିକ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହା ସହିତ, ୧୦ଟି ଜିଲ୍ଲାରେ ଡ଼ିଏମଏଫ ପୁନଃ ଗଠନ ହେବା ପରେ ଟ୍ରଷ୍ଟ ବୋର୍ଡ ମିଟିଂ ହୋଇସାରିଛି ବୋଲି ବୈଠକରୁ ଜଣାଯାଇଛି ।

ବୈଠକରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବଙ୍କୁ ପ୍ରତ୍ୟେକର ଅଡିଟ୍ ରିପୋର୍ଟ ସହିତ ବାର୍ଷିକ ରିପୋର୍ଟ ଦାଖଲ କରିବାକୁ ଏବଂ ଲଘୁ ଖଣିଜ ପଦାର୍ଥ (ମାଇନର ମିନେରାଲ୍ସ)ରୁ ସଂଗୃହୀତ ଡିଏମଏଫ ପାଣ୍ଠିକୁ ସେହି ଜିଲ୍ଲାର ଯେକୌଣସି ସ୍ଥାନରେ ବ୍ୟବହାର କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହି ପାଣ୍ଠିକୁ ସେହି ସ୍ଥାନର ମୌଳିକ ଆବଶ୍ୟକତା ଯଥା-ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଯୋଗାଣ, ଗମନାଗମନ ଆଦି ବ୍ୟବସ୍ଥା ରେ ଖର୍ଚ୍ଚ କରିବା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଖଣି ଅଞ୍ଚଳର ନିକଟବର୍ତ୍ତୀ ସ୍ଥାନ ଗୁଡ଼ିକରେ ଲୋକଙ୍କୁ ସମ୍ପୂର୍ଣ୍ଣ ମୌଳିକ ସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।ବୈଠକରୁ ଜଣାଯାଇଛି ଯେ, ଡିଏମଏଫ ଟ୍ରଷ୍ଟବୋର୍ଡ ବୈଠକ ଡକାଯାଇ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରାଯିବ। ଡିଏମଏଫ ଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରଭାବିତ ଗ୍ରାମଗୁଡ଼ିକୁ ଚିହ୍ନଟ କରାଯିବ। ଖଣି ଅଞ୍ଚଳର ପାର୍ଶ୍ୱବର୍ତ୍ତୀ ଜାଗା ଗୁଡିକରେ ଥିବା ଜନବସତି ଗୁଡିକରେ ହେଉଥିବା ପ୍ରଦୂଷଣକୁ ରୋକିବା ପାଇଁ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଥିଲେ।

ଯେଉଁ ଜିଲ୍ଲାଗୁଡ଼ିକରେ ବାର୍ଷିକ ପାଣ୍ଠି ୧୦ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ସଂଗ୍ରହ ହେଉଛି, ସେମାନେ ଏକ ଏଣ୍ଡାଓମେଣ୍ଟ ପାଣ୍ଠି ଗଠନ କରିବେ। ଏହି ଏଣ୍ଡାଓମେଣ୍ଟ ପାଣ୍ଠିକୁ ସରକାରୀ ସିକ୍ୟୁରିଟି କିମ୍ବା ଅନୁସୂଚିତ ବ୍ୟାଙ୍କଗୁଡ଼ିକର ବଣ୍ଡ ଏବଂ ଏଫଡିରେ ବିନିଯୋଗ କରାଯିବ। ଖଣିଜ ପଦାର୍ଥ ଶେଷ ହେବା ପରେ କିମ୍ବା କୌଣସି କାରଣରୁ ଖଣି କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିବା ଅଞ୍ଚଳରେ ଭବିଷ୍ୟତ ପିଢ଼ିଙ୍କ ପାଇଁ ଜୀବିକା ସୃଷ୍ଟି ପାଇଁ ଏହି ପାଣ୍ଠି ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଅାହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ୧୬ ସ୍ଥାନରେ ନଦୀ ଜଳ ପ୍ରଦୂଷିତ

**ଭୁବନେଶ୍ୱର,୨।୧୨(ମହାଭାରତ):** ଓଡ଼ିଶାରେ ୧୬ଟି ନଦୀ ସ୍ଥାନ ପ୍ରଦୂଷିତ ହୋଇଥିବା କଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ମଙ୍ଗଳବାର ବିଧାନସଭାରେ ସୂଚନା ଦେଇଛନ୍ତି। ଗୃହରେ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ବିଭିନ୍ନ ନଦୀର ପ୍ରଦୂଷିତ ଅଂଶ ଚିହ୍ନଟ କରାଯାଇଛି। ଏହି ପ୍ରଦୂଷିତ ସ୍ଥାନଗୁଡ଼ିକ ମଧ୍ୟରେ କଟକର କାଠଯୋଡ଼ି, ଭୁବନେଶ୍ୱରର ଦୟା ନଦୀ ଓ ଗାଙ୍ଗୁଆ ନାଳ, ଗୋପର ଭିଙ୍ଗାରପୁର ନିକଟସ୍ଥ କୁଶଭଦ୍ରା, ଏବଂ ରାଉରକେଲାର ବ୍ରାହ୍ମଣୀ ନଦୀର କିଛି ଅଂଶ ଓ ଗୁରୁଡ଼ି ନାଳ ଅନ୍ତର୍ଭୁକ୍ତ।

ମନ୍ତ୍ରୀଙ୍କ କହିବା ଅନୁଯାୟୀ, ସହରାଞ୍ଚଳର ବର୍ଜ୍ୟଜଳ ଏବଂ ନଦୀ ଜଳର ଅତ୍ୟଧିକ ବ୍ୟବହାର ଯୋଗୁଁ ଏହି ନଦୀଗୁଡ଼ିକ ଅଧିକାଂଶ କ୍ଷେତ୍ରରେ ପ୍ରଦୂଷିତ ହେଉଛନ୍ତି। ରାଜ୍ୟ ସରକାର ଏହି ନଦୀଗୁଡ଼ିକରେ ଜଳ ପ୍ରଦୂଷଣକୁ ରୋକିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ସହରାଞ୍ଚଳ ସ୍ଥାନୀୟ ସଂସ୍ଥାମାନଙ୍କୁ ନଦୀରେ ବର୍ଜ୍ୟବସ୍ତୁ ନିଷ୍କାସନ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ଜିଲା ପ୍ରଶାସନ, ସହରାଞ୍ଚଳ ବିକାଶ ବିଭାଗ, ପବ୍ଲିକ୍ ହେଲ୍ଥ ଇଞ୍ଜିନିୟରିଂ ସଂସ୍ଥା ଏବଂ ଜଳ ଯୋଗାଣ ଓ ପରିମଳ କର୍ତ୍ତୃପକ୍ଷଙ୍କୁ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି।

# ପିଏମଓ ଏବେ ସେବାତୀର୍ଥ

**ନୂଆଦିଲ୍ଲୀ,୨।୧୨(ମହାଭାରତ):** ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମଓ)ର ନୂଆ ପରିସରର ନାଁ ସେବାତୀର୍ଥ ରଖାଯାଇଛି। ଏହି ନୂଆ ପରିସରକୁ ସେଣ୍ଟ୍ରାଲ ଭିଷ୍ଟା ପୁନର୍ବିକାସ ପ୍ରକଳ୍ପ ଅନୁସାରେ ଡିଜାଇନ କରାଯାଇଛି ଏବଂ ଏଥିରେ କଥିତ ଭାବେ ଗୋଟିଏ ଛାତ ତଳେ ଅନେକ ପ୍ରମୁଖ କାର୍ଯ୍ୟାଳୟ ରହିବ।



ପିଏମ୍ଓ ଏବେ ସାଉଥ୍ ବ୍ଲକ୍‌ରୁ ଏକ ନୂଆ ଅତ୍ୟାଧୁନିକ ପରିସରରେ ସ୍ଥାନାନ୍ତରିତ ହୋଇଯିବ। ଇଣ୍ଡିଆ ଟିଭିର ରିପୋର୍ଟ ଅନୁସାରେ , ପ୍ରଧାନମନ୍ତ୍ରୀ ସେବା ତୀର୍ଥ-୧ ରୁ କାର୍ଯ୍ୟ କରିବେ।ଏହି ଘଟଣାକ୍ରମ ଆଠଟି ରାଜ୍ୟ ଓ ଏକ କେନ୍ଦ୍ର ଶାସିତ ପ୍ରଦେଶ ଦ୍ୱାରା ନିଜର ରାଜ୍ୟପାଳ/ ଉପରାଜ୍ୟପାଳ ଆବାସର ନାଁ 'ରାଜଭବନ/ ରାଜ ନିବାସ'ରୁ ବଦଳି 'ଲୋକଭବନ / ଲୋକ ନିବାସ' କରିବାର ଗୋଟିଏ ଦିନ ପରେ ସାମ୍ନାକୁ ଆସିଛି। ଗୃହ ମନ୍ତ୍ରଣାଳୟ (ଏମଏଚ୍ଏ) ଏହି ସମ୍ବନ୍ଧରେ ଏକ ନିର୍ଦ୍ଦେଶ ଜାରି କରିଛି।ଗୃହ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକର ରାଜ୍ୟପାଳ ଓ କେନ୍ଦ୍ର ଶାସିତ ପ୍ରଦେଶ ଗୁଡ଼ିକର ଉପରାଜ୍ୟପାଳଙ୍କ ପ୍ରଧାନ ସଚିବ କିମ୍ବା ସଚିବଙ୍କୁ ଚିଠି ଜାରି କରି 'ରାଜଭବନ'ର ନାଁ ବଦଳାଇ 'ଲୋକଭବନ' କରିବାକୁ କହିଛି।

ଉଲ୍ଲେଖନୀୟ ଯେ, ମୋଦି ସରକାରଙ୍କ ଗତ ୧୧ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଅନେକ ସ୍ଥାନ, ସଡ଼କ ଓ ସଂସ୍ଥାର ନାଁ ବଦଳା ଯାଇଛି। ସବୁଠୁ ପ୍ରମୁଖ ଉଦାହରଣ ରାଜପଥ ,ଯାହାର ନାଁ ବଦଳାଇ 'କର୍ତ୍ତବ୍ୟ ପଥ ' କରି ଦିଆ ଯାଇଛି। ପ୍ରକୃତ କଥା ହେଲା, 'ରାଜପଥ' ଶବ୍ଦରେ ରାଜତନ୍ତ୍ର ଓ ଶକ୍ତିର ବୋଧଗମ ହେଉଥିଲା , ଯାହାକି କର୍ତ୍ତବ୍ୟ ପଥ ସ୍ପଷ୍ଟ ଭାବେ ଦର୍ଶାଏ ଯେ, କ୍ଷମତା କୌଣସି ଅଧିକାର କିମ୍ବା ବିଳାସର ସ୍ଥାନ ନୁହେଁ , ବରଂ କର୍ତ୍ତବ୍ୟ ଓ ଜନସେବାର ମାର୍ଗ ଅଟେ।

## ବିଏସ୍‌କେୱାଇ ଯୋଜନାରେ ହେଉଥିଲା ଦୁର୍ନୀତି

**ଭୁବନେଶ୍ୱର,୨।୧୨ (ମହାଭାରତ):** ପୂର୍ବବର୍ତ୍ତୀ ସରକାର ସମୟରେ ବିଏସକେୱାଇ ଯୋଜନାରେ ବିପୁଳ ମାତ୍ରାରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରିଛନ୍ତି ବିଜେପି ବିଧାୟକ ସନ୍ତୋଷ ଖଟୁଆ। ଆଜି ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ ଏହାର ପ୍ରମାଣ ମଧ୍ୟ ଉପସ୍ଥାପନ କରିଥିଲେ। ସେତେବେଳେ କୌଣସି ଉପକରଣ ପାଇଁ ଢେର ଅଧିକ ଖର୍ଚ୍ଚ ହେଉଥିବା ବେଳେ ବର୍ତ୍ତମାନ କମ ଖର୍ଚ୍ଚ ହେଉଛି ବୋଲି କହିଥିଲେ। ଏହି ମାମଲାର ବିଧିବଦ୍ଧ ତଦନ୍ତ କରାଯାଉ ବୋଲି ସେ ଦାବି କରିଥିଲେ।

# କ୍ଷମା ମାଗିଲେ ଶୁଭଙ୍କର

**ଭୁବନେଶ୍ୱର,୨।୧୨(ମହାଭାରତ):** ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ରାଙ୍କ ଗର୍ବ ଭାଙ୍ଗିଛି। ଜନସାଧାରଣଙ୍କର ଦ୍ୱାରା ସମାଲୋଚନା ହେଲା ପରେ ମହାପ୍ରଭୁଙ୍କ ନିକଟରେ ମୁଣ୍ଡ ନୁଆଁଇଛନ୍ତି। ବିଶ୍ୱନିୟନ୍ତା ପୁରୀ ଜଗନ୍ନାଥ ମହାପ୍ରଭୁଙ୍କୁ ନେଇ ସାମାଜିକ ଗଣମାଧ୍ୟମ ୟୁଟ୍ୟୁବ୍‌ରେ ସେ ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି। ମୋର ଏହା ନିଜ କଳ୍ପନା ନୁହେଁ ମୁଁ ଏକଥା ଶୁଣିଛି। ଜଗନ୍ନାଥ ଜୀ ମୋ ଆରାଧ୍ୟ, ଓଡ଼ିଶା ମୋ ଅତି ପ୍ରିୟ, ଆଉ ପୁରୀବାସୀ ମୋର ଆପଣାର... ।



ସୂଚନାଯୋଗ୍ୟ, ଲୋକପ୍ରିୟ ସୋସିଅାଲ ମିଡିଅା ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ରା କିଛି ଦିନ ପୂର୍ବରୁ ମହାପ୍ରଭୁଙ୍କୁ ନେଇ ଟିପ୍ପଣୀ ଦେଇଥିଲେ। ସେ କହିଥିଲେ ପ୍ରେମୀଯୁଗଳ ବିବାହ ପୂର୍ବରୁ ଶ୍ରୀମନ୍ଦିର ଗଲେ, ସେମାନଙ୍କର ସଂପର୍କ ସଫଳ ହେବ ନାହିଁ। ବିବାଦୀୟ ମନ୍ତବ୍ୟ ପରେ ଶୁଭଙ୍କର ମିଶ୍ରାଙ୍କ ପାଇଁ ଅଡୁଆ ବଢ଼ିଥିଲା। ଶ୍ରୀମନ୍ଦିରରେ ପ୍ରେମୀଯୁଗଳଙ୍କ ପ୍ରବେଶ ଉପରେ ସେ ଦେଇଥିବା ବିବାଦୀୟ ଟିପ୍ପଣୀକୁ ନେଇ ଅସନ୍ତୋଷ କୁହୁଳିବାରେ ଲାଗିଥିଲା। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ସୂଚନା ଦେଇଥିବା ବେଳେ ଶ୍ରୀମନ୍ଦିର ସେବାୟତ ଗୌରହରି ପ୍ରଧାନ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ଦୃଢ଼କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ହେଉଛି। ଏଥିପାଇଁ ତୁରନ୍ତ ଅାଇନରେ ଅାବଶ୍ୟକୀୟ ସଂଶୋଧନ କରିବା ସହ ଶୁଭଙ୍କରଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ଗୌରହରି।

# ୧୬୮ ନକଲି ମେଡ଼ିସିନ ଚିହ୍ନଟ

**ଭୁବନେଶ୍ୱର,୨।୧୨ (ମହାଭାରତ):** ବଜାରରେ ବୁଲୁଛି ପୁଳା ପୁଳା ନକଲି ମେଡ଼ିସିନ। ୪ ବର୍ଷରେ ଚିହ୍ନଟ ହେଲାଣି ୧୬୮ ନକଲି ମେଡ଼ିସିନ। ଆଉ ୩୮୮ଟି ନିମ୍ନ ମାନର ମେଡ଼ିସିନ ଚିହ୍ନଟ ହୋଇଛି। ଗତ ୪ ବର୍ଷରେ ଅଢେଇ କୋଟିର ଉର୍ଦ୍ଧ୍ୱ ଟଙ୍କାର ନକଲି ମେଡ଼ିସିନ ଜବତ କଲେଣି ସରାକର। ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଲିଖିତ ଉତ୍ତରରେ ଏହି ତଥ୍ୟ ସାମ୍ନାକୁ ଆସିଛି। ୨୦୨୧ ରୁ ୨୦୨୪-୨୫ ଭିତରେ ୧୬୮ ଟି ନକଲି ମେଡ଼ିସିନ ଚିହ୍ନଟ ହୋଇଛି। ସେହିଭଳି ୩୮୮ଟି ନିମ୍ନ ମାନର ମେଡ଼ିସିନ ଯାହାକି ଆବଶ୍ୟକୀୟ ଗୁଣବତ୍ତା ଏବଂ ପ୍ରଭାବଶାଳୀ ମାନଦଣ୍ଡ ପୂରଣ କରିବାରେ ବିଫଳ। ୨୦୨୧ ରେ ୭୯ ଟି, ୨୦୨୨ ରେ ୬୪ ଟି, ୨୦୨୩ ରେ ୧୪ ଟି ଏବଂ ୨୦୨୪ ରେ ୧୧ ଟି ନକଲି ମେଡ଼ିସିନ ଚିହ୍ନଟ ହୋଇଛି।

ନକଲି ଔଷଧ ନେଇ ସରକାରଙ୍କୁ ଘେରିଛନ୍ତି ଉଭୟ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ। କଂଗ୍ରେସ ବିଧାୟକ ମୁଖ୍ୟ ସଚେତକ ରାଜନ ଏକ୍କା କହିଛନ୍ତି ଡବଲ ଇଂଜିନ ସରକାର ଆସିବା ପରେ ଏପରି ଘଟଣା ଘଟୁଛି। ବିଭିନ୍ନ ଜାଲି କମ୍ପାନୀ ଲୋକଙ୍କ ଜୀବନ ସହ ଖେଳୁଛନ୍ତି। ଚଢ଼ାଉକୁ ଆହୁରି ଜୋରଦାର କରି ନକଲି ଔଷଧ ଜବତ କରାଯାଉ। ସରକାର କେବଳ କଥା ଦେଉଛନ୍ତି। ହେଲେ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ୨୦୦ ରୁ ଅଧିକ ନକଲି ଔଷଧ ବଜାରରେ ବୁଲୁଛି ବୋଲି ଅଭିଯୋଗ କରିଛି କଂଗ୍ରେସ।

ସେହିପରି ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ସରକାର ନକଲି ଔଷଧ ବନ୍ଦ କରିବା କଥା। ଲୋକଙ୍କ ସ୍ୱାସ୍ଥ୍ୟ ଯେପରି ଖରାପ ନ ହେଉ, ତାହା ସରକାରଙ୍କ ଦାୟିତ୍ୱ। ହେଲେ ପୂର୍ବ ସରକାରକୁ ଦାୟୀ କରି ଖସିବା କଥା ସରକାରଙ୍କ ରୁଗ୍ଣ ମାନସିକତା।

ଅନ୍ୟପକ୍ଷରେ ନକଲି ଔଷଧ ସମ୍ପର୍କରେ ପ୍ରତିକ୍ରିୟା ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ସ୍ୱାସ୍ଥ୍ୟ ବିଭାଗ ବର୍ତ୍ତମାନ ଆକ୍ସନ ମୋଡ଼ରେ ଅଛି। ଡ୍ରଗ୍ସ କଂଟ୍ରୋଲ ବିଭାଗ ତରଫରୁ ରେଗୁଲାର ଚଢ଼ାଉ କରାଯାଉଛି। ନକଲି ଔଷଧ ଜବତ କରାଯାଉଛି। ଆଗାମୀ ଦିନରେ ଏହାକୁ ବ୍ୟାପକ କରିବେ ସରକାର। ବିଭିନ୍ନ ସମୟରେ ନକଲି ମେଡ଼ିସିନ ବଜାରକୁ ଛାଡିବାକୁ ଚକ୍ରାନ୍ତ ହୋଇଥାଏ। ସ୍ୱାସ୍ଥ୍ୟ ବିଭାଗ,ଡ୍ରଗ୍ସ କଂଟ୍ରୋଲର ଓ ପୋଲିସ ବିଭାଗ ମିଳିତ ଭାବେ ଚଢ଼ାଉ ସହ ଏହାର ଉତ୍ସକୁ ଖୋଜୁଛନ୍ତି।

# ଗୃହରେ ଉଠିଲା ପାନୀୟ ଜଳ ପ୍ରକଳ୍ପ ଦୁର୍ନୀତି ପ୍ରସଙ୍ଗ

**ଭୁବନେଶ୍ୱର,୨।୧୨(ମହାଭାରତ):** ଆଜି ବିଧାନସଭା ଶୀତ ଅଧିବେଶନର ପଞ୍ଚମ ଦିନରେ ମେଗା ପାନୀୟ ଜଳ ପ୍ରକଳ୍ପକୁ ନେଇ ପୂର୍ବ ସରକାର ଉପରେ ବର୍ଷିଛନ୍ତି ପଞ୍ଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ । ସେପଟେ ପୂର୍ବ ସରକାର ଉକ୍ତ ବିଭାଗର ମନ୍ତ୍ରୀ ଥିବା ପ୍ରଦୀପ ଅମାତଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି କବିସୂର୍ଯ୍ୟନଗର ବିଜେପି ବିଧାୟକ ପ୍ରତାପଚନ୍ଦ୍ର ନାୟକ। ଅନ୍ୟପକ୍ଷରେ ପୂର୍ବ ସରକାରରେ ଯାଜପୁର ଜିଲ୍ଲାରେ ନିର୍ମାଣ ମେଗା ପାନୀୟ ଜଳ ପ୍ରକଳ୍ପର ପୋଲ ଖୋଲଛନ୍ତି ଖୋଦ ବିଜେଡି ବିଧାୟିକା।

୩୫ ହଜାର କୋଟିର ପ୍ରକଳ୍ପ କାହିଁକି ନିର୍ଦ୍ଦିଷ୍ଟ ୧୭ ତାମିଲ ଠିକାଦାରଙ୍କୁ ଦିଆଗଲା, ଏ ନେଇ ହୋଇପାରେ ତଦନ୍ତ । ପୂର୍ବ ସରକାର ୩୫ ହଜାର କୋଟି ଟଙ୍କାରେ ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପ ଘୋଷଣା କରିଥିଲେ । ହେଲେ କାମ ଆରମ୍ଭ ନହେଉଣୁ କାହିଁକି ଠିକାଦାର ମାନଙ୍କୁ ଆଗୁଆ ପେମେଣ୍ଟ ଦିଆଗଲା ତାର ଭିଜିଲାନ୍ସ ତଦନ୍ତ ପାଇଁ ବିଧାନସଭାରେ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋଶ।

ଜବାବରେ ମନ୍ତ୍ରୀ କହିଲେ, ବର୍ତ୍ତମାନ ସୁଦ୍ଧା ନୂଆ ସରକାର ୨୫ଟି ମେଗା ପ୍ରକଳ୍ପ ଶେଷ କରିଥିବା ବେଳେ ୬୬ ପ୍ରକଳ୍ପ ୯୦ ପ୍ରତିଶତ ଶେଷ ହୋଇଛି । ହେଲେ ସବୁଠାରୁ ବଡ଼ କଥା, ବିଜେଡ଼ି ସରକାର ସମୟରେ ଠିକା ଦିଆଯାଇଥିବା ୧୭ ଠିକାଦାର ତାମିଲନାଡୁର ବୋଲି କହି ପୂର୍ବ ସରକାରକୁ କଟାକ୍ଷ କଲେ ମନ୍ତ୍ରୀ । ଓଡ଼ିଆ ଲୋକଙ୍କୁ ଠିକା ଦେଇଥିଲେ କାମ ଭଲ ହୋଇଥାନ୍ତା ବୋଲି କହିଲେ ମନ୍ତ୍ରୀ ରବି ନାଏକ। ଏହାସହ ମେଗା ପ୍ରକଳ୍ପରେ ହୋଇଥିବା ଦୁର୍ନୀତି ଉପରେ ଆଗକୁ ତଦନ୍ତ ହୋଇପାରେ ବୋଲି ସଂକେତ ଦେଇଛନ୍ତି ମନ୍ତ୍ରୀ ।



ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକଙ୍କ ଉତ୍ତରରେ ପୂର୍ବ ସରକାରକୁ ଟାର୍ଗେଟ କରିଛନ୍ତି କବିସୂର୍ଯ୍ୟନଗର ବିଜେପି ବିଧାୟକ ପ୍ରତାପ ନାୟକ। ପୂର୍ବ ସରକାରରେ ନଳ ଥିଲା ହେଲେ ଜଳ ନଥିଲା। ଏବେ ନଳ ଆଉ ଜଳ ଅଛି। ତଥ୍ୟ ଦେଇ ବିଜେଡ଼ି ସରକାରର ସ୍ଥାଣୁତା ବିଷୟରେ କହିଛନ୍ତି । ୨୦୨୪ ଜୁନ୍ ସୁଦ୍ଧା ବିଜେଡ଼ିସରକାର ୩ ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କରିଥିଲେ ଆମେ ୧୭ ମାସରେ ୨୨ ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିଛୁ। ସେମାନେ ୧୬ ଟି ସିଭିଲ ପ୍ରକଳ୍ପ ସମ୍ପୂର୍ଣ୍ଣ କରିଥିଲେ ଆମେ ୧୭ ମାସରେ ୬୬ ଟି ସମ୍ପୂର୍ଣ୍ଣ କରିଛୁ। ସେମାନେ ୩୭୩୩ ଟି ସୋଲାର ପ୍ରକଳ୍ପ ଶେଷ କଲେ ଆମେ ଆମେ ୧୭ ମାସରେ ୨୭୦୨ ପ୍ରକଳ୍ପ ସାରିଛୁ। ହର ଘର ଜଳ ଯୋଜନାରେ ରେ ୬୦୩୨ ପ୍ରୋଜେକ୍ଟ ସାରିଥିଲେ ଆମେ ୪୭୯୧ କରିଛୁ। ୨୮୩୫୦ ନଳକୂପ ସେମାନେ କରିଥିଲେ ଆମେ ୨୨୯୬୪ ନଳକୂପ ଖନନ କରିଛୁ। ପିଏମ ଗତି ଶକ୍ତି ରେ ଆମେ ୭୧ ହଜାର କିମି ପାଇପ୍ ଲାଇନ ବିଛାଯାଇଛି। ବିଜେଡ଼ି ସରକାର ପାଣି ଦେଇନଥାନ୍ତେ। ପାଇପ୍ କିଣି ଖାଲି ବିଛେଇ ଥାନ୍ତେ। ଇନଟେକ ୱେଲ କଲେନି। ଏ ହେଉଛି ୨୪ ବର୍ଷର ନମୁନା। ସମସ୍ତେ ସହଯୋଗ କରନ୍ତୁ ବୋଲି ମନ୍ତ୍ରୀ କହିଛନ୍ତି ।ଅନ୍ୟପକ୍ଷରେ ପୂର୍ବ ସରକାରରେ ଯାଜପୁର ଜିଲ୍ଲାରେ ନିର୍ମାଣ ମେଗା ପାନୀୟ ଜଳ ପ୍ରକଳ୍ପର ପୋଲ ଖୋଲିଲେ ଖୋଦ ବିଜେଡି ବିଧାୟିକା ସୁଜାତା ସାହୁ । ପ୍ରଶ୍ନକାଳରେ ଯାଜପୁରରେ ମେଗା ପାନୀୟ ଜଳ ପ୍ରକଳ୍ପ ବିଳମ୍ବ ପ୍ରସଙ୍ଗ ଉଠାଇ ସୁଜାତା କହିଥିଲେ ୨୦୧୭ ରୁ ନିର୍ମାଣ ଆରମ୍ଭ ହୋଇଥିଲା ୨୦୨୨ ରେ ଶେଷ ହେବାର ଥିଲା । କିନ୍ତୁ ତାହା ହୋଇ ପାରିଲା ନାହିଁ ତେଣୁ ମନ୍ତ୍ରୀ କେତେ ଜଣ ଠିକାଦାରଙ୍କ ଉପରେ ଆକ୍ସନ ନେଇଛନ୍ତି କୁହନ୍ତୁ । ଜବାବରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ସୁଜାତା ଅପା ଆଜି ବିଧାନସଭାରେ ସତ ଖୋଲି କହି ଦେଇଛନ୍ତି । ଆପଣଙ୍କ ସରକାର ୮ ବର୍ଷ ଭିତରେ ଯାହା କରି ପାରିଲେ ନାହିଁ । ତାହା ଆମଠୁ ଆପଣ ୧୭ ମାସରେ ଚାହୁଁଛନ୍ତି ।

## ଜରିମାନା ଗଣିଛନ୍ତି ୩୧୯ ଦୋକାନୀ

**ଭୁବନେଶ୍ୱର,୨।୧୨(ମହାଭାରତ):** ଓଡ଼ିଆରେ ନାମ ଫଳକ ନ ଥିବାରୁ ୩୧୯ ଦୋକାନୀଙ୍କଠୁ ଜରିମାନା ଆଦାୟ ହୋଇଛି। ଏନେଇ ଗୃହରେ ସୂଚନା ଦେଲେ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ଆଜି ବିଧାନସଭା ଅଧିବେଶନ ଥିଲା ପଞ୍ଚମ ଦିବସ। ଝାରସୁଗୁଡା ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ଉତ୍ତର ଦେଇଛନ୍ତି ମନ୍ତ୍ରୀ। ଗୃହରେ ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରଶ୍ନ କରିଥିଲେ ଯେ ୨୦୨୦ ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କେଉଁ କେଉଁ ତାରିଖରେ ବିଭିନ୍ନ ପ୍ରତିଷ୍ଠାନର ନାମଫଳକ ଓଡିଆରେ ଲେଖିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲାଣି; ଓଡ଼ିଆ ଭାଷାରେ ନାମଫଳକ ନ ଲେଖୁଲେ କ'ଣ ସବୁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି ଓ ଏହି ଆଧାରରେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ପ୍ରତିଷ୍ଠାନ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

## ପଶୁ-ମଣିଷ ଲଢେଇରେ ଗଲାଣି ୧୩୯୬ ଜୀବନ

**ଭୁବନେଶ୍ୱର,୨।୧୨(ମହାଭାରତ:** ବନ୍ୟପ୍ରାଣୀ ଓ ମଣିଷ ଲଢେଇରେ ୧୦ ବର୍ଷରେ ଗଲାଣି ୧,୩୯୬ ଲୋକଙ୍କ ଜୀବନ । ସେହିପରି ମୃତ୍ୟୁ ବରଣ କଲେଣି ୫,୬୦୯ ସଂଖ୍ୟକ ବନ୍ୟପ୍ରାଣୀ ।

ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ବନ୍ୟପ୍ରାଣୀ ଓ ମଣିଷ ଲଢେଇ ମଧ୍ୟରେ ୫,୬୦୯ ସଂଖ୍ୟକ ବନ୍ୟପ୍ରାଣୀ ମୃତ୍ୟୁବରଣ କରିଛନ୍ତି । ଗତ ୧୦ ବର୍ଷରେ ୧,୩୯୬ ଜଣ ଲୋକଙ୍କ ମୃତ୍ୟୁ ହୋଇଛି ଓ ଏଥିନିମନ୍ତେ ସରକାରଙ୍କ ଦ୍ୱାରା ୬୧୭୪.୬୮ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି ।ମୃତ୍ୟୁ ସଂଖ୍ୟାରେ ରୋକ ଲଗାଇବା ନିମନ୍ତେ ବିଭାଗ ପକ୍ଷରୁ ବନ୍ୟପ୍ରାଣୀଙ୍କ ବାସସ୍ଥଳୀର ସୁରକ୍ଷା ଓ ସମୃଦ୍ଧି, ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରଣ ଭୂମିର ବିକାଶ, କୃତ୍ରିମ ଜଳାଶୟ ସୃଷ୍ଟି, ଜଙ୍ଗଲ ନିଆଁରୁ ରକ୍ଷା, ଶୀକାର ନିରୋଧକ ଶୀବିର, ପକ୍ଷୀ ସୁରକ୍ଷା ଶୀବିର, ଜଙ୍ଗଲରେ ପଇଁତରା, ବୈଷୟୀକ ଜ୍ଞାନ କୌଶଳର ଉପଯୋଗୀତା ଦ୍ୱାରା ବନ୍ୟପ୍ରାଣୀ ଓ ଶିକାରୀଙ୍କ ଗତିବିଧି ନିରିକ୍ଷଣ, ସ୍ୱାର୍ଡ ମୁତୟନ, ଜନ ସଚେତନତା ଇତ୍ୟାଦି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି । ବିଧାୟକ ଅଖିଳ ଚନ୍ଦ୍ର ନାୟକଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ।

# ଫିଟ୍ ଇଣ୍ଡିଆ ଲକ୍ଷ୍ୟ ହାସଲ ଦିଗରେ ସାଇକେଲିଂ ଗୁରୁତ୍ୱପୂର୍ଣ୍ଣ : ଧର୍ମେନ୍ଦ୍ର

**ସମ୍ବଲପୁର,୨।୧୨ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ 'ଫିଟ୍ ଇଣ୍ଡିଆ ମୁଭମେଂଟ' ଆରମ୍ଭ କରି ଦେଶର ପ୍ରତ୍ୟେକ ନାଗରିକଙ୍କୁ ସୁସ୍ଥ ରହିବା ପାଇଁ ପ୍ରେରଣା ଦେଇ ଆସୁଛନ୍ତି। ଏହି 'ଫିଟ୍ ଇଣ୍ଡିଆ' ଲକ୍ଷ୍ୟ ହାସଲ ଦିଗରେ ସାଇକେଲିଂ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ସମ୍ବଲପୁରରେ "୩୦ତମ ନ୍ୟାସନାଲ ରୋଡ୍ ସାଇକେଲିଂ ଚାମ୍ପିୟନସିପ - ୨୦୨୫"ର ଉଦଘାଟନୀ ସମାରୋହରେ ଭିଡ଼ିଓ ବାର୍ତ୍ତା ଜରିଆରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ଶ୍ରୀ ପ୍ରଧାନ କହିଛନ୍ତି, କଳା ଓ ସଂସ୍କୃତିର ସହର ସମ୍ବଲପୁରରେ ଆୟୋଜିତ "୩୦ତମ ନ୍ୟାସନାଲ ରୋଡ୍ ସାଇକେଲିଂ ଚାମ୍ପିୟନସିପ - ୨୦୨୫" କେବଳ ଏକ ପ୍ରତିଯୋଗିତା ନୁହେଁ, ଏହା ହେଉଛି ଭାରତର ଶ୍ରେଷ୍ଠ ସାଇକେଲ ଚାଳକମାନଙ୍କ ପ୍ରତିଭାକୁ ଗୋଟିଏ ମଞ୍ଚରେ ଏକାଠି କରିବାର ମହାନ ଅବସର। ଏହି ଚାମ୍ପିଅନସିପ୍ ଚଳିତ ଡିସେମ୍ବର ୨ରୁ ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୬ ପର୍ଯ୍ୟନ୍ତ ଚାଲିବ। ସମ୍ବଲପୁରର ନକ୍ସାପାଲିରୁ ଝାଙ୍କରପାଲି ପର୍ଯ୍ୟନ୍ତ ଏହି ସାଇକେଲ୍ ଯାତ୍ରା ଅନୁଷ୍ଠିତ ହେବ। ଓଡ଼ିଶା ସମେତ ସାରା ଭାରତବର୍ଷରୁ ଏହି ପ୍ରତିଯୋଗିତାରେ ପ୍ରାୟ ୮୫୦ରୁ ଅଧିକ ଚାଳକ ଏବଂ ୧୨୨ ଜଣ ଟିମ୍ ଅଧିକାରୀ ଅଂଶଗ୍ରହଣ କରିଛନ୍ତି, ଯାହା ଏକ ଶୁଭ ସଙ୍କେତ। ଏହି ଚାମ୍ପିଅନସିପ୍ ର ମୁଖ୍ୟ ଲକ୍ଷ୍ୟ ହେଉଛି - ଯୁବପିଢିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ଫିଟ୍ ନେସ୍ ପାଇଁ ଉତ୍ସାହିତ କରିବା।

ସେ ଆହୁରି କହିଛନ୍ତି, ଖେଳାଳିମାନେ ହେଉଛନ୍ତି ଦେଶର ବ୍ରାଣ୍ଡ ଆମ୍ବାସାଡର। ସେମାନଙ୍କର କଠିନ ପରିଶ୍ରମ ଓ ଦୃଢ଼ ସଂକଳ୍ପ ଦେଶକୁ ଅନେକ ସଫଳତା ଦେଇଛି। ଜୀବନରେ କାର୍ଯ୍ୟ କରିବା ଯେପରି ଜରୁରୀ, ସେହିପରି ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଖେଳ ଏବଂ ଫିଟନେସ୍ ମଧ୍ୟ ଜରୁରୀ। ଏହି ଚାମ୍ପିୟନସିପରେ ଭାଗ ନେଇଥିବା ପ୍ରତିଯୋଗୀମାନେ କେବଳ ପ୍ରତିଯୋଗିତା କରନ୍ତୁ ନାହିଁ, ବରଂ ନିଜ ନିଜ ମଧ୍ୟରେ କ୍ରୀଡ଼ା ମନୋଭାବ ମଧ୍ୟ ବଜାୟ ରଖନ୍ତୁ। ଆଜି ଜାତୀୟ ଶିକ୍ଷା ନୀତି -୨୦୨୦ରେ ଖେଳ; ପାଠପଢାର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି। ଏହି ଶିକ୍ଷା ନୀତିର ନୀତିର ଲକ୍ଷ୍ୟ ହେଉଛି, ପିଲାମାନଙ୍କୁ ତୃଣମୂଳ ସ୍ତରରୁ ଆରମ୍ଭ କରି ଅଲିମ୍ପିକ୍ସ ପର୍ଯ୍ୟନ୍ତ ଏକ ସୁଦୃଢ଼ କ୍ରୀଡ଼ା ଭିତିଭୂମି ଯୋଗାଇଦେବା। ମା'ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ସମ୍ବଲପୁରରୁ ଆରମ୍ଭ ହେଉଥିବା ଏହି ଯାତ୍ରା ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏବଂ ଭାରତର ସ୍ଥାନକୁ ମଜବୁତ୍ କରିବ। ଏହି ପ୍ରତିଯୋଗିତା କେବଳ ସମ୍ବଲପୁରର ପରିଚୟ ବଢାଇବ ନାହିଁ, ବରଂ ଆମର 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସଂକଳ୍ପକୁ ମଧ୍ୟ ସୁଦୃଢ଼ କରିବ ଏବଂ ଅନ୍ୟମାନଙ୍କୁ ସାଇକେଲିଂ ଓ ଫିଟ୍‌ନେସ୍ ଆଡ଼କୁ ଆକର୍ଷିତ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ବିଭାଗର ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ୫ ଦିନ ଧରି ମାଆ ସମଲେଶ୍ୱରୀଙ୍କ ପୀଠ, ସନ୍ଥକବି ଭୀମ ଭୋଇଙ୍କ ପୀଠ ଶୂନ୍ୟବ୍ରହ୍ମ, ହୀରାକୁଦ ଡ୍ୟାମ, ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ଖିଣ୍ଡା, ଉଷାକୋଠି, ଦେବ୍ରିଗଡ଼ ଅଭୟାରଣ୍ୟ ଭଳି ସ୍ଥାନ ପରିଦର୍ଶନ କରିବା ପାଇଁ ସେ ପ୍ରତିଯୋଗୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ସଞ୍ଚାର ସାଥୀ ଆପ୍‌କୁ ନେଇ ତୁମ୍ବିତୋଫାନ

**ନୂଆଦିଲ୍ଲୀ,୨।୧୨(ମହାଭାରତ):** ଫୋନ୍ କମ୍ପାନୀଗୁଡ଼ିକୁ ସଞ୍ଚାର ସାଥୀ ଆପ୍ ପ୍ରି-ଇନଷ୍ଟଲ କରିବାକୁ ନିର୍ଦ୍ଦେଶ ଦିଆଯିବା ପରେ ହୋଇଥିବା ବିରୋଧ ପ୍ରଦର୍ଶନ ଉପରେ ସରକାର ନିଜର ମତ ସ୍ପଷ୍ଟ କରିଛନ୍ତି । କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସଫେଇ ଦେଇ କହିଛନ୍ତି ଯେ, ବିରୋଧୀ ଦଳ ସଞ୍ଚାର ସାଥୀ ଆପ୍ ବିଷୟରେ ଲୋକଙ୍କୁ ଭ୍ରମିତ କରୁଛନ୍ତିଏହା ସମ୍ପୂର୍ଣ୍ଣ ଇଚ୍ଛାଧୀନ, ଲୋକେ ଏହାକୁ ରଖିବାକୁ ଚହୁଁଛନ୍ତି କି ନାହିଁ ତାହା ସେମାନଙ୍କ ଉପରେ ନିର୍ଭର କରେ । ଏହାକୁ ହଟାଇ ମଧ୍ୟ ଦିଆଯାଇପାରିବ । ଏହା କୌଣସି ପ୍ରକାରେ ବାଧ୍ୟତାମୂଳକ ଆପ୍ ନୁହେଁ ।

ସିନ୍ଧିଆ କହିଛନ୍ତି, ଏହି ଆପ୍ କେବଳ ବ୍ୟବହାରକାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଲଞ୍ଚ କରାଯାଇଛି। ପୂର୍ବରୁ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଏହି ଆପକୁ ଏକ ଗୁପ୍ତଚର ଆପ୍ ଭାବରେ ବର୍ଣ୍ଣନା କରି କହିଥିଲେ, ନାଗରିକମାନଙ୍କର ଗୋପନୀୟତାର ସାମ୍ବିଧାନିକ ଅଧିକାର ଅଛି । ସରକାରୀ ନଜର ବିନା ସମସ୍ତେ ପରିବାର ଏବଂ ବନ୍ଧୁମାନଙ୍କୁ ବାର୍ତ୍ତା ପଠାଇପାରିବେ । ଦୂରସଂଚାର ବିଭାଗ ମୋବାଇଲ୍ ହ୍ୟାଣ୍ଡସେଟ୍ ନିର୍ମାତା ଏବଂ ଆମଦାନିକାରୀମାନଙ୍କୁ ୯୦ଦିନ ମଧ୍ୟରେ ସମସ୍ତ ନୂତନ ଡିଭାଇସରେ ଠକେଇ ରିପୋର୍ଟିଂ ସଞ୍ଚାର ସାଥୀ ଆପ୍ ପ୍ରି-ଇନଷ୍ଟଲ୍ କରିବାକୁ ନିର୍ଦ୍ଦେଶ ଦେଇଛି । ଏହି ନିର୍ଦ୍ଦେଶ ନଭେମ୍ବର ୨୮ ତାରିଖରେ ଜାରି କରାଯାଇଥିଲା। ଏହାକୁ ବିରୋଧୀ ଦଳ ପକ୍ଷରୁ ସମାଲୋଚନା କରାଯାଇଥିଲା । ସିପିଆଇ-ଏମ ସାଂସଦ ଜନ୍ ବ୍ରିଟାସ୍ କହିଥିଲେ, ଯୋଗାଯୋଗ ସହଯୋଗୀ ଅାପ୍ ଲୋକଙ୍କ ଗୋପନୀୟତାରେ ସିଧାସଳଖ ଅନୁପ୍ରବେଶ ଏବଂ ସୁପ୍ରିମକୋର୍ଟଙ୍କ ୨୦୧୭ ପୁଟାସ୍ୱାମୀ ରାୟକୁ ଉଲ୍ଲଂଘନ କରୁଛି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ସଂଚାର ସାଥୀ ଆପ୍‌କୁ ଲୋକଙ୍କ ସ୍ୱରକୁ ଦମନ କରିବା ପାଇଁ କେନ୍ଦ୍ର ସରକାରଙ୍କ ଆଉ ଏକ ପ୍ରୟାସ ବୋଲି ବର୍ଣ୍ଣନା କରିଛନ୍ତି।

ଖଡଗେ ମଙ୍ଗଳବାର ଏକ ଏକ୍ସ-ପୋଷ୍ଟରେ କହିଛନ୍ତି ଯେ ନାଗରିକଙ୍କ ମୋବାଇଲ୍ ଫୋନ୍‌ରେ ଏହି ଆପ୍‌କୁ ପ୍ରିଲୋଡ୍ କରିବାର ନିଷ୍ପତି କୌଣସି ଚୁକ୍ତି କିମ୍ବା ପରାମର୍ଶ ବିନା ନିଆଯାଇଛି, ଯାହା ଏକଛତ୍ରବାଦୀ। ସରକାର କାହିଁକି ଜାଣିବାକୁ ଚାହାଁନ୍ତି ଯେ ଲୋକମାନେ ସେମାନଙ୍କ ପରିବାର ଏବଂ ବନ୍ଧୁମାନଙ୍କ ସହିତ କ'ଣ କଥା ହେଉଛନ୍ତି ? ସେ କହିଛନ୍ତି ଯେ ଏହା ପ୍ରଥମ ଥର ନୁହେଁ ଯେତେବେଳେ ଆମର ଡିଜିଟାଲ୍ ଗୋପନୀୟତା ଉପରେ ଆକ୍ରମଣ ହେଉଛି।

## ଗାଜର ଖିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ ଖିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ । ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ । ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି। ଏବେ ଏଥିରେ ଗୁଜୁରାତି ଗୁଣ୍ଡ, କିସମିସ୍, କାଜୁ ପକାଇ। ଏବେ ପ୍ରସ୍ତୁତ ହୋଇଗଲା ଗାଜ ଖିରି। ଏହାକୁ ଆପଣ ଗରମ ଗରମ ଖାଇପାରିବେ।



## ଖବର

# ୭୧ ବର୍ଷ ବୟସରେ ସରକାରୀ ଚାକିରି କଲେ କମଲ ହାସନ



କେରଳରେ ଆୟୋଜିତ ହୋଇଥିବା ହାର୍ଟସ ଆର୍ଟ ଆଣ୍ଡ୍ ଲିଟ୍ରେଚର ଫେଷ୍ଟିଭାଲରେ ନଜର ଆସିଲେ ଅଭିନେତା କମଲ ହାସନ । ୭୧ ବର୍ଷ ବୟସରେ କଲେ ସରକାରୀ ଚାକିରି । ଯାହା ନିଜେ କମଲ କହିଛନ୍ତି । ଆୟୋଜିତ ହୋଇଥିବା ଫେଷ୍ଟିଭାଲରେ ଅଭିନେତା ମଞ୍ଜୁ ୱାରିୟରଙ୍କ ସହିତ ଏକ ସ୍ୱତନ୍ତ୍ର ଅଧିବେଶନରେ ଯୋଗ ଦେଇଥିଲେ । ଯେଉଁଠାରେ ସେମାନେ ସିନେମାଠାରୁ ଆରମ୍ଭ କରି ରାଜନୀତି ପର୍ଯ୍ୟନ୍ତ ବିଭିନ୍ନ ବିଷୟ ଉପରେ ଏକ ଆଲୋଚନା କରିଥିଲେ । ଏହାରି ମଧ୍ୟରେ କମଲ ହାସିନ ତାଙ୍କ ଅପୂର୍ଣ୍ଣ ଇଚ୍ଛା ପ୍ରକାଶ କରିଛନ୍ତି । ଯାହା ହୃଦୟ ବିଦାରକ ଥିଲା ।କମଲ ହାସନ କହିଛନ୍ତି ଯେ, ଯେତେବେଳେ ସେ ସାଂସଦ ଥିଲେ ତାଙ୍କ ବାପା, ମାଆଙ୍କୁ ମନେ ପକାଇ ଥିଲେ । ଆହୁରି ମଧ୍ୟ ସେ କହିଛନ୍ତି ଯେତେବେଳେ ମୁଁ ଦସ୍ତଖତ କରିବାକୁ ଯାଇଥିଲି, ପ୍ରଥମେ ମୋ ମନକୁ ମୋ ବାପା ଏବଂ ମାଆଙ୍କ କଥା ଆସିଥିଲା । ମୋ ମାଆ ସବୁବେଳେ କହୁଥିଲେ ଯେ ଯଦି ମୁଁ ଅତି କମରେ ଏସଏଲସି ପରୀକ୍ଷା ପାସ୍ କରିଥାଆନ୍ତି, ତେବେ ମୁଁ ରେଳବାଇରେ ସରକାରୀ ଚାକିରି ପାଇଥାନ୍ତି। କିନ୍ତୁ ସେ ୭୧ ବର୍ଷ ବୟସରେ ତାଙ୍କ ବାପାମାଆଙ୍କ ସ୍ୱପ୍ନ ପୂରଣ କରି ପାରିଛନ୍ତି । କମଲ ଏତେ ଭାବପ୍ରବଣ ଥିଲେ ଯେ ଅଭିନେତା ଇଚ୍ଛା କରୁଥିଲେ ଶେଷରେ ସେ ଏକ ସରକାରୀ ଚାକିରି ପାଇଛନ୍ତି ବୋଲି ସେମାନଙ୍କୁ ଫୋନ୍ କରି କହିପାରିବେ । ଏଥିସହ ସେ ଏହା ମଧ୍ୟ କହିଥିଲେ ଯେ, ଲୋକଙ୍କ ସେବା କରିବା ସର୍ବଦା ତାଙ୍କର ଇଚ୍ଛା ଏବଂ ସାଂସଦ ହେବା ତାଙ୍କ ପାଇଁ ଏକ ସମ୍ମାନ ।ଯଦି ତାଙ୍କ କ୍ୟାରିୟର କଥା କୁହାଯାଏ ତେବେ ସେ ଶେଷ ଥର ପାଇଁ ମଣିରତ୍ନମଙ୍କ ଠଗ୍ସ ଅଫ୍ ଲାଇଫ୍ ରେ ଦେଖିବାକୁ ମିଳିଥିଲା । ସେ ଖୁବ୍ ଶୀଘ୍ର ନିର୍ଦ୍ଦେଶକ ଯୋଡି ଅମ୍ବାରୀଭଙ୍କ ଏକ ନାମକହୀନ ଚଳଚ୍ଚିତ୍ରରେ ନଜର ଆସିବେ।

## ମହର୍ଷି ଅଙ୍ଗିରା

ମନ୍ତ୍ରଦ୍ରଷ୍ଟା, ବ୍ରହ୍ମଜ୍ଞାନୀ, ପରମତେଜସ୍ୱୀ ମହର୍ଷି ଅଙ୍ଗିରା ଥିଲେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ମାନସପୁତ୍ର । ଥରେ ସେ କଠୋର ତପସ୍ୟା ଆରମ୍ଭ କଲେ । ଅନେକ ଦିନ ଧରି ତପସ୍ୟା ଜାରି ରଖିବାରୁ ତାଙ୍କର ତପୋବଳର ତେଜ ତିନିପୁରକୁ ବ୍ୟାପିଗଲା । ଦେବତାମାନେ ଚିନ୍ତିତ ହୋଇପଡ଼ିଲେ । ମାତ୍ର କିଛି କରିବାର ବାଟ ନଥିଲା। ମହର୍ଷି ଅଙ୍ଗିରାଙ୍କ ତପସ୍ୟାର ତେଜ ଦିନକୁ ଦିନ ବଢ଼ିଚାଲିଲା । ତାଙ୍କର ତେଜ ସମ୍ମୁଖରେ ଅଗ୍ନିଦେବଙ୍କ ତେଜ ମଧ ଫିକା ପଡ଼ିଗଲା । ସେ ସମୟରେ ଅଗ୍ନିଦେବ ଜଳ ମଧ୍ୟରେ ରହି ଧ୍ୟାନମଗ୍ନ ଥିଲେ । ମହର୍ଷି ଅଙ୍ଗିରାଙ୍କ ତେଜବୃଦ୍ଧି କଥା ସେ ଜାଣିପାରିଲେ । ଏହାପରେ ସେ ମହର୍ଷିଙ୍କ ନିକଟକୁ ଆସିଲେ ଏବଂ ତାଙ୍କୁ ହାତଯୋଡ଼ି କହିଲେ, ହେ ମହର୍ଷି ! ଆପଣଙ୍କ ତପୋବଳର ତେଜ ଏବଂ ପ୍ରଭାବ ମୋର ତେଜ ଠାରୁ ଅଧିକ ହୋଇଯାଇଛି । ଏବେ ମୁଁ ମୋର ପରିଚୟ ହରାଇବାକୁ ବସିଛି । ଆପଣଙ୍କୁ ଏବେ ଜଗତବାସୀ ଅଗ୍ନି ବୋଲି କହିବେ। ଆପଣଙ୍କ ପରେ ମୋତେ ଦ୍ୱିତୀୟ ଅଗ୍ନି କହିବେ । ଆପଣଙ୍କ ସମ୍ମୁଖରେ ମୋର



ପ୍ରତିଷ୍ଠା ତୁଚ୍ଛ ହୋଇଯାଇଛି । ଅଗ୍ନିଦେବଙ୍କ କଥା ଶୁଣିବା ପରେ ମହର୍ଷି ଅଙ୍ଗିରା ତାଙ୍କୁ ଯଥାମାନ୍ୟ ଜଣାଇଲେ । ଏହାପରେ ସେ ଅଗ୍ନିଦେବଙ୍କୁ ସମସ୍ତ ଦେବତାଙ୍କ ପାଇଁ ଯଜ୍ଞର ହବି ଗ୍ରହଣ ଅଧିକାର ପ୍ରଦାନ କଲେ । ସେଦିନ ଠାରୁ ଯେତେବେଳେ ବି ଯଜ୍ଞ ଅଗ୍ନିରେ କୌଣସି ପବିତ୍ର ବସ୍ତୁ ଅର୍ପଣ କରାଯାଏ, ଅଗ୍ନିଦେବ ତାହାକୁ ଗ୍ରହଣ କରି ସମସ୍ତ ଦେବାଦେବୀଙ୍କ ନିକଟରେ ପହଞ୍ଚାଇଥାନ୍ତି । ଏଥିସହିତ ଅଗ୍ନିଦେବଙ୍କୁ ମହର୍ଷି ଅଙ୍ଗିରା ପୁତ୍ର ରୂପେ ଗ୍ରହଣ କରିଥିଲେ । ମହର୍ଷି ଅଙ୍ଗିରା ପରମଜ୍ଞାନୀ ଥିଲେ । ସେ 'ଅଙ୍ଗିରାସ୍ମୃତି' ରଚନା କରିଯାଇଛନ୍ତି । ଯେଉଁଥିରେ ଧର୍ମାଚରଣ ନିମନ୍ତେ ବେଶ ଉପାଦେୟ ଶିକ୍ଷା ପୂରି ରହିଛି ।

# କର୍ମ ବଡ଼ କି ଭାଗ୍ୟ ?

ଏ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ କର୍ମ ଉପରେ ବିଶ୍ୱାସ କରିଥାନ୍ତି । ସେମାନଙ୍କ ବିଶ୍ୱାସ, ଭାଗ୍ୟ ବୋଲି କିଛି ନାହିଁ । କିନ୍ତୁ ଭାଗ୍ୟବାଦୀ ଲୋକମାନେ କୁହନ୍ତି, ଭାଗ୍ୟରେ ଯାହା ଲେଖା ହୋଇଛି, ତାହା ନିଶ୍ଚିତ ଭାବେ ମିଳିବ । ଅର୍ଥାତ୍ କର୍ମ ଏବଂ ଭାଗ୍ୟ ଏ ଦୁଇଟି ବିନ୍ଦୁ ଉପରେ ମନୁଷ୍ୟ ସର୍ବଦା ଭ୍ରମଣ କରିଥାଏ । ଦିନେ ତା'କୁ ଏ ଜଗତରୁ ବିଦାୟ ନେବାକୁ ହୋଇଥାଏ । ଭାଗ୍ୟ ଏବଂ କର୍ମକୁ ଭଲ ଭାବେ ଜାଣିବା ଲାଗି ପୁରାଣରେ ଅନେକ କାହାଣୀ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଥରେ ଦେବର୍ଷି ନାରଦ ବୈକୁଣ୍ଠ ଧାମରେ ପହଞ୍ଚିଲେ । ସେଠାରେ ଭଗବାନ ବିଷ୍ଣୁଙ୍କୁ ପ୍ରଣାମ କଲେ । ଶ୍ରୀହରିଙ୍କୁ ଦେବର୍ଷି ନାରଦ କହିଲେ, ପ୍ରଭୁ ! ପୃଥିବୀରେ ଆପଣଙ୍କ ପ୍ରଭାବ କମ୍ ହେବାରେ ଲାଗିଛି । ଧର୍ମ ପଥରେ ଚାଲୁଥିବା ଲୋକମାନଙ୍କୁ ଭଲ ଫଳ ମିଳୁନାହିଁ । ହେଲେ ପାପ କରୁଥିବା ଲୋକମାନଙ୍କର ଭଲ ହେଉଛି ।

ଏହା ଶୁଣି ଶ୍ରୀହରି କହିଲେ, ଏହା ସତ୍ୟ ନୁହେଁ ଦେବର୍ଷି । ଯାହା ଘଟୁଛି ସେସବୁ ଭାଗ୍ୟ ବଳରୁ ସମ୍ଭବ ହେଉଛି । ନାରଦ କହିଲେ, ମୁଁ ଏବେ ଦେଖିକି ଆସିଲି । ପୃଥିବୀରେ ପାପୀ ଲୋକମାନଙ୍କୁ ଭଲ ଫଳ ମିଳୁଛି । କିନ୍ତୁ ଭଲ କାମ କରୁଥିବା ଲୋକ ଧର୍ମର ରାସ୍ତାରେ ଚାଲୁଥିବା ଲୋକଙ୍କୁ ଖରାପ ଫଳ ପ୍ରାପ୍ତ ହେଉଛି । ଭଗବାନ କହିଲେ, ତୁମେ ସେମିତି କିଛି ଘଟଣା ସମ୍ପର୍କରେ ମୋତେ କହିପାରିବ କି ? ନାରଦ କହିଲେ, ମୁଁ ଏବେ ଏକ ଜଙ୍ଗଲ ଦେଇ ଆସିଲି । ସେଠାରେ ଗୋଟିଏ ଗାଈ ପଙ୍କରେ ଫସିଥିଲା । ତା'କୁ ରକ୍ଷା କରିବା ଲାଗି କେହି ନଥିଲେ । ଏହି ସମୟରେ ଏକ ଚୋର ସେହି ରାସ୍ତା ଦେଇ ଗଲା । ଗାଈକୁ ପଙ୍କରେ ଫସିଥିବା ଦେଖି ସେ ଅଟକିଲା ନାହିଁ । ଓଲଟି ଗାଈ ଉପରେ ପାଦ ରଖି ପଙ୍କରୁ ଉଦ୍ଧାର ପାଇ ଚାଲିଗଲା। ଆଗକୁ ଯିବା ପରେ ଚୋର ସୁନା ମୋହର ଭର୍ତ୍ତି ଏକ ଥଳୀ ପାଇଲା। କିଛି ସମୟ ପରେ ଜଣେ ବୃଦ୍ଧ ସାଧୁ ସେହି ରାସ୍ତା ଦେଇ ଗଲେ । ସେ ପଙ୍କରେ ଫସିଥିବା ଗାଈକୁ ଉଦ୍ଧାର କରିବା ଲାଗି ସମ୍ପୂର୍ଣ୍ଣ ଉଦ୍ୟମ କଲେ । ଶରୀରର ସମସ୍ତ ବଳ ଖଟାଇ ଗାଈକୁ ବଞ୍ଚାଇଦେଲେ। ହେଲେ ଗାଈକୁ ଉଦ୍ଧାର କରି କିଛି ବାଟ ଯିବା ପରେ ସେ ଏକ ଗାତରେ ଖସିପଡ଼ିଲେ । ପ୍ରଭୁ ! କୁହନ୍ତୁ ଏହା କିପରି ନ୍ୟାୟ ? ନାରଦ ପଚାରିଲେ । ତାଙ୍କ କଥା ଶୁଣି ପ୍ରଭୁ କହିଲେ, ତୁମେ ଯାହା ଭାବୁଛ ତାହା ଭୁଲ କଥା । ଯେଉଁ ଚୋର ଗାଈକୁ ଛାଡ଼ି ଦେଇ ଚାଲିଯାଇଥିଲା, ତା' ଭାଗ୍ୟରେ ସ୍ୱର୍ଣ୍ଣ ମୁଦ୍ରା ଲେଖାଥିଲା। ହେଲେ ଏହି କର୍ମ ଯୋଗୁ ସେ ଯେଉଁ ପାପ ଅର୍ଜନ କଲା ତା'ଦ୍ୱାରା ସେ ମାତ୍ର କିଛି ସ୍ୱର୍ଣ୍ଣ ମୁଦ୍ରା ପାଇଲା। ଅନ୍ୟପକ୍ଷରେ ସାଧୁ ଜଣକ ଗାଈକୁ ଉଦ୍ଧାର କରି ଖାତରେ ପଡ଼ିବାର ଅର୍ଥ ହେଉଛି, ତାଙ୍କ ଭାଗ୍ୟରେ ମୃତ୍ୟୁ ଲେଖାଥିଲା। ହେଲେ ଗାଈକୁ ବଞ୍ଚାଇଥିବା କାରଣରୁ ତାଙ୍କର ପୁଣ୍ୟବଳ ବୃଦ୍ଧି ପାଇଲା। ସେ ସହଜ ମୃତ୍ୟୁବରଣ କଲେ ଏବଂ ସାଂସାରିକ ଚକ୍ରରୁ ମୁକ୍ତି ପାଇବାରେ ସକ୍ଷମ ହେଲେ। ନିଜ ଜୀବନକୁ ଈଶ୍ୱରଙ୍କ ପ୍ରତି ସମର୍ପି ଦେଇଥିବା ସାଧୁ ଜଣକ ବୋଧହୁଏ ଏହା ହିଁ ଚାହୁଁଥିଲେ। ତେଣୁ ମନୁଷ୍ୟ କର୍ମ ବେଳେ ବେଳେ ତା'ର ଭାଗ୍ୟ ବଦଳାଇ ଦେଇଥାଏ।

ନାରଦ ଏଥର ବୁଝିପାରିଲେ, ମନୁଷ୍ୟ ନିରନ୍ତର କର୍ମ କରିବା ଆବଶ୍ୟକ, କାରଣ କର୍ମ ଭାଗ୍ୟ ବଦଳାଇବାରେ ସହାୟକ ହୁଏ ।

# ସୁଖମୟ ଦାମ୍ପତ୍ୟ ଜୀବନ ସହ ଜଡିତ ଜଣାଅଜଣା କଥା ...



■ ଦାମ୍ପତ୍ୟ ଜୀବନ ସୁଖମୟ ପାଇଁ ଗୁରୁବାର ଦିନ ହଳଦିଆ ବସ୍ତ୍ରରେ ୫ଟି ଗୁଜୁରାତି ରଖି ଗରିବକୁ ଦାନ ଦିଅନ୍ତୁ।

■ ଟଙ୍କା ସଞ୍ଚୟ ଅଥବା ରୋଜଗାର ନ ହୋଇପାରିଲେ ଏକ ହଳଦିଆ କପଡ଼ାରେ ଗୋଟିଏ ଗୁଜୁରାତି ରଖି ତକିଆ ତଳେ ରଖିଲେ, ଏହି ସମସ୍ୟା ଦୂର ହୋଇଯିବ।

■ ଶିକ୍ଷା କ୍ଷେତ୍ରରେ ଉନ୍ନତି ଚାହୁଁଥିଲେ, ଗୋଟିଏ ଗୁଜୁରାତିକୁ କ୍ଷୀରରେ ଫୁଟାଇ ନିୟମିତ ସାତଟି ସୋମବାର କୌଣସି ଗରିବ ଲୋକଙ୍କୁ ଦିଅନ୍ତୁ।

■ ଧନ ବୃଦ୍ଧି ପାଇଁ ନିଜ ପର୍ସରେ ସର୍ବଦା ୫ଟି ଗୁଜୁରାତି ରଖନ୍ତୁ।

■ ନିୟମିତ ଗୋଟିଏ ଗୁଜୁରାତି ଖାଇବା ଦ୍ୱାରା ପାଟିର ଦୁର୍ଗନ୍ଧ ସମସ୍ୟା ମଧ୍ୟ ଦୂର ହୋଇଥାଏ।

■ ଆକ୍ୱାରିୟମ – ଆକ୍ୱାରିୟମକୁ ଶୟନ କକ୍ଷରେ ରଖିବା ଉଚିତ ନୁହେଁ। ଏହାଦ୍ୱାରା ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହୋଇଥାଏ। ପତିପତ୍ନୀଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପଡ଼ିଥାଏ। ସର୍ବଦା ଚିନ୍ତା ଲାଗି ରହିଥାଏ।

■ ଘିକୁଆଁରୀ – ଗୃହରେ ଭୁଲ ସ୍ଥାନରେ ବୃକ୍ଷ ଲଗାଇଲେ ଏହା ଅଶୁଭ ଫଳ ପ୍ରଦାନ କରିଥାଏ। ଶୟନ କକ୍ଷରେ କୌଣସି ପ୍ରକାରର ବୃକ୍ଷ ରଖନ୍ତୁ ନାହିଁ କିମ୍ବା ଲଗାନ୍ତୁ ନାହିଁ। ଏହା ବୈବାହିକ ଜୀବନ ଉପରେ କୁପ୍ରଭାବ ପକାଇଥାଏ। ବିଶେଷ କରି ଶୟନ କକ୍ଷରେ ଘିକୁଆଁରୀ ବୃକ୍ଷ ଥିଲେ ପତିପତ୍ନୀଙ୍କ ମଧ୍ୟରେ ଦୂରତ୍ୱ ବଢିଥାଏ। ଏହାସହ ଆର୍ଥିକ କ୍ଷେତ୍ରରେ ମଧ ସମସ୍ୟା ଦେଖାଯାଏ।

■ ଶୟନ କକ୍ଷରେ ଥିବା ଖଟ ଅଳ୍ପ ଭାଙ୍ଗିଥିଲେ ମଧ ଏହାକୁ ବ୍ୟବହାର କରିବା ଉଚିତ ନୁହେଁ। ଏହାଦ୍ୱାରା ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହେବା ସହ ନକରାତ୍ମକ ପ୍ରଭାବ ପଡ଼ିଥାଏ।


■ ଶୟନକକ୍ଷରୁ ନକରାତ୍ମକ ଶକ୍ତି ଦୂର କରିବା ନିମନ୍ତେ ୨ଟି କର୍ପୁର ଆଳତୀ ଶୟନକକ୍ଷରେ କରନ୍ତୁ।

ଶୟନକକ୍ଷରେ ଅଇଁଠା ବାସନ ଆଦୌ ରଖନ୍ତୁ ନାହିଁ। ଏହାଦ୍ୱାରା ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଯାଏ ଓ ଅଶାନ୍ତି ସୃଷ୍ଟି ହୋଇଥାଏ।



# ବସିବା ଅଭ୍ୟାସ ଶରୀରକୁ ପହଞ୍ଚାଏ ହାନି

ସାଧାରଣତଃ ଆଜିକାଲିର ଯୁବପୀଢି ନିଜକୁ ଷ୍ଟାଇଲିସ୍ ଲୁକ୍ ଦେବା ପାଇଁ ବିଭିନ୍ନ ଚାଲିଚଳନକୁ ଆପଣାଇଥାନ୍ତି । ଅଧିକାଂଶ ଯୁବକଯୁବତୀ ଏବେ ବସିବା ସମୟରେ ସିଧା ହୋଇ ନବସି ଗୋଡ ଉପରେ ଗୋଡ ପକାଇ



କରି ବସୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଆପଣ ଜାଣନ୍ତି କି ଆପଣଙ୍କର ଏହି ବସିବା ଷ୍ଟାଇଲ ଆପଣଙ୍କ ଶରୀରକୁ ହାନି ପହଞ୍ଚାଇଥାଏ । ଆସନ୍ତୁ ଜାଣିବା ଏପରି ବସିବା ଶରୀର ଉପରେ କ'ଣ ପ୍ରଭାବ ପକାଇଥାଏ ।

ପେଲଭିକ୍ ଇନବାଲାନ୍ସ: ଏପରି ବସିବା ଦ୍ୱାରା ମଣିଷ ଶରୀରର ପେଲଭିକ୍ ମାଂସପେଶୀ ଅସନ୍ତୁଳନ ହୋଇଥାଏ । ଏପରି ପ୍ରତିଦିନ ଅଧିକ ଘଣ୍ଟା ବସିବା ଦ୍ୱାରା ଜଘଂ ସଙ୍କୁଚିତ, ଫୁଲିବା ଇତ୍ୟାଦି ସମସ୍ୟା ଦେଖିବାକୁ ମିଳିଥାଏ ।

ବ୍ଲଡ ସର୍କୁଲେସନ ଉପରେ ପ୍ରଭାବ
ଗୋଡ ଉପରେ ଗୋଡ ରଖି ବସିବା ଦ୍ୱାରା କେବଳ ବ୍ଲଡ ପ୍ରେସର ନୁହେଁ ବରଂ ବ୍ଲଡ ସର୍କୁଲେସନ ମଧ୍ୟ ପ୍ରଭାବିତ ହୋଇଥାଏ । ଏପରି ସ୍ଥିତିରେ ବସିବା ସମୟରେ ଦୁଇଟି ଯାକ ଗୋଡରେ ସମାନ ପରିମାଣରେ ବ୍ଲଡ ସର୍କୁୟଲେସନ ହୋଇନଥାଏ । ଏହି କାରଣରୁ ଗୋଡ ଝିମିଝିମ୍ ହୋଇଯାଇଥାଏ ।

ବ୍ଲଡପ୍ରେସର ଉପରେ ପ୍ରଭାବ
ଗୋଡ ଉପରେ ଗୋଡ ରଖି ବସିବା ଦ୍ୱାରା ରକ୍ତଚାପ ବଢିଥାଏ । ସେଥିପାଇଁ ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ଏପରି ପୋଜିସନରେ ବସିବା ଉଚିତ୍ ନୁହେଁ । ଏହାଛଡା ଯାହାର ରକ୍ତଚାପ ସମସ୍ୟା ନଥାଏ, ସେମାନେ ମଧ୍ୟ ଏପରି ସ୍ଥିତିରେ ବସନ୍ତୁ ନାହିଁ ।

ଲୋୟର ବ୍ୟାକ୍ ଯନ୍ତ୍ରଣା
ଆପଣ ବସିବା ଉଠିବା ସମୟରେ ଅଣ୍ଟାର ତଳ ଭାଗରେ ଯନ୍ତ୍ରଣା ହେଉଛି କି ? ଯଦି ଏପରି ହେଉଥାଏ, ତେବେ ଗୋଡ ଉପରେ ଗୋଡ ପକାଇ ବସନ୍ତୁ ନାହିଁ।

ଜଏଣ୍ଟ ପେନ୍
ଅଫିସରେ ୮ରୁ ୯ ଘଣ୍ଟା ଚେୟାରରେ ବସିବା ଦ୍ୱାରା ଗୋଡର ଗଣ୍ଠି ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଯଦି ଆପଣ ଏପରି ସମସ୍ୟାରେ ଗତି କରୁଥାନ୍ତି ଏବଂ ଯୋଗ, ବ୍ୟାୟାମ କରି ମଧ୍ୟ ଏହି ଯନ୍ତ୍ରଣା କମ୍ ହେଉନି । ତେବେ ଆପଣ ଗୋଡ ଉପରେ ଗୋଡ ପକାଇ ବସିବା ଅଭ୍ୟାସ ବନ୍ଦ କରିଦିଅନ୍ତୁ। ଏହାହିଁ ଜଏଣ୍ଟ ପେନର ପ୍ରମୁଖ କାରଣ।

# ଲିଙ୍ଗଗତ ଦାୟିତ୍ୱବୋଧ କକ୍ଷ ଉଦଘାଟିତ

**ଭୁବନେଶ୍ୱର,୨।୧୨ (ମହାଭାରତ):** ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡା ଆଜି କୃଷି ଭବନରେ ମିଳିତ ଭାବରେ ଲିଙ୍ଗଗତ ଦାୟିତ୍ୱବୋଧ କକ୍ଷ ଉଦଘାଟନ କରିଛନ୍ତି। ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ ସହିତ ମିଳିତ ଭାବରେ ଉଦଘାଟନ ହୋଇଥିବା ଏହି କକ୍ଷ ରାଜ୍ୟର କୃଷି ଶାସନ ବ୍ୟବସ୍ଥାରେ ଲିଙ୍ଗଗତ ସମାନତାକୁ ବ୍ୟବସ୍ଥିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ।

ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀସିଂହଦେଓ ଗୁରୁତ୍ୱାରୋପ କରିଥିଲେ ଯେ ଜିଆରସିର ଶୁଭାରମ୍ଭ ଅନ୍ତର୍ଭୁକ୍ତିମୂଳକ କୃଷି ବିକାଶ ପ୍ରତି ଓଡ଼ିଶାର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ଓଡ଼ିଶା ସର୍ବଦା ପ୍ରଗତିଶୀଳ କୃଷି ସଂସ୍କାରକୁ ସମର୍ଥନ କରିଆସିଛି ଏବଂ ଏହି ଲିଙ୍ଗଗତ ଦାୟିତ୍ୱବୋଧ କକ୍ଷର ଶୁଭାରମ୍ଭ କୃଷି ଶାସନକୁ ଅଧିକ ଅନ୍ତର୍ଭୁକ୍ତ, ପ୍ରମାଣ-କେନ୍ଦ୍ରିତ ଏବଂ ମହିଳା ଚାଷୀଙ୍କ ଆବଶ୍ୟକତା ପ୍ରତି ପ୍ରତିକ୍ରିୟାଶୀଳ କରିବା ପାଇଁ ଆମର ସଂକଳ୍ପକୁ ପ୍ରତିଫଳିତ କରେ। ଯେହେତୁ ମହିଳାମାନେ



ଆମର କୃଷି କର୍ମଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଆମେ ନିଶ୍ଚିତ କରିବା ଉଚିତ ଯେପରି ସେମାନେ ଯୋଜନା, ବଜାର ଏବଂ ସୁଯୋଗରେ ସମାନ ପ୍ରବେଶ ପାଇବେ।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏହି କକ୍ଷର ଆରମ୍ଭ କରିବାର ସମୟୋଚିତତା ଏବଂ ବ୍ୟାପକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଶେଷକରି ବିଶ୍ୱ ଜାତିସଂଘ ମହିଳା କୃଷକଙ୍କ ଅନ୍ତର୍ଜାତୀୟ ବର୍ଷ (୨୦୨୬) ପାଳନ କରିବାକୁ ପ୍ରସ୍ତୁତ ହେଉଥିବା ସମୟରେ ଆମେ ଏହି ସ୍ୱତନ୍ତ୍ର ଏଜଉର ଏହି ଶୁଭାରମ୍ଭ କରି ଆମ ରାଜ୍ୟର ମହିଳାମାନଙ୍କ ପ୍ରତି ଥିବା ଅଙ୍ଗୀକାରବଦ୍ଧତାକୁ ପ୍ରତିପାଦନ କରୁଛୁ। ଜିଆରସି ଏପରି ଏକ ମୁହୂର୍ତ୍ତରେ ଆରମ୍ଭ ହେଉଛି ଯେତେବେଳେ ସମଗ୍ର ବିଶ୍ୱର ଧାନ ମହିଳା କୃଷକମାନଙ୍କ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଅଧିକ ଅନ୍ତର୍ଭୁକ୍ତିମୂଳକ ବ୍ୟବସ୍ଥାର ଜରୁରୀ ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରୁଛି। ଆମର ଶାସନ ଢାଞ୍ଚାରେ ଲିଙ୍ଗଗତ ଅସମାନତାକୁ ଦୂରକରିବା ସହ ନୀତି ପ୍ରଣୟନ କରି ମହିଳା ଚାଷୀଙ୍କର ଆକାଂକ୍ଷାକୁ ପ୍ରକୃତରେ ପ୍ରତିଫଳିତ କରିବାରେ ସହଯୋଗ କରିବ।

ଡ଼ ଅରବିନ୍ଦ କୁମାର ପାଢୀ, ପ୍ରମୁଖ ଶାସନ ସଚିବ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ କହିଛନ୍ତି ଯେ, ଯୋଜନା, ବଜେଟ ପ୍ରସ୍ତୁତ, ସେବା ପ୍ରଦାନ, ତଦାରଖରେ ଏଜଉ ଆମକୁ ବ୍ୟବସ୍ଥିତ ଭାବରେ ଲିଙ୍ଗଗତ ଦୃଷ୍ଟିକୋଣରୁ ପ୍ରୟୋଗ କରିବାରେ ସାହାଯ୍ୟ କରିବ। ଏହି କକ୍ଷ ଏକ ବିଶ୍ଳେଷଣାତ୍ମକ କେନ୍ଦ୍ର ଭାବରେ ମଧ୍ୟ କାର୍ଯ୍ୟ କରିବ, ନୀତି ମୂଲ୍ୟାଙ୍କନ, ଲିଙ୍ଗ-ଆଧାରିତ ବଜେଟ ପ୍ରସ୍ତୁତ ଓ ତଥ୍ୟ-ଚାଳିତ ନିଷ୍ପତ୍ତି ଗ୍ରହଣକୁ ସମର୍ଥନ କରିବ। ଦକ୍ଷିଣ ଏସିଆର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ ଶାହିଦୁର ରସିଦ, ଏକ ଦୀର୍ଘକାଳୀନ ବୈଷୟିକ ଏବଂ ଜ୍ଞାନ ଅଂଶୀଦାର ଭାବରେ ରାଜ୍ୟ ପ୍ରତି ଆଇଏଫପିଆରଆଇର ସମର୍ଥନକୁ ପୁନଃ ପରିପ୍ରକାଶ କରିଥିଲେ।

ଉଦଘାଟନ ସମାରୋହ ଅଧିକାରୀ, ଗବେଷକ, ବିକାଶର ପ୍ରମୁଖ ଅଂଶୀଦାର ଓ ନାଗରିକ ସମାଜ ସଂଗଠନ ଗୁଡ଼ିକୁ ଏକ ସୁବ୍ୟବସ୍ଥିତ କୃଷି ବ୍ୟବସ୍ଥା ଗଠନ କରିବାକୁ ଏକତ୍ରିତ କରିଥିଲା ଯାହା ସମାନତା ଏବଂ ଭବିଷ୍ୟତ ପନ୍ଥା ପ୍ରସ୍ତୁତ କରିବ।

# ରାଜସ୍ୱ ଆଦାୟ ଲକ୍ଷ୍ୟ ୯୭୫୩ କୋଟି

**ଭୁବନେଶ୍ୱର,୨।୧୨ (ମହାଭାରତ):** ଚଳିତ ଆର୍ଥିକ ବର୍ଷରେ ଅବାକରୀ ରାଜସ୍ୱ ବାବଦରେ ସରକାର ୯୭୫୩ କୋଟି ୬୨ଲକ୍ଷ ଟଙ୍କା ପାଇବାର ଲକ୍ଷ୍ୟ ରଖିଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୨୦୨୦-୨୧ ବର୍ଷରେ ରାଜ୍ୟରେ ଅବକାରୀ ରାଜସ୍ୱ ବାଦରେ ୫୪୦୦ କୋଟି ୨୧ଲକ୍ଷ ଟଙ୍କା ଆଦାୟ ହୋଇଥିବାବେଳେ ୨୦୨୪-୨୫ ବର୍ଷରେ ଏହି ପରିମାଣ ୧୧,୪୨୯ କୋଟି ୭୪ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ସରକାର ଏ ବାବଦରୁ ୯୭୫୩ କୋଟି ୬୨ଲକ୍ଷ ଟଙ୍କା ପାଇବାର ଲକ୍ଷ୍ୟ ରଖିଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରର ଉଲ୍ଲେଖ କରିଛନ୍ତି ଯେ ଗତ ଆର୍ଥିକ ବର୍ଷରେ ଓଡିଶରେ ୮୪୦ ଲକ୍ଷ ବଲ୍କ ଲିଟର ଭାରତ ତିଆରି ବିଦେଶୀ ମଦ ବିକ୍ରି ହୋଇଥିବାବେଳେ ଏଥିରୁ ରାଜ୍ୟ ବାହାରୁ ପାଖପାଖି ୬୪ଲକ୍ଷ ଲିଟର ମଦ ଆମଦାନୀ ହୋଇଥିଲା। ସେହିଭଳି ଗତ ବର୍ଷ ରାଜ୍ୟରେ ୧୬୭୮ ଲକ୍ଷ ବଲ୍କ ଲିଟର ବିୟର ବିକ୍ରି ହୋଇଥିବାବେଳେ ଏଥି ମଧ୍ୟରୁ ୨୪୬ ଲକ୍ଷ ବଲ୍କ ଲିଟର ରାଜ୍ୟ ବାହାରୁ ଆମଦାନୀ ହୋଇଥିଲା। ତେବେ ବିକ୍ରି ହେଉଥିବା ଦେଶୀ ମଦ ଓ ବାହାର ଭାଟି ମଦ ସବୁ ଓଡିଶାରେ ପ୍ରସ୍ତୁତ ହେଉଛି। ଗତ ଆର୍ଥିକ ବର୍ଷରେ ଓଡିଶରେ ୧୮୩ଲକ୍ଷ ଲିଟର ଦେଶୀମଦ ବିକ୍ରି ହୋଇଥିବାବେଳେ ୧୩୧୪ ଲକ୍ଷ ଲିଟର ବାହାରଭାଟି ମଦ ବିକ୍ରି ହୋଇଛି।

# କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର,୨।୧୨ (ମହାଭାରତ):** ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଅନୁଷ୍ଠାନ ଆନୁକୂଲ୍ୟରେ ରାଜ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେଉଥିବା




"କବ୍ ବୁଲ୍‌ବୁଲ୍ ଉତ୍ସବ" ର ଆଜି ଥିଲା ଉଦ୍‌ଯାପନୀ ଦିବସ।

ଏହି ଶିବିର ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତା ଯଥା ଶାରୀରିକ କୌଶଳ ପ୍ରଦର୍ଶନ, ମୀନା ବଜାର, କବ୍ ବୁଲ୍‌ବୁଲ୍ ଗ୍ରିଟିଂ, କୌତୁକ ଖେଳ, ଦୁସାହସିକ, ଦଳଗତ ନୃତ୍ୟ, ରେଡ୍‌ଫ୍ଲାୱାର୍ କଳରବ, ଯୋଗ, ବ୍ୟାୟାମ, ବକ୍ତୃତା, ସାଂସ୍କୃତିକ ସଂଧ୍ୟା, ହସ୍ତଶିଳ୍ପ, ପେପରକ୍ରାଫ୍ଟ, ଡ୍ରଇଁ, ରଙ୍ଗୋଲି, ଏବଂ ପାରମ୍ପରିକ ଚାଲି ଆଦି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା।

ସଂଧ୍ୟାରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଭାପତି ଅତନୁ ସବ୍ୟସାଚୀ ନାୟକ, ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ ପୂର୍ବତନ ଜିଲ୍ଲାପାଳ ତଥା ସ୍କାଉଟ୍ କମିଶନର ଦାଶରଥୀ ଶତପଥୀ।

ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ନାୟକ କହିଥିଲେ ଯେ ସ୍କାଉଟିଂ ହେଉଛି ଏମିତି ଏକ ଶୃଙ୍ଖଳା ଅନୁଷ୍ଠାନ ଯାହାକି ଏହି ସ୍କାଉଟରେ ଯୋଗଦେଲେ ପିଲାମାନଙ୍କର ଶୃଙ୍ଖଳା, ସମୟାନୁବର୍ତ୍ତିତା ଆଦି ଗୁଣଗୁଡିକ ବୃଦ୍ଧି ପାଇଥାଏ । ସେହିପରି ସମ୍ମାନୀତ ଅତିଥି ଶ୍ରୀଯୁକ୍ତ ଶତପଥୀ କହିଥିଲେ ସ୍କାଉଟ ଗାଇଡ୍ ହେଉଛି ଏମିତି ଏକ ମଞ୍ଚ ଯାହାକି ଏହି ଛୋଟ ଛୋଟ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବାର ସଠିକ୍ ଜାଗା। ଛୋଟ ଛୋଟ ପିଲାମାନେ ଏହି ବୟସରୁ ନିଜକୁ ଗଢ଼ି ତୋଳିବାରେ ସ୍କାଉଟ୍ ଗାଇଡ୍ ସଂସ୍ଥାର ଅବଦାନ ଅତୁଳନୀୟ।

# ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ବକ୍ତୃତାମାଳା

**ଭୁବନେଶ୍ୱର,୨।୧୨ (ମହାଭାରତ):** ଭୁବନେଶ୍ୱର ଗୀତଗୋବିନ୍ଦ ସଦନ ପରିସରରେ 'ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ନ୍ୟାସ' ପକ୍ଷରୁ ଆୟୋଜିତ ଅଷ୍ଟମ ସ୍ମାରକୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଦେଶର ବିଶିଷ୍ଟ ସାମ୍ବାଦିକ ତଥା ପଦ୍ମଭୂଷଣ ସ୍ୱପନ ଦାସଗୁପ୍ତା ବକ୍ତୃତା ପ୍ରଦାନ କରିଥିଲେ। ସେ କହିଥିଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଉଭୟ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। "ଗଣମାଧ୍ୟମ, ଗଣତନ୍ତ୍ର ଏବଂ ସୁଶାସନ;ପାରମ୍ପରିକ ବନାମ ନୂତନ ଗଣମାଧ୍ୟମର ଭୂମିକା" ଶୀର୍ଷକ ବିଷୟବସ୍ତୁ ଉପରେ ଶ୍ରୀ ଦାସଗୁପ୍ତା ବକ୍ତବ୍ୟ ପ୍ରଦାନ କରି ଭାରତୀୟ ଗଣମାଧ୍ୟମର କ୍ରମବିକାଶ ଓ ଦେଶଗଠନରେ ତାହାର ପ୍ରମୁଖ ଅବଦାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ନୂଆ ଟେକ୍ନୋଲୋଜିକୁ ଗ୍ରହଣ ଓ ପ୍ରୟୋଗ କଲାବେଳେ ତାହାର ସମସ୍ତ ଦିଗ ପ୍ରତି ସଜାଗ ଦୃଷ୍ଟି ରଖିବା ଅତ୍ୟନ୍ତ ଜରୁରୀ। ଏଥିସହିତ ବରେନ୍ଦ୍ରକୃଷ୍ଣ ଧଳଙ୍କ ନିର୍ଭୀକ ସାମ୍ବାଦିକତା



ସମ୍ପର୍କରେ ଉଲ୍ଲେଖ କରି ତାଙ୍କର ବହୁମୁଖୀ ପ୍ରତିଭା ରହିଥିବା ଦର୍ଶାଇଥିଲେ ଏବଂ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ବକ୍ତୃତାମାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ତାଙ୍କ ବକ୍ତବ୍ୟରେ କହିଥିଲେ ଦୀର୍ଘ ୫ ଦଶନ୍ଧି ଧରି ବରେନ୍ଦ୍ରକୃଷ୍ଣ ଧଳ ଓଡ଼ିଶାରେ ନିଚ୍ଛକ ସାମ୍ବାଦିକତା ନିର୍ଭୀକତାର ସହ ଯେପରି ଚଳାଇ ଆସିଥିଲେ ତାହା ଏବର ସାମ୍ବାଦିକମାନେ ତାଙ୍କ ପାଖରେ ଦେଖାଯାଉନାହିଁ। ବାସ୍ତବ କ୍ଷେତ୍ରରେ ସେ ସମାଜର ପ୍ରକୃତ ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ଯେଉଁଭଳି ଭାବେ କଲମ ଚାଳନା କରିଥିଲେ ଏବଂ ସେଥିରେ ପ୍ରତିଷ୍ଠା ଲାଭ କରିଥିଲେ ତାହା ବିରଳ। ସାମ୍ବାଦିକତା ସହ ସାହିତ୍ୟ, କଳା, ସଂସ୍କୃତି, କ୍ରୀଡ଼ା ଓ ସଂଗଠନ କ୍ଷେତ୍ରରେ ମଧ୍ୟ ତାଙ୍କର ଯଥେଷ୍ଟ ପାରଦର୍ଶିତା ରହିଥିଲା ଯାହା ଆଜିର ସାମ୍ବାଦିକଙ୍କ ପାଇଁ ଅନୁକରଣୀୟ ହେବ ବୋଲି ଶ୍ରୀ ମହତାବ କହିଥିଲେ।ବିଶିଷ୍ଟ ଅତିଥି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଲେଖକ ଓ ବିଶିଷ୍ଟ ସମାଜସେବୀ ଶ୍ରୀମତୀ ନମ୍ରତା ଚଢା ସ୍ୱର୍ଗତ ବରେନ୍ଦ୍ରକୃଷ୍ଣ ଧଳଙ୍କ ସାମ୍ବାଦିକତା ଜୀବନୀ, ସମାଜସେବା ଓ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ପ୍ରଚାର ପ୍ରସାର ଦିଗରେ ରହିଥିବା ପ୍ରମୁଖ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଓ ନ୍ୟାସର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବକ୍ତୃତାମାଳା କାର୍ଯ୍ୟକ୍ରମରେ ପ୍ରତିବର୍ଷ ପରି ଚଳିତବର୍ଷ ଢେଙ୍କାନାଳ ଆଇଆଇଏମ୍‌ସିରୁ ଓଡ଼ିଆ ସାମ୍ବାଦିକତାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ଦିବାଲିନା ବେହେରା ଏବଂ ପ୍ରଥମଥର ପାଇଁ ଓଡ଼ିଆ ଗଳ୍ପ ସାହିତ୍ୟ କ୍ଷେତ୍ରରେ କୃତୀ ପ୍ରତିଭାଧର ଭାବେ ମନୋନୀତ ହୋଇଥିବା ବିଶିଷ୍ଟ ଗାଳ୍ପିକା ସ୍ୱପ୍ନା ମିଶ୍ରଙ୍କୁ ନ୍ୟାସ ପକ୍ଷରୁ ବରେନ୍ଦ୍ରକୃଷ୍ଣ ଧଳ ସ୍ମୃତି ସାହିତ୍ୟ ସମ୍ମାନରେ ସ୍ୱତନ୍ତ୍ର ଭାବେ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପଶ୍ଚିମା ପବ୍ଲିକେଶନର ମୁଖ୍ୟ ତଥା ନ୍ୟାସର ଅନ୍ୟତମ ଟ୍ରଷ୍ଟି ଅଶୋକ ମହାନ୍ତି ବକ୍ତୃତାମାଳା କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଟ୍ରଷ୍ଟି ଶତୃଜିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ବ୍ୟକ୍ତିଗତ ଡିଜିଟାଲ୍ ତଥ୍ୟ ସୁରକ୍ଷା ଆଇନ କର୍ମଶାଳା

**ଭୁବନେଶ୍ୱର,୨।୧୨ (ମହାଭାରତ):** ଭୁବନେଶ୍ୱରସ୍ଥିତ ମଧୁସୂଦନ ଦାସ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ଠାରେ ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍ସନ୍ (ଡିପିଡିପି) ଉପରେ ଏକ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ଆୟୋଜନ କରାଯାଇଥିଲା। କର୍ମଶାଳାରେ ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍ସନ୍ ଆଇନ, ୨୦୨୩ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସରକାରୀ ଏବଂ ସହଯୋଗୀ ଅନୁଷ୍ଠାନ ଗୁଡ଼ିକରେ ଡିଜିଟାଲ ତଥ୍ୟ ସମ୍ବନ୍ଧୀୟ ପରିଚାଳନା ଏବଂ ତଥ୍ୟ-ସୁରକ୍ଷା ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ଅଧିକାରୀମାନଙ୍କ ବ୍ୟକ୍ତିଗତ ତଥ୍ୟ, ବିଭାଗୀୟ ତଥ୍ୟ ତଥା ସହଯୋଗୀ ଅନୁଷ୍ଠାନମାନଙ୍କର ତଥ୍ୟ ଏକତ୍ରୀକରଣ, ବିତରଣ ଏବଂ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କର୍ମଶାଳାଟି ନ୍ୟାସନାଲ୍ ଇ-ଗଭର୍ଣ୍ଣାନ୍ସ ଡିଭିଜନ , ଇନଷ୍ଟିଚ୍ୟୁଟ୍ ଫର୍ ସ୍ମାର୍ଟ ଗଭର୍ଣ୍ଣମେଣ୍ଟ ର ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର ଅଧିନସ୍ଥ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର



ସହଭାଗିତାରେ ଆୟୋଜିତ କରାଯାଇଥିଲା। ଏହି କର୍ମଶାଳାକୁ ଇ-ଗଭର୍ଣ୍ଣାନ୍ସ ଡିଭିଜନର ନିର୍ଦ୍ଦେଶକ ଜେ.ଏଲ. ଗୁପ୍ତା, ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ଡକ୍ଟର ପ୍ରଦୀପ କୁମାର ରାଉତ ଏବଂ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ସ୍ମାର୍ଟ ଗଭର୍ଣ୍ଣମେଣ୍ଟର ବରିଷ୍ଠ ପରିଚାଳକ ଜି. ଚାମୁ ପ୍ରମୁଖ ଉଦଘାଟନ କରିଥିଲେ। ଶ୍ରୀ ଜେ.ଏଲ. ଗୁପ୍ତା ତାଙ୍କ ଉଦଘାଟନୀ ଅଭିଭାଷଣରେ, ଡିଜିଟାଲ୍ ଇଣ୍ଡିଆ ମିଶନର ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ ଏବଂ ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ ଓ ନିୟମାବଳୀର ନାଗରିକ-କୈନ୍ଦ୍ରିକ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ, ଯାହା ବ୍ୟକ୍ତିଗତ ତଥ୍ୟ ଗୋପନୀୟତାକୁ ସୁରକ୍ଷା ଦେବା ସହିତ ଦାୟିତ୍ୱପୂର୍ଣ୍ଣ ତଥ୍ୟ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରାଥମିକ ଆବଶ୍ୟକତା। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡକ୍ଟର ପ୍ରଦୀପ କୁମାର ରାଉତ ତାଙ୍କ ପ୍ରାରମ୍ଭିକ ବକ୍ତବ୍ୟରେ, ଡିଜିଟାଲ ଶାସନ ବ୍ୟବସ୍ଥାର ଏହି ଦଶନ୍ଧିରେ ପ୍ରତ୍ୟେକ ଅଧିକାରୀଙ୍କ ପାଇଁ ଡିଜିଟାଲ ତଥ୍ୟ ସୁରକ୍ଷା ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ।

# ରାଜ୍ୟରେ ୨୯୭ ମିଶନ ଶକ୍ତି କାଫେ

**ଭୁବନେଶ୍ୱର,୨।୧୨ (ମହାଭାରତ):** ରାଜ୍ୟରେ ମୋଟ୍ ୨୯୭ଟି ସୁଭଦ୍ରା ଶକ୍ତି କାଫେ ପ୍ରତିଷ୍ଠା ହୋଇଥିବାବେଳେ ବର୍ତ୍ତମାନ ଏଥିରୁ ୨୫୪ଟି କାର୍ଯ୍ୟକ୍ଷମ ରହିଛି ଏବଂ ଏଥିରେ ୨୨୩୯ ଜଣ ଏସଏଚଜି ସଦସ୍ୟା କାର୍ଯ୍ୟ କରୁଛନ୍ତି। ସୁଭଦ୍ରା ଶକ୍ତିକାଫେ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସୁଭଦ୍ରା ଶକ୍ତି କାଫେ ପ୍ରତିଷ୍ଠା ହୋଇଥିବାବେଳେ ସର୍ବାଧିକ ୧୮ଟି କରି କାଫେ କୋରାପୁଟ ଓ ସୁନ୍ଦରଗଡ ଜିଲ୍ଲାରେ ରହିଛି। ଗଞ୍ଜାମ ଓ ଖୋରଧା ଜିଲ୍ଲାରେ ୧୬ଟି କାଫେ ରହିଥିବାବେଳେ କଳାହାଣ୍ଡିରେ ୧୫ଟି, ସମ୍ବଲପୁର, ମୟୁରଭଞ୍ଜ, କେନ୍ଦୁଝରରେ ୧୪ଟି କରି, ବରଗଡ ଓ କଟକରେ ୧୩ଟି କରି ସୁଭଦ୍ରା ଶକ୍ତି କାଫେ ରହିଛି।

# ପାଚକ ପାଚିକା ମହାସଂଘ ବିକ୍ଷୋଭ

**ଭୁବନେଶ୍ୱର,୨।୧୨ (ମହାଭାରତ):** ଓଡ଼ିଶା ପାଚକ ପାଚିକା ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ସଂଘର ରାଜ୍ୟ ସଭାନେତ୍ରୀ ଜନକ ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ୩୦ଗୋଟି ଜିଲ୍ଲାର ପାଚକ ପାଚିକାମାନେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଭାବେ ମହାସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନା ଯୋଗଦେଇ ୮ଦଫା ସମ୍ବଳିତ ଦାବି ଖୁବ୍‌ଶୀଘ୍ର ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ରାଜ୍ୟ ସାଧାରଣ ସମ୍ପାଦିକା ନିରୁପମା ମହାନ୍ତ, ନୁନୁ ଘେବଲା, କୋକିଳ ମହାନ୍ତ, ମଲ୍ଲୀ ନାୟକ, ସତ୍ୟାବତୀ ମହାକୁଡ଼, , ଲିଲିମଣି ସିଙ୍କୁ, ଭଗବତି ମହାନ୍ତ, ରେବତୀ ନାୟକ, ସୁକାନ୍ତି ମହାନ୍ତ, ସବିତା ମହାନ୍ତ, ଶାନ୍ତିଲତା ମହାନ୍ତ, ସେବତୀ ନାୟକ, ଝିଲି ନାୟକ, ସ୍ୱର୍ଣ୍ଣପ୍ରଭା ନାୟକ, ନିରୂପମା ନାୟକ, ରେବତୀ ନାୟକ, ବୁଦ୍ଧଗିରି, କୋଷାଧ୍ୟକ୍ଷା ରଜନୀ କିଷାନ, ବିଜୟ ପୃସେଟ୍, ଈଶ୍ୱର ନାୟକ, ସୁଜାତା ସ୍ୱାଇଁ, ରିତୁ ପାତ୍ର, ବିନ୍ଦୁ ଦାସ, ରାଜେଶ୍ୱରୀ ମାଝି, ସୀତା ଭୋଇ, ପଙ୍କଜିନୀ ମିର୍ଦ୍ଧା, ସରୋଜିନୀ ଜେନା, ଦମୟନ୍ତୀ ଦେହୁରୀ, ଏବଂ ପ୍ରତ୍ୟେକ ଜିଲ୍ଲାର କର୍ମକର୍ତ୍ତାମାନେ ନିଜ ନିଜ ବକ୍ତବ୍ୟମାନ ରଖିଥିଲେ । ସଂଘର ଛଅ ଜଣ ପ୍ରତିନିଧି ଯଥା- ଡମ୍ବରୁଧର ମହାନ୍ତ, ଜନକ ପ୍ରଧାନ, ନିରୂପମା ମହନ୍ତ, ଭଗବତୀ ନାୟକ, ରେବତୀ ନାୟକ, କଲ୍ୟାଣୀ ରାଉତ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଭାଗୀୟ ମାନବ୍ୟର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ବିରୋଧି ଦଳ ନେତାଙ୍କୁ ଭେଟି ୮ ଦଫା ଦାବି ସମ୍ବଳିତ ସ୍ମାରକ ପ୍ରଦାନ କରିଥିଲେ।




# ଅବକାରୀ ରାଜସ୍ୱ ଲକ୍ଷ୍ୟ ୯୭୫୩ କୋଟି

**ଭୁବନେଶ୍ୱର,୨।୧୨ (ମହାଭାରତ):** ଚଳିତ ଆର୍ଥିକ ବର୍ଷରେ ଅବାକରୀ ରାଜସ୍ୱ ବାବଦରେ ସରକାର ୯୭୫୩ କୋଟି ୬୨ଲକ୍ଷ ଟଙ୍କା ପାଇବାର ଲକ୍ଷ୍ୟ ରଖିଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୨୦୨୦-୨୧ ବର୍ଷରେ ରାଜ୍ୟରେ ଅବକାରୀ ରାଜସ୍ୱ ବାଦରେ ୫୪୦୦ କୋଟି ୨୧ଲକ୍ଷ ଟଙ୍କା ଆଦାୟ ହୋଇଥିବା ବେଳେ ୨୦୨୪-୨୫ ବର୍ଷରେ ଏହି ପରିମାଣ ୧୧,୪୨୯ କୋଟି ୭୪ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ସରକାର ଏ ବାବଦରୁ ୯୭୫୩ କୋଟି ୬୨ଲକ୍ଷ ଟଙ୍କା ପାଇବାର ଲକ୍ଷ୍ୟ ରଖିଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରର ଉଲ୍ଲେଖ କରିଛନ୍ତି ଯେ ଗତ ଆର୍ଥିକ ବର୍ଷରେ ଓଡିଶରେ ୮୪୦ ଲକ୍ଷ ବଲ୍କ ଲିଟର ଭାରତ ତିଆରି ବିଦେଶୀ ମଦ ବିକ୍ରି ହୋଇଥିବା ବେଳେ ଏଥିରୁ ରାଜ୍ୟ ବାହାରୁ ପାଖପାଖି ୬୪ଲକ୍ଷ ଲିଟର ମଦ ଆମଦାନୀ ହୋଇଥିଲା। ସେହିଭଳି ଗତ ବର୍ଷ ରାଜ୍ୟରେ ୧୬୭୮ ଲକ୍ଷ ବଲ୍କ ଲିଟର ବିୟର ବିକ୍ରି ହୋଇଥିବା ବେଳେ ଏଥି ମଧ୍ୟରୁ ୨୪୬ ଲକ୍ଷ ବଲ୍କ ଲିଟର ରାଜ୍ୟ ବାହାରୁ ଆମଦାନୀ ହୋଇଥିଲା। ତେବେ ବିକ୍ରି ହେଉଥିବା ଦେଶୀ ମଦ ଓ ବାହାର ଭାଟି ମଦ ସବୁ ଓଡିଶାରେ ପ୍ରସ୍ତୁତ ହେଉଛି। ଗତ ଆର୍ଥିକ ବର୍ଷରେ ଓଡିଶାରେ ୧୮୩ଲକ୍ଷ ଲିଟର ଦେଶୀମଦ ବିକ୍ରି ହୋଇଥିବାବେଳେ ୧୩୧୪ ଲକ୍ଷ ଲିଟର ବାହାରଭାଟି ମଦ ବିକ୍ରି ହୋଇଛି।

# ରାଜ୍ୟରେ ଧାନକିଣା ନେଇ ମନ୍ତ୍ରୀଙ୍କ ସମୀକ୍ଷା

**ଭୁବନେଶ୍ୱର,୨।୧୨ (ମହାଭାରତ):** ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ନେଇ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ପଞ୍ଜିକୃତ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ କରିବା ସହ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ ଉପରେ ମଧ୍ୟ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏତଦବ୍ୟତୀତ ମିଲର୍ସ ମାନେ ଏହି ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇ ସହଯୋଗ ଜାରି ରଖିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।



ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସହ ଓଡିଶା ରାଇସ ମିଲର୍ସ ଆସୋସିଏସନ କର୍ମକର୍ତ୍ତା ମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଧାନ ସଂଗ୍ରହ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଧାନ ସଂଗ୍ରହରେ ସମସ୍ତ ସହଯୋଗ ଯୋଗାଇ ଦେବା ପାଇଁ ମିଲର୍ସ ସଂଘ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଚାଷୀ ମାନଙ୍କ ସ୍ୱାର୍ଥ ରକ୍ଷା ଦିଗରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ସୁଦର୍ଶନ ଚକ୍ରବର୍ତ୍ତୀ, ଓଡିଶା ରାଇସ ମିଲର୍ସ ଆସୋସିଏସନ ସଭାପତି ମହେଶ କୁମାର ବଂଶଲ, ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦ ହଜାର ଅଙ୍ଗନବାଡ଼ିର ନାହିଁ ନିଜସ୍ୱ କେନ୍ଦ୍ର

**ଭୁବନେଶ୍ୱର,୨।୧୨ (ମହାଭାରତ):** ଗୃହରେ ଅଙ୍ଗନବାଡି କେନ୍ଦ୍ରକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବିଧାୟକ। ଉତ୍ତର ରଖିଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ରାଜ୍ୟରେ ୨୦ ହଜାର ୧୫୦ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଏଥିସହ ୭୩୮୯ଟି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣଧୀନ ଅଛି। ୪୫୭୪ ଅଙ୍ଗନବାଡ଼ି ସ୍କୁଲ ଘରେ ଚାଲିଛି। ରାଜ୍ୟରେ ମୋଟ ୭୪ ହଜାର ୨୨୪ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିରୁ ୫୪ ହଜାର ୭୪ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହରେ ଚାଲିଛି। ୧୦ ହଜାର ୪୧୬ ମିନି ଅଙ୍ଗନୱାଡି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅଙ୍ଗନବାଡ଼ିକୁ ରୂପାନ୍ତର ହୋଇଛି। ସବୁ ଅଙ୍ଗନବାଡି ପାଇଁ ନିଜସ୍ୱ ଗୃହ ହେବ। ୧୦ ହଜାର ୪୬୯ କମ୍ୟୁନିଟି ଗୃହରେ ଚାଲିଛି। ୩ ହଜାର ୮୯୦ ଭଡ଼ା ଘରେ ଚାଲିଛି। ତେବେ ସବୁ ଅଙ୍ଗନୱାଡି ପାଇଁ ନିଜସ୍ୱ ଗୃହ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ। କହିଛନ୍ତି, ସକ୍ଷମ ଅଙ୍ଗନୱାଡ଼ି ଜରିଆରେ ଗୃହ ନିର୍ମାଣ ପାଇଁ ଯୋଜନା ଚାଲିଛି। ଯେଉଁଠି ସ୍ଥାନ ମିଳିବ ନାହିଁ ପଞ୍ଚାୟତିରାଜ ବିଭାଗ ଠାରୁ ଜାଗା କିଣି ନିର୍ମାଣ ହେବ। ପୂର୍ବରୁ ୭ ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ୧୨ ଲକ୍ଷ ଓ ଏବେ ୧୫ ଲକ୍ଷରେ ପହଞ୍ଚିଛି। ମହିଳା ଓ ଶିଶୁ ବିକାଶ ବିଭାଗ ନିଜସ୍ୱ ଅର୍ଥରେ ଅଙ୍ଗନୱାଡ଼ି ନିର୍ମାଣ କରିବ। ଅନ୍ୟପଟେ ନିର୍ମାଣ ବିଭାଗ ଅଧିନରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ନେଇ ବିଧାନସଭାରେ ମଧ୍ୟ ହୋଇଛି ଆଲୋଚନା। ବିଧାୟକମାନେ ନିଜ ନିଜ ଅଞ୍ଚଳର ସମସ୍ୟା ନେଇ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର ଲୋଡ଼ିଛନ୍ତି। ନିର୍ମାଣ ବିଭାଗ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ ଉତ୍ତର ରଖିଛନ୍ତି।

# କର୍ଣ୍ଣାଟକରେ କଂଗ୍ରେସ କନ୍ଦଳ

ଯେଉଁ ୩ଟି ରାଜ୍ୟରେ କଂଗ୍ରେସ କ୍ଷମତାସୀନ ରହିଛି ସେଥିରୁ କର୍ଣ୍ଣାଟକ ହେଉଚି ସବୁଠାରୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ। କର୍ଣ୍ଣାଟକରେ କଂଗ୍ରେସ ସହ ବିଜେପିର ମୁକାବିଲା ହେଉଥିବା ବେଳେ ଦେବଗୌଡ଼ାଙ୍କ ନେତୃତ୍ୱାଧୀନ ଧର୍ମ ନିରପେକ୍ଷ ଜନତା ଦଳ (ଜେଡିଏସ) ମଧ୍ୟ ତୃତୀୟ ଶକ୍ତି ଭାବେ ରହିଛି। ତେବେ ଜେଡିଏସର ପ୍ରଭାବ ଦିନକୁ ଦିନ ହ୍ରାସ ପାଉଥିବା ବେଳେ ବିଜେପି ଓ କଂଗ୍ରେସ ପାଳି କରି ରାଜ୍ୟରେ ।ସନ କ୍ଷମତା ଦଖଲ କରିଆସୁଛନ୍ତି। ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ବିପୁଳ ବିଜୟ ହାସଲ କରି କ୍ଷମତାସୀନ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରାମେୟା ଦ୍ୱିତୀୟ ଥର ଲାଗି ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଏହି ପଦ ନିମନ୍ତେ ଅନ୍ୟ ଜଣେ ଦାବିଦାର ଥିଲେ ।ସେ ହେଲେ ତତ୍କାଳୀନ ପିସିସି ସଭାପତି ଡି କେ ଶିବକୁମାର। ସେ ମୁଖ୍ୟମନ୍ତ୍ରୀ ହେବାକୁ ହକଦାର ଥିଲେ। କିନ୍ତୁ କଂଗ୍ରେସ ହାଇକମାଣ୍ଡ ବରିଷ୍ଠତା ଦୃଷ୍ଟିରୁ ସିଦ୍ଦରାମେୟାଙ୍କୁ ଏହି ପଦ ଲାଗି ବାଛିଲେ। ଶିବକୁମାର ହେଲେ ଉପ-ମୁଖ୍ୟମନ୍ତ୍ରୀ। ସେତେବେଳେ ବୁଝାମଣା ହୋଇଥିଲା ଯେ, ଉଭୟ ଶିବକୁମାର ଏବଂ ସିଦ୍ଦରାମେୟା ୫ ବର୍ଷିଆ କାର୍ଯ୍ୟକାଳ ମଧ୍ୟରେ ପାଳିକରି ଅଢ଼େଇ ବର୍ଷ ହେବ ମୁଖ୍ୟମନ୍ତ୍ରୀ ରହିବେ। ଅବଶ୍ୟ ଦଳ ପକ୍ଷରୁ ସେଭଳି କିଛି ଘୋଷଣା ହୋଇନଥିଲା। କିନ୍ତୁ ଏହା ଥିଲା ଅଘୋଷିତ ବୁଝାମଣା। ଇତିମଧ୍ୟରେ ସିଦ୍ଦରାମେୟାଙ୍କ ଅଢ଼ାଇ ବର୍ଷର ଶାସନ କାଳ ସରିଗଲାଣି। ବୁଝାମଣା ଅନୁଯାୟୀ ସେ ମୁଖ୍ୟମନ୍ତ୍ରୀ ପଦ ଶିବକୁମାରଙ୍କୁ ଛାଡ଼ିଦେବା ଉଚିତ। କିନ୍ତୁ ସେ ଏବେ ଏଥିଲାଗି ନାରାଜ। ଏଥିରେ ଶିବକୁମାର ଅସନ୍ତୁଷ୍ଟ ହୋଇ ଏକପ୍ରକାର ବିଦ୍ରୋହ ଘୋଷଣା କରିଛନ୍ତି। ନିକଟରେ ସେ ପିସିସି ସଭାପତି ପଦ ଛାଡ଼ିବାକୁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ସେ ଦାବି କରିଛନ୍ତି ଯେ, ତାଙ୍କ ପଛରେ ରାଜ୍ୟର ସଂଖ୍ୟାଧିକ କଂଗ୍ରେସ ବିଧାୟକଙ୍କ୍କ ସମର୍ଥନ ରହିଛି। ଅନ୍ୟ ପକ୍ଷରେ ସିଦ୍ଦରାମେୟା ମଧ୍ୟ ଛାଡ଼ିବା ଜନ୍ତୁ ନୁହଁନ୍ତି। ସେ କହିଛନ୍ତି ଯେ, ଯେ ପର୍ଯ;ୟନ୍ତ କଂଗ୍ରେସ ହାଇକମାଣ୍ଡ ନକହିଛନ୍ତି , ସେ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ ନାହିଁ। ଯେଉଁ ଦିନ ରାହୁଲ ଓ ସୋନିଆ ତାଙ୍କୁ କହିବେ ସେହିଦିନ ସେ ତାଙ୍କ ପଦ ଛାଡ଼ିଦେବେ। ତାଙ୍କ ପଛରେ ମଧ୍ୟ ଦଳର ସଂଖ୍ୟାଧିକ ବିଧାୟକ ଅଛନ୍ତି ବୋଲି ସେ ଦାବି କରିଛନ୍ତି। ଏହାକୁ ନେଇ ରାଜ୍ୟ କଂଗ୍ରେସରେ ଏକପ୍ରକାର ଅସ୍ଥିରତା ଏବଂ ଅନିଶ୍ଚିତତା ସୃଷ୍ଟି ହୋଇଛି। କଂଗ୍ରେସ ବିଧାୟକ ଦଳ ଏବେ ଦୁଇଫାଳ। ପରିସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ସମସ୍ୟାର ସମାଧାନ ଲାଗି ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଉଭୟ ସିଦ୍ଦରାମେୟା ଏବଂ ଶିବକୁମାରଙ୍କୁ ଦିଲ୍ଲୀ ଡାକିଛନ୍ତି। ଉଭୟଙ୍କ ସହ ଆଲୋଚନା ପରେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଦଳର ଅନ୍ୟତମ ବରିଷ୍ଠ ନେତା ଇକବାଲ ହୁସେନ ଖାନ କହିଛନ୍ତି ଯେ, ଶିବକୁମାର ମୁଖ୍ୟମନ୍ତ୍ରୀ ହେବା ୨୦୦ ପ୍ରତିଶତ ନିଶ୍ଚିତ। ଆସନ୍ତା ନିର୍ବାଚନରେ କଂଗ୍ରେସ କର୍ଣ୍ଣାଟକରେ ଶିବକୁମାରଙ୍କ ନେତୃତ୍ୱରେ ଲଢ଼ିବ ବୋଲି ସେ କହିଛନ୍ତି। କିନ୍ତୁ କଥାଟା ଏତେ ସହଜ ଏବଂ ସରଳ ବୋଲି କୁହାଯାଇପାରିବ ନାହିଁ। କଂଗ୍ରେସ ହାଇକମାଣ୍ଡଙ୍କ ନୀତି ଯାହା ରାଜ୍ୟରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ହେବ ନାହିଁ। ଅତୀତରେ ରାଜସ୍ଥାନରେ ଅଶୋକ ଗେହଲଟ ଏବଂ ସଚିନ ପାଇଲଟଙ୍କ ମଧ୍ୟରେ ଏଭଳି ବିବାଦ ସୃଷ୍ଟି ହୋଇଥିଲା। କିନ୍ତୁ ଶେଷ ପର୍ଯ୍ୟନ୍ତ ଗେହଲଟ ହିଁ ମୁଖ୍ୟମନ୍ତ୍ରୀ ପଦରେ ରହିଲେ। ସଚିନ ପାଇଲଟଙ୍କୁ ରାଜସ୍ଥାନରେ କଂଗ୍ରେସର ନେତୃତ୍ୱ ନେବାକୁ ଆହୁରି ଅନେକ ଦିନ ଅପେକ୍ଷା କରିବାକୁ ପଡ଼ିବ। ଗେହଲଟ ଓ ସଚିନଙ୍କ ମଧ୍ୟରେ ବିବାଦ ଯୋଗୁ ରାଜସ୍ଥାନରେ କଂଗ୍ରେସ ପରାଜିତ ହେଲା ଏବଂ ଦଳ କ୍ଷମତାଚ୍ୟୁତ ହେଲା। କର୍ଣ୍ଣାଟକରେ ଏହାର ପୁନରାବୃତ୍ତି ହେବନି ବୋଲି କୁହାଯାଇପାରିବନି।

# ସତ୍ୟନାମର ମାହାତ୍ମ୍ୟ

॥ ଉମେଶ ଚନ୍ଦ୍ର ପାତ୍ର ॥

“ ;ସଦଗୁରୁ ନାମମୟ ହୋଇଥିବାରୁ ଦର୍ପଣବତ୍ ହୋଇଥାନ୍ତି। ସେଥିପାଇଁ ଯେଉଁ ବ୍ୟକ୍ତି ଯେଉଁ ଭାବ ନେଇ ସଦଗୁରୁଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, ସେ ସଦଗୁରୁଙ୍କ ନିକଟରୁ ସେହି ଭାବ ପ୍ରାପ୍ତ ହୋଇଥାନ୍ତି ଏବଂ ତାଙ୍କ ଭିତରର ସେହି ଭାବ ସଦଗୁରୁଙ୍କ ଦର୍ଶନ ସ୍ପର୍ଶନରେ ଉତ୍ତେଜିତ ଓ ଜାଗ୍ରତ ହୋଇ ପ୍ରକାଶ ପାଏ, ଯଥା କାମକ୍ରୋଧାଦି। କିନ୍ତୁ ସେହି ସୁପ୍ତଭାବ ସମୂହ ଜାଗ୍ରତ ହୋଇ ପ୍ରକାଶିତ ହେବାରୁ ସେମାନେ ଯେଉଁ ପରିମାଣରେ ଭିତରେ ଥିଲେ ସେହି ପରିମାଣରେ ରହିପାରନ୍ତି ନାହିଁ, ବହିର୍ଗତ ହୋଇଯାଆନ୍ତି। ଏହି କାରଣରୁ ଦେଖାଯାଏ ଯେ ସଦଗୁରୁଙ୍କର ଦର୍ଶନ ଓ ସ୍ପର୍ଶନ ପରେ ବ୍ୟକ୍ତିର ଚରିତ୍ରରେ ଉନ୍ନତି ହୁଏ।

ସତ୍ୟନାମରେ ତ୍ରିତାପଜ୍ୱାଳା ବିଦୂରିତ ହୁଏ। ଏହି ନାମ ଦ୍ୱାରା ଯେପରି ଆଧାତ୍ମିକ ଉନ୍ନତ ବା ଆତ୍ମାର ଉନ୍ନୟନ ଅତି ସତ୍ୱର ଅତି ସହଜରେ ହୁଏ, ସେହିପରି ସାଂସାରିକ ଦୁଃଖ-କଷ୍ଟ, ଯନ୍ତ୍ରଣା, ବିପଦ-ଆପଦ, ରୋଗଶୋକାଦି ମଧ୍ୟ ଶୀଘ୍ର ବିଦୂରିତ ହୁଏ। ସାଧାରଣତଃ ଦେଖାଯାଏ ଯେ କୌଣସି ଜଣେ ଲୋକକୁ ଯଦି ଗୋଟିଏ ଅଙ୍କ କରିବାକୁ ଦିଆଯାଏ, ସେ ସେହି ଅଙ୍କଟି କଠିନ ଏକଥା ଶୁଣିଲେ ବା ଅଙ୍କଟି କଠିନ ମନେ କଲେ ତା’ପକ୍ଷରେ ସେ ଅଙ୍କ କରିବା ଆଉ ସାଧ୍ୟ ହୁଏନାହିଁ। ‘ଅଙ୍କଟି କରିପାରିବି ନାହିଁ’ - ଏହି ଭାବ ମନରେ ଆସିଲେ ସେହି ଅଙ୍କରେ ସେ ଆଉ ମନୋନିବେଶ କରିପାରେନା। ମନଟି ନିବଷ୍ଟ ନ ହେଲେ ଆଉ ତାହାଦ୍ୱାରା ସେ ଅଙ୍କ ହୋଇପାରେନା। ହୁଏତ ଅଙ୍କଟି ସେ କରିପାରିବ ବିଶ୍ୱାସ କରି ଆରମ୍ଭ କଲେ ସେଥିରେ ତାର ମନ ନିବିଷ୍ଟ ହୁଅନ୍ତା, ଫଳରେ ସେ ଚେଷ୍ଟା କରି ହୁଏତ ସଫଳତା ଲାଭ କରିପାରନ୍ତା। ବିଶ୍ୱାସରେ ମନୋନିବେଶ ହୁଏ ଏବଂ ତଦ୍ୱାରା ଆଭ୍ୟନ୍ତରୀଣ ସୁପ୍ତଶକ୍ତିର ଉଦବୋଧନରେ କାର୍ଯ୍ୟରେ ସଫଳତା ଲାଭ ହୁଏ। ସେଥିପାଇଁ ଭଗବାନ କୃଷ୍ଣ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି - ଯୋଗ କର୍ମସୁ କୌଶଳଂ।

ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେକୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପ କଲେ ନାମର ଗୋଟିଏ ସ୍ପନ୍ଦନ ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ, କୋଷ, ସ୍ନାୟୁ ତଥା ସମସ୍ତ ଯନ୍ତ୍ରରେ, କ୍ରମେ କ୍ରମେ ଅନ୍ତଃରାଜ୍ୟରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା ମର୍ମସ୍ଥାନ ସଞ୍ଜିବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ ହୋଇପଡ଼େ। ମର୍ମସ୍ଥାନ ବା ଜୀବନୀ ଶକ୍ତି ଉତ୍ତେଜିତ ହେଲେ ଗୋଟାଏ ପ୍ରବାହ ଉପସ୍ଥିତ ହୁଏ, ଏବଂ ସେହି ପ୍ରବାହ ଦ୍ୱାରା ସମସ୍ତ ଯନ୍ତ୍ର, ଶରୀର ଓ ମନର କାର୍ଯ୍ୟକାରିତା ବୃଦ୍ଧି ପାଏ। ଆମ ଶରୀର ମଧ୍ୟରେ ହିଁ ଆରୋଗ୍ୟକାରୀ ଶକ୍ତି ବର୍ତ୍ତମାନ ଅଛି। କୌଣସି ପ୍ରକାର ଔଷଧ ବା ଉଷ୍ଣତା ବା ଶୈତ୍ୟାଦି ପ୍ରୟୋଗ ଦ୍ୱାରା ରୋଗ ଭଲ ହୁଏ ନାହିଁ। ଏଗୁଡ଼ିକର ପ୍ରୟୋଗ ଦ୍ୱାରା ସେହି ସୁପ୍ତ ଆରୋଗ୍ୟକାରୀ ଶକ୍ତିକୁ ଉଦବୋଧିତ ବା ଜାଗ୍ରତ କରିଦିଏ ବୋଲି ରୋଗ ଆରୋଗ୍ୟ ହୁଏ। ସେହିପରି ଭାବରେ ଜୀବନୀଶକ୍ତି ଉତ୍ତେଜିତ ହେଲେ ଆମ୍ଭମାନଙ୍କ ଶରୀରର ସମସ୍ତ ଯନ୍ତ୍ର କାର୍ଯ୍ୟକ୍ଷମ ହୁଏ। ସେମାନଙ୍କର କାର୍ଯ୍ୟକାରୀ ଶକ୍ତି ଉତ୍ତେଜିତ ହେବା ଦ୍ୱାରା ଆମର ଆଳସ୍ୟ, ମୋହ ଇତ୍ୟାଦି ଦୂରୀଭୂତ ହୋଇ ଆମେ ଖୁବ କାର୍ଯ୍ୟକ୍ଷମ ହେଉ। ପୁଣି ଠିକ୍ ସେହି ହିସାବରେ ଆମ ଦେହର ବା ଦେହ ଯନ୍ତ୍ରର ପୀଡ଼ା ଦୂରୀଭୂତ ହୁଏ। ପୀଡ଼ା ଯଦି ସାଧାରଣ ହୋଇଥାଏ ତେବେ କେବଳ ନାମ ଜପ ଦ୍ୱାରା ତାହାର ନିରାକରଣ ହୋଇପାରେ। ଯେତେ ପରିମାଣର ରୋଗାକ୍ରମଣ ସେତେ ପରିମାଣର ନାମ କମ୍ପନରେ ହିଁ ଉପକାର ହୋଇପାରେ, ଅଥବା ତତପେକ୍ଷା ଉଚ୍ଚ ଡିଗ୍ରୀର ନାମରେ ମଧ୍ୟ ହୋଇପାରେ, କିନ୍ତୁ ନିମ୍ନ ଡିଗ୍ରୀର ନାମରେ ହୋଇପାରେନା। ଯେପରି ଓଁର ଏକ ନିର୍ଦ୍ଦିଷ୍ଟ ଡିଗ୍ରୀର କମ୍ପନ ଅଛି। ସେହି ଓଁ ଜପ କଲେ ବାୟୁମଣ୍ଡଳରେ ନାମକାରୀର ଦେହରେ ବା ଶ୍ରୋତାର ଦେହରେ ଓଁ ଡିଗ୍ରୀର ଯେଉଁ କମ୍ପନ ଅଛି ତାହା ହିଁ ସ୍ପନ୍ଦିତ ହେବ। ଭାବାତ୍ମକ ବା ବର୍ଣ୍ଣାତ୍ମକ ନାମ ଦ୍ୱାରା ସ୍ଥୂଳ କମ୍ପନ ହୁଏ, କିନ୍ତୁ ଧ୍ୱନ୍ୟାତ୍ମକ ନାମ, ଅନାହତ ନାଦ ବା ବୀଜମନ୍ତ୍ର ଦ୍ୱାରା ସୂକ୍ଷ୍ମ କମ୍ପନ ହୁଏ। ପୁଣି ଯେଉଁ ବୀଜମନ୍ତ୍ର ଯେତେ ସୂକ୍ଷ୍ମତର ଓ ସୂକ୍ଷ୍ମତମ ଅର୍ଥାତ୍ ସତ୍ୟାଦି ଉଚ୍ଚତମ ଧାମର ବୀଜ, ତାହା ଜପ କରିବା ଦ୍ୱାରା ସେତେ ଅଧିକ ସୂକ୍ଷ୍ମଦେଶ, ଇଥର ବା ଇଲେକଟ୍ରନାଦି ପର୍ଯ୍ୟନ୍ତ ଏବଂ ନର ଦେହର ସେତେ ଅଧିକ ସୂକ୍ଷ୍ମଦେଶ ବା ମର୍ମସ୍ଥାନ ପର୍ଯ୍ୟନ୍ତ କମ୍ପିତ ହୁଏ ଏବଂ ସେତେ ବେଶୀ ଶକ୍ତିର କମ୍ପନ ଉପସ୍ଥିତ ହୁଏ, ସୁତରାଂ କଠିନ ରୋଗ ଆରୋଗ୍ୟ ପାଇଁ ବା କୌଣସି କଠିନ କାର୍ଯ୍ୟ ସାଧନ ଅଥବା ଉଚ୍ଚତମ ଆଧାତ୍ମିକତା ଲାଭ କରିବା ପାଇଁ ଉଚ୍ଚତମ ସ୍ତରର ବୀଜ ଜପ କରିବା ଦରକାର।ସେଥିପାଇଁ ସାଧକ ଗାଇଛନ୍ତି - ‘ନାମେ ଶୁଷ୍କତରୁ ମୁଞ୍ଜରିଲ।’ ଅର୍ଥାତ୍ ନାମ ଦ୍ୱାରା ଶୁଷ୍କତରୁ ପଲ୍ଲବିତ ହୁଏ। ସେଥିପାଇଁ ନାମ ଦ୍ୱାରା ମୃତ ମଣିଷ ମଧ୍ୟ ବଞ୍ଚିପାରେ। ଯେଉଁମାନେ ରୋଗୀ, ସେମାନଙ୍କୁ ସତ୍ୟନାମ ଜପ କରାଇବା ଦ୍ୱାରା ଉପରୋକ୍ତ କାରଣରୁ ଏବଂ ସେଥି ସହିତ ବିଶ୍ୱାସ ବଳରେ ଆରୋଗ୍ୟ ଲାଭ ଘଟିଥାଏ। ଯେ ଯେଉଁ ଉଦ୍ଦେଶ୍ୟରେ ଯେପରି ଭାବରେ ନାମ କରେ, ସେହି କାର୍ଯ୍ୟରେ ତାହାର ମନୋଯୋଗ ହୋଇ ମନ ସଂଯତ ଓ ସଂଯୁକ୍ତ ହୁଏ ଏବଂ ତାହା ଫଳ ଲାଭ କରିବାରେ ସହାୟତା କରେ। କିନ୍ତୁ ଯେଉଁ ରୋଗୀର ସଂଜ୍ଞାଶୂନ୍ୟାବସ୍ଥା ହୋଇଥାଏ, ତାକୁ ନାମ ଦ୍ୱାରା ଆରୋଗ୍ୟ କରିବାକୁ ହେଲେ, ନାମକାରୀ ବ୍ୟକ୍ତିକୁ ଉଚ୍ଚତମ ଶକ୍ତିମାନ ନାମ ଜପ କରି ନାମମୟ ହୋଇ ରୋଗୀକୁ ସ୍ପର୍ଶ କରି ଏକାନ୍ତ ମନରେ ନାମ କରିବାକୁ ହେବ। ତଦ୍ୱାରା ତାହାର ନାମକାରୀର ଶରୀରରେ ଯେ କମ୍ପନ ହୁଏ ତାହା ବୈଦ୍ୟୁତିକ ଶକ୍ତି ଧାରା ପରି ରୋଗୀର ଶରୀରର ସମଜାତୀୟତା ବଶତଃ ଆଭ୍ୟନ୍ତରରେ ପ୍ରବେଶ କରି ପୂର୍ବୋଲ୍ଲିଖିତ ପ୍ରଣାଳୀ କ୍ରମେ ରୋଗ ନିରାମୟ କରେ। ଏହା ସଙ୍ଗେ ସଙ୍ଗେ ତାହାର ନିରାମୟ ଭାବର ଇଚ୍ଛାଶକ୍ତିର କ୍ରିୟା ମଧ୍ୟ ହୋଇଥାଏ। ମଣିଷର ଶାଖା ଅର୍ଥାତ୍ ହସ୍ତପଦର ଅଙ୍ଗୁଳି ନେଗେଟିଭ ପୋଲର କାର୍ଯ୍ୟ କରେ। ସେହି ଅଙ୍ଗୁଳି ସମୂହରେ ଅନ୍ତର୍ବାହୀ ଓ ବହିର୍ବାହୀ ସ୍ନାୟୁ ରହିଛି, ତଦ୍ୱାରା ଚୈତନ୍ୟ ଶକ୍ତିଧାରା ବାହିତ ହୋଇଥାଏ। ଉତ୍ତମାଙ୍ଗ ବା ଦେହ ପଜିଟିଭ ପୋଲ କାର୍ଯ୍ୟ କରେ। ସୁତରାଂ ଯେ ବ୍ୟକ୍ତି ନାମମୟ ହୋଇ ନାମ କରେ ତାହାର ହସ୍ତ ରୋଗୀର ଉତ୍ତମାଙ୍ଗରେ ବା ଦେହରେ ସଂସ୍ଥାପିତ ହେଲେ ଭଲ କାର୍ଯ୍ୟ ହୁଏ। ନାମର କମ୍ପନ ରୋଗୀର ଗୃହ, ତନ୍ମଧ୍ୟସ୍ଥ ବାୟୁ, ଅଣୁ-ପରମାଣୁ ଓ ଇଥର ଇତ୍ୟାଦିକୁ ମଧ୍ୟ ସ୍ପନ୍ଦିତ କରିଦିଏ। ତାହାର ଫଳ ମଧ୍ୟ ରୋଗୀ ଲାଭ କରିଥାଏ। ଯେପରି କୌଣସି ସ୍ଥାନରେ କୌଣସି ଅସତ୍ କାର୍ଯ୍ୟ କଲେ ବା ଅସତ୍ ବାକ୍ୟ ଉଚ୍ଚାରିତ ହେଲେ ସେହି ସ୍ଥାନର ଅଣୁ-ପରମାଣୁ ଓ ଇଥର ପ୍ରଭୃତିରେ ସେହି ଅସତ୍ ଭାବର କମ୍ପନ ଯେପରି ବିସ୍ତାର ଲାଭ ଘଟିଥାଏ, ନାମ କମ୍ପନରେ ମଧ୍ୟ ତଦ୍ରୂପ ହୋଇଥାଏ। ଗୋଟିଏ ସତ୍ୟ ଘଟଣା ଅଛି। କୌଣସି ଏକ ସ୍ଥାନରେ ଗୋଟିଏ ଛୁରୀ ଦ୍ୱାରା ନରହତ୍ୟା ହୋଇଥିଲା। ତାପରେ ଦେଖାଗଲା, ସେହି ନରହତ୍ୟା ଭାବ କମ୍ପନ ସେହି ଛୁରୀରେ ଏପରି ଭାବରେ ପ୍ରବେଶ କରିଥିଲା ଯେ, ଯେ କେହି ବ୍ୟକ୍ତି ସେହି ଛୁରୀ ହାତରେ ଧରିଲେ ତାହାର ନରହତ୍ୟା କରିବାର ଇଚ୍ଛା ହେଉଥାଏ। ସେହିପରି ସାଧୁପୁରୁଷ ଓ ମହାପୁରୁଷଗଣ ନାମମୟ ରହୁଥିବାରୁ ସେମାନଙ୍କ ଅଙ୍ଗ ସଂଶ୍ଲିଷ୍ଟ ପ୍ରତ୍ୟେକ ବସ୍ତୁ ହିଁ ନାମ କମ୍ପନମୟ ହୋଇଥାଏ। ସେତେବେଳେ ସେହିସବୁ ବସ୍ତୁ ଦ୍ୱାରା ଅନେକଙ୍କର ଅନେକ ଉଦ୍ଦେଶ୍ୟ ସଫଳ ହୁଏ। ଯେପରି ସାଧୁ ପିଟରଙ୍କ ଗାମୁଛା ସ୍ପର୍ଶ ଦ୍ୱାରା ବହୁ ବ୍ୟକ୍ତିଙ୍କର ରୋଗ ଆରୋଗ୍ୟ ହେଉଥିଲା। ସାଧୁଙ୍କ ଚରଣଧୂଳି ବା ଚରଣାମୃତରେ ଅନେକ ରୋଗ ଆରୋଗ୍ୟ ହୋଇଥାଏ। ଜଣେ ଜଜକୋର୍ଟର ଓକିଲ ପୂଣ୍ୟପୋଥିର ଭାଷ୍ୟକାର ଲେଖିଛନ୍ତି ଜଣେ ଭଦ୍ରଲୋକର ହାତ ଧରି ମୋର ମନ ହେଉଥିଲା - ଯେପରି ତାଙ୍କର ସମସ୍ତ ଶିରାକମ୍ପନ ସେହି ଓଁକାର ଧ୍ୱନି ଶୁଣା ଯାଉଛି ।ଉପରୋକ୍ତ ଉପାୟରେ ସତ୍ୟନାମର ଶକ୍ତିରେ ମୃତ ବ୍ୟକ୍ତିର ଜୀବନ ଲାଭ ହୋଇପାରେ। ଯଦି ମୃତ୍ୟୁର ସମ ସମୟରେ ବା ଠିକ ଅବ୍ୟବହିତ ପରେ ସତ୍ୟନାମର ଶକ୍ତି ପ୍ରୟୋଗ କରାଯାଏ, ତା’ହେଲେ ତାହାର ସେହି ଅନ୍ତରତମ ମର୍ମସ୍ଥାନ ମସ୍ତିଷ୍କରେ ଚୈତନ୍ୟ ଶକ୍ତି ଉତ୍ତେଜିତ ହୋଇ ବୈଦ୍ୟୁତିକ ଶକ୍ତି ସ୍ରୋତ ଓ କୃତ୍ରିମ ଶ୍ୱାସ ପ୍ରକ୍ରିୟା ଦ୍ୱାରା ଯେପରି ହୁଏ ସେହିପରି ଭାବରେ ସମସ୍ତ ଯନ୍ତ୍ର ଏକ ସଙ୍ଗରେ କାର୍ଯ୍ୟ କରିବା ଦ୍ୱାରା ଜୀବନଲାଭ ଘଟିଥାଏ - ଅବଶ୍ୟ ଯଦି ଅଭ୍ୟନ୍ତରସ୍ଥ କୌଣସି ଯନ୍ତ୍ର ଧ୍ୱଂସପ୍ରାପ୍ତ ନ ହୋଇଥାଏ। ଏକଥା ବିଜ୍ଞାନଶାସ୍ତ୍ର ସମ୍ମତ ଓ ପ୍ରତ୍ୟକ୍ଷ ପରୀକ୍ଷିତ।

ସଦଗୁରୁ ନାମମୟ ହୋଇଥିବାରୁ ଦର୍ପଣବତ୍ ହୋଇଥାନ୍ତି। ସେଥିପାଇଁ ଯେଉଁ ବ୍ୟକ୍ତି ଯେଉଁ ଭାବ ନେଇ ସଦଗୁରୁଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, ସେ ସଦଗୁରୁଙ୍କ ନିକଟରୁ ସେହି ଭାବ ପ୍ରାପ୍ତ ହୋଇଥାନ୍ତି ଏବଂ ତାଙ୍କ ଭିତରର ସେହି ଭାବ ସଦଗୁରୁଙ୍କ ଦର୍ଶନ ସ୍ପର୍ଶନରେ ଉତ୍ତେଜିତ ଓ ଜାଗ୍ରତ ହୋଇ ପ୍ରକାଶ ପାଏ, ଯଥା କାମକ୍ରୋଧାଦି। କିନ୍ତୁ ସେହି ସୁପ୍ତଭାବ ସମୂହ ଜାଗ୍ରତ ହୋଇ ପ୍ରକାଶିତ ହେବାରୁ ସେମାନେ ଯେଉଁ ପରିମାଣରେ ଭିତରେ ଥିଲେ ସେହି ପରିମାଣରେ ରହିପାରନ୍ତି ନାହିଁ, ବହିର୍ଗତ ହୋଇଯାଆନ୍ତି। ଏହି କାରଣରୁ ଦେଖାଯାଏ ଯେ ସଦଗୁରୁଙ୍କର ଦର୍ଶନ ଓ ସ୍ପର୍ଶନ ପରେ ବ୍ୟକ୍ତିର ଚରିତ୍ରରେ ଉନ୍ନତି ହୁଏ। ସତଭାବ ନେଇ ତାଙ୍କ ନିକଟସ୍ଥ ହେଲେ ସଦଭାବର ଉଦବୋଧନ ହୁଏ, ବୃଦ୍ଧି ହେବାକୁ ଲାଗେ। ପୁଣି ତାଙ୍କ ମଧ୍ୟରେ ନାମର ଶକ୍ତିର କମ୍ପନ ବର୍ତ୍ତମାନ ଥିବାରୁ ତାଙ୍କର ଦର୍ଶନ ସ୍ପର୍ଶନରେ ଅଥବା ତାଙ୍କର ଅଙ୍ଗ ସଂଲଗ୍ନ ଶକ୍ତି ସଞ୍ଚାରିତ ବସ୍ତୁ ଦ୍ୱାରା ନାନାବିଧ ଅଦ୍ଭୁତ ଘଟଣା ସଙ୍ଘଟିତ ହୋଇଥାଏ।

ବିଶ୍ୱାସରେ ରୋଗ ଆରୋଗ୍ୟ ହୁଏ ବୋଲି ଶୁଣାଯାଏ, ସେ କଥା ସତ୍ୟ। କିନ୍ତୁ ସେହି ବିଶ୍ୱାସ ସହିତ ଯଦି ସତ୍ୟନାମ ଜପ କରାଯାଏ, ତା’ହେଲେ ବହୁ ଅସାଧ୍ୟ ବ୍ୟାଧି ଆରୋଗ୍ୟ ହୋଇ ମୁମୂର୍ଷୁ ଓ ମୃତ ବ୍ୟକ୍ତିର ଜୀବନଲାଭ ହୁଏ। ନାମ ପ୍ରୟୋଗର ଆହୁରି କେତେ ଗୁଡ଼ିଏ ପ୍ରକ୍ରିୟା ଅଛି ତାହା ସଦଗୁରୁ ଉପଦେଶଗମ୍ୟ। ସେହି ପ୍ରଣାଳୀ ଅବଗତ ନ ହେଲେ ପ୍ରକୃତ ଭାବରେ କାର୍ଯ୍ୟରେ ସଫଳତା ଆସେନାହିଁ। ଆୟୁର୍ବେଦ ଶାସ୍ତ୍ରୋକ୍ତ ଚିକିତ୍ସା ପ୍ରଣାଳୀରେ ରୋଗ ଆରୋଗ୍ୟ ହୋଇଥାଏ। ପୁଣି ଏଲୋପ୍ୟାଥିକ ଚିକିତ୍ସା ପ୍ରଣାଳୀରେ ମଧ୍ୟ ରୋଗାରୋଗ୍ୟ ହୁଏ। ମାନସିକ ଶକ୍ତି ବା ହିପନଟିଜମ ଦ୍ୱାରା ରୋଗାରୋଗ୍ୟ ହୋଇଥାଏ। ସୂକ୍ଷ୍ମତତ୍ତ୍ୱ ହୋମିଓପ୍ୟାଥିର ଉଚ୍ଚଶକ୍ତିର ଏକ ମାତ୍ରାରେ ମଧ୍ୟ ରୋଗାରୋଗ୍ୟ ହୁଏ। ପୁଣି ଶତସହସ୍ର ଔଷଧ ଦ୍ୱାରା ଚିକିତ୍ସା ନକରି ମଧ୍ୟ ମାତ୍ର ବାରଗୋଟି ବାଇଓକେମିକ ବା ଟିସୁରେମିଡ଼ି ଦ୍ୱାରା ରୋଗାରୋଗ୍ୟ ହେଉଛି। ସେହିଭଳି ବର୍ତ୍ତମାନ ନବଯୁଗରେ ପ୍ରଣାଳୀକ୍ରମରେ ଏକ ସତ୍ୟନାମ ଦ୍ୱାରା ସହଜରେ ସତ୍ୱର ରୋଗାରୋଗ୍ୟ ହେଉଅଛି ଏବଂ ହେବ, ଅକାଳ ମୃତ୍ୟୁର ହାତରୁ ରକ୍ଷା ମିଳିପାରିବ। ତାହାର ସୂତ୍ରପାତ ହେଉଅଛି। ତାହା ସୁଦୂର ଭବିଷ୍ୟତରେ ନୁହେଁ। ଏ ନୁହେଁ କାହାଣୀ ଏ ନୁହେଁ ସ୍ୱପ୍ନ। ସେଦିନ ଆଗତପ୍ରାୟ। ପୂର୍ବୋକ୍ତ ସେହିସବୁ ଚିକିତ୍ସା ପ୍ରଣାଳୀ ଦ୍ୱାରା ରୋଗ ଆରୋଗ୍ୟ ଅପେକ୍ଷା ସତ୍ୟନାମରେ ରୋଗ ଆରୋଗ୍ୟର ଶକ୍ତି ଅତ୍ୟନ୍ତ ଅଧିକ। ପ୍ରତ୍ୟକ୍ଷ ସତ୍ୟ କଥା। ଯେ କେହି ପରୀକ୍ଷା କରିଦେଖିପାରନ୍ତି। କଳକୀ ଅବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ସତ୍ୟନାମର ପ୍ରବର୍ତ୍ତକ ଓ ନାମ ହସ୍ପିଟାଲର ପ୍ରତିଷ୍ଠାତା। ନାମ କମ୍ପନ ମାଧ୍ୟମରେ ରୋଗୀ ଚିକିତ୍ସା (ଭାଇବ୍ରେସିଟେ) ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଏକ ଅଭିନବ ପରିକଳ୍ପନା।

ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ, ଦୂରଭାଷ : ୯୪୩୭୦୫୧୯୫୭

# ପ୍ରକୃତିର ଆହ୍ୱାନ

॥ ଶୁଭସ୍ମିତା ସାମଲ ॥

କେବେ ବଣ ପାହାଡ଼କୁ ଯାଇଛନ୍ତି ? ଗାଁରେ ଛୁଟିଦିନ କଟାଇଛନ୍ତି ? ସେଠି ରହି ପ୍ରକୃତିକୁ ଉପଭୋଗ କରିଛନ୍ତି ? ଯଦି ଯାଇଥିବେ ତା’ହେଲେ ରଙ୍ଗବେରଙ୍ଗ ପ୍ରଜାପତି, ଭଅଁର, ସାଧବ ବୋହୂ ଆଦିଙ୍କୁ ଖୁବ୍ ଉପଭୋଗ କରିଥିବେ । ପ୍ରଜାପତି ଫୁଲ ଉପରେ ବସି ପବନରେ ଦୋଳି ଖେଳିବା, ଭଅଁରର ଗୁଞ୍ଜନ ଆଉ ସାଧବ ବୋହୂର ଲାଲ ଟୁକୁଟୁକୁ ରୂପ ଦେଖି ମନ ଖୁସି ହୋଇଯାଏନି ? ସେମାନଙ୍କୁ ଦେଖି ଦେଖି ସମୟ କେମିତି କଟିଯାଏ ଜାଣି ହୁଏନି । ଏବେ ଆଉଥରେ ସେ ସବୁ ସ୍ଥାନକୁ ଯାଆନ୍ତୁ, ବଗିଚାରେ, ପଡ଼ିଆରେ ବସନ୍ତୁ । ସେଠି ବସିଲେ ପିଲାଦିନେ ପ୍ରଜାପତି ପଛରେ ଦୌଡ଼ିବାର ଆଉ ପ୍ରଜାପତି ଧରିବାର ସ୍ମୃତି ସବୁ ତାଜା ହୋଇଯିବ । ହଠାତ୍ ମନେ ହେବ ପ୍ରଜାପତି ସବୁ କୁଆଡ଼େ ଗଲେ ? ଭଅଁରର ସ୍ୱର କାହିଁକି ଶୁଣାଯାଉନିତ ? କେବେ କେମିତି ଗୋଟାଏ ଦୁଇଟା ଆଖିରେ ପଡ଼ିବ । ଆପଣଙ୍କ ପ୍ରିୟ ରଙ୍ଗ କିମ୍ବା ପ୍ରିୟ ଛିଟ ଥିବା ପ୍ରଜାପତିକୁ ଯେତେ ଖୋଜିଲେ ବି ପାଉନଥିବେ ଆପଣ । ନିହାତି ଅଗମ୍ୟ ଗାଁ ଗଣ୍ଡାରେ ବି ଆଉ ଆଗଭଳି ହାଉଯାଉ ପ୍ରଜାପତି ଓ ବିଭିନ୍ନ ରକମର କୀଟପତଙ୍ଗ ଦେଖାଯାଉ ନାହାନ୍ତି ଏବେ । ମହାନଗର ଗୁଡ଼ିକରେ ତ ଏସବୁ ଦେଖିବା ସ୍ୱପ୍ନ ।

ପ୍ରଜାପତି ହେଉ ବା ଅନ୍ୟ କୀଟପତଙ୍ଗ ହୁଅନ୍ତୁ, ସେମାନଙ୍କର ସୁନ୍ଦର ଦୁନିଆ ଏବେ ସଙ୍କୁଚିତ ହେବାରେ ଲାଗିଛି । ଏହା କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ପାଇଁ ନୁହେଁ, ମନୁଷ୍ୟର ଅସ୍ତିତ୍ୱ ପାଇଁ ମଧ୍ୟ ବିପଦର ସଙ୍କେତ । କୀଟପତଙ୍ଗ କେବଳ ଜୈବ ବିବିଧତାର ଅଂଶ ନୁହନ୍ତି । ସେମାନଙ୍କର ପରିଶ୍ରମ ଏବଂ ସେମାନଙ୍କର ସଂଖ୍ୟା ବହୁଳତା ମନୁଷ୍ୟର ଅସ୍ତିତ୍ୱ ପାଇଁ ଖୁବ୍ ଜରୁରୀ । ମନୁଷ୍ୟର ଖାଦ୍ୟ ଉତ୍ପାଦନ ପାଇଁ ସେମାନେ ସାରାଦିନ ଖୁବ୍ ପରିଶ୍ରମ କରନ୍ତି । ଫୁଲଟିଏ ଫଳ ପାଲଟିବା ପାଇଁ ଆବଶ୍ୟକ ପରାଗ ସଙ୍ଗମ ସଂପନ୍ନ ହୁଏ ସେମାନଙ୍କ ଦ୍ୱାରା । କୀଟପତଙ୍ଗ ଦ୍ୱାରା ହେଉଥିବା ପ୍ରାକୃତିକ ପରାଗ ସଙ୍ଗମ ଯୋଗୁଁ ମନୁଷ୍ୟ ଜାତିକୁ ପ୍ରାୟ ୨୨୫ରୁ ୨୩୦ ନିୟୁତ ଡଲାର ପ୍ରକୃତିଦତ୍ତ ଖାଦ୍ୟ ଉପହାର ମିଳେ । ପରାଗ ସଙ୍ଗମରେ ସବୁଠାରୁ ସକ୍ରିୟ ଯୋଗଦାନ ଥିବା କୀଟପତଙ୍ଗ ମଧ୍ୟରେ ମହୁମାଛି ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର ବିଷୟ ସାରା ବିଶ୍ୱରେ ବିଶେଷ କରି ଆମେରିକା ଓ ୟୁରୋପରେ ମହୁମାଛିଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ସଂଖ୍ୟା କମ୍ ହେବା ପ୍ରାକୃତିକ ମହୁ ଉତ୍ପାଦନକୁ ହ୍ରାସ କରିଛି । ଏଥିସହ ଫଳ ଓ ପନିପରିବା ଉତ୍ପାଦନ ମଧ୍ୟ କମ୍ କରିଛି । ବୈଜ୍ଞାନିକମାନେ ମଧ୍ୟ ମହୁମାଛିଙ୍କ ସଂଖ୍ୟା ଏତେ ଦ୍ରୁତ ଗତିରେ କାହିଁକି ହ୍ରାସ ପାଉଛି ତା’ର ରହସ୍ୟଭେଦ କରିପାରୁନାହାନ୍ତି । ତେବେ କୀଟନାଶକ ଅତ୍ୟଧିକ ବ୍ୟବହାର, ଗ୍ଲୋବାଲ୍ ୱାର୍ମିଂ, ତେଜଷ୍କ୍ରିୟ ବିକିରଣ ମୋବାଇଲ ଟାୱାର ଏବଂ ପରିବେଶ ପ୍ରଦୂଷଣ ମହୁମାଛିମାନଙ୍କ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ବୋଲି ପ୍ରକୃତିବିଦ୍‌ମାନେ ମତ ଦିଅନ୍ତୁ । ଏହି ସଙ୍କଟକୁ ବର୍ତ୍ତମାନ ପର୍ଯ୍ୟନ୍ତ କୃଷିବିଦ୍‌ମାନେ ଗମ୍ଭୀରତାର ସହ ନେଇ ନାହାନ୍ତି । କାରଣ ଶସ୍ୟଜାତୀୟ ଫସଲର ଉତ୍ପାଦନ ନିମନ୍ତେ ବାହ୍ୟକାରକର ଆବଶ୍ୟକତା ନଥାଏ । ମାତ୍ର ଅନେକ ଫଳ ଓ ପନିପରିବାର ପରାଗ ସଙ୍ଗମ କୀଟପତଙ୍ଗ ସହଯୋଗ ବିନା ସଂପୂର୍ଣ୍ଣ ହୋଇପାରେ ନାହିଁ । କୀଟପତଙ୍ଗ ସଂଖ୍ୟା ହ୍ରାସ କଖାରୁ, ପାଣିକଖାରୁ, ଲାଉ, ଭେଣ୍ଡି, ଲଙ୍କା, କାକୁଡି ଆଦି ପନିପରିବା ଏବଂ କଦଳ. ସେଓ, କମଳା, ପେସ୍ତାବଦାମ ଆଦି ଫଳର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି ।

ଚୀନ୍ ପରେ ଭାରତ ବିଶ୍ୱର ସବୁଠାରୁ ବଡ଼ ପନିପରିବା ଉତ୍ପାଦକ ଦେଶ । ଏଠି ପ୍ରତିବର୍ଷ ପ୍ରାୟ ୭୫ ଲକ୍ଷ ଟନ୍ ପନିପରିବା ଉତ୍ପାଦନ ହୁଏ । ଏହା ସାରା ବିଶ୍ୱର ପନିପରିବା ଉତ୍ପାଦନ ପ୍ରାୟ ୧୪ ପ୍ରତିଶତ । ପରିବା ବିନା ଭୋଜନ ବିଷୟରେ ଭାରତୀୟମାନେ ଚିନ୍ତା କରିପାରନ୍ତି ନାହିଁ । ଏ ସମ୍ପର୍କରେ କୋଲକତା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ପାର୍ଥିବ ବସୁ କହିଛନ୍ତି - ଆମ ଜିଡ଼ିପିରେ କୃଷି ଯୋଗଦାନ ୨୦ ପ୍ରତିଶତ । ପନିପରିବା ଓ ଫଳ ଉତ୍ପାଦନ କମ୍ ହେଲେ ଏହାର ପ୍ରଭାବ ଜିଡ଼ିପି ଉପରେ ପଡ଼ିବ । ଏହାର ସମାଧାନ କେବଳ ଇକୋ - ଫ୍ରେଣ୍ଡଲି ଫାର୍ମିଂ ବୋଲି କହିଛନ୍ତି । କୃଷିରେ ଜୈବିକ ଉର୍ବରକ ବ୍ୟବହାର କରିବା ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନଗୁଡ଼ିକୁ ନଷ୍ଟ ନକରିବା ଦ୍ୱାରା ସେମାନଙ୍କ ସଂଖ୍ୟା ପୁଣିଥରେ ବୃଦ୍ଧି କରାଯାଇପାରିବ। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେସନ୍‌ର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୫୦ଟି ଦେଶରେ ଖାଦ୍ୟଶସ୍ୟର ଶହେଟି ମୁଖ୍ୟ ପ୍ରଜାତି ବିଶ୍ୱର ୯୦ ପ୍ରତିଶତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପୂରଣ କରେ । ଏଗୁଡ଼ିକ ମଧ୍ୟରୁ ୭୧ଟି ପ୍ରଜାତି ଫସଲର ପରାଗସଙ୍ଗମ ମହୁମାଛି ଦ୍ୱାରା ହୋଇଥାଏ । ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏଫ୍‌ଏଓ ଭାରତ ସମେତ ୭ଟି ଦେଶର କୀଟପତଙ୍ଗ ସଂଖ୍ୟା ହ୍ରାସକୁ ରୋକିବା ଏବଂ ପରାଗ ସଙ୍ଗମ ପରିଚାଳନାକୁ ଦୃଢ଼ କରିବା ନିମନ୍ତେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି । କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ସମସ୍ୟା ବିଶ୍ୱ ପାଇଁ ଖାଦ୍ୟାଭାବ ସୃଷ୍ଟି କରିବ ବୋଲି ଏଫ୍‌ଏଓ ଚେତାବନୀ ଦେଇଛି । ସର୍ବେକ୍ଷଣରୁ ଜଣାପଡ଼ିଛି ବ୍ରିଟେନ୍‌ରେ ୨୦୧୨ ଓ ୨୦୧୩ ମସିହାରେ ମହୁମାଛିଙ୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି । ଇଟାଲୀରେ ଏମାନଙ୍କ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ହ୍ରାସ ପାଇଛି । ଭାରତରେ ମଧ୍ୟ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତରେ ସବୁଜ ବିପ୍ଳବର ସ୍ୱପ୍ନକୁ ସାକାର କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେଉଛି । ସାର ଯୋଗୁଁ ମାଟିର ମାନ ହ୍ରାସ ପାଉଛି । କୀଟନାଶକ ହିତକାରୀ କୀଟପତଙ୍ଗ ପାଇଁ ବିପଦ ସୃଷ୍ଟି କରୁଛି । ଏହା ବ୍ୟତୀତ ପ୍ରଦୂଷଣ ଓ ଗ୍ଲୋବାଲ୍ ୱାର୍ମିଂ ମଧ୍ୟ କୀଟପତଙ୍ଗ ସଂଖ୍ୟା ହ୍ରାସ କରୁଛି । ହିମାଳୟ ଅଞ୍ଚଳ ମଧ୍ୟ ଗ୍ଲୋବାଲ୍ ୱାର୍ମିଂ ସମସ୍ୟାରୁ ମୁକ୍ତ ନୁହେଁ । ଏହି ଅଞ୍ଚଳରେ ଜଳ ବିଦ୍ୟୁତ୍ ପରିଯୋଜନା ପାଇଁ ନିର୍ମାଣ ହୋଇଥିବା ବନ୍ଧ ଯୋଗୁଁ ଏଠାରେ ତାପମାତ୍ରା ବଢୁଛି । ଏହି ତାପ ବୃଦ୍ଧିକୁ ସ୍ଥାନୀୟ କୀଟପତଙ୍ଗ ସହ୍ୟ କରିପାରୁ ନାହାନ୍ତି । ଏବେ କେବଳ ପରିବେଶବିଦ୍ ନୁହନ୍ତି, କୃଷି ବିଜ୍ଞାନୀମାନେ ମଧ୍ୟ ଏହି ସମସ୍ୟାକୁ ବୁଝିବାରେ ଲାଗିଲେଣି । ଏବେ ସାଧାରଣ ଲୋକେ ଏହାକୁ ବୁଝିବାର ସମୟ ଆସିଯାଇଛି ।

ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ

# ନାନା ମୁନୀ ନାନା ମତ

॥ ଅନୀତା ପଟ୍ଟନାୟକ ॥

ବେଦରେ ସୁନ୍ଦର ଭାବରେ ବର୍ଣ୍ଣନା କରି କୁହାଯାଇଛି ଯେ - ‘ଏକଂ ସତ୍ ବିପ୍ରା ବହୁଧା ଭବନ୍ତି’ ଏହାର ଅର୍ଥ ସତ୍ୟ ହିଁ ଏକ କିନ୍ତୁ ଜ୍ଞାନୀ ବା ପଣ୍ଡିତମାନେ ଏହାକୁ ବିଭିନ୍ନ ପ୍ରକାରରେ ବର୍ଣ୍ଣନା କରିଛନ୍ତି। ସମସ୍ତଙ୍କୁ ଗଳ୍ପ ପଢ଼ିବାକୁ ଭାରି ଭଲ ଲାଗେ। ସବୁ ବର୍ଗର ଲୋକଙ୍କୁ କ୍ଷୁଦ୍ର ଗଳ୍ପ ଖୁବ ସୁନ୍ଦର ଓ ମଧୁର ଲାଗେ। ସେଥିପାଇଁ ଯୋଗୀ ସନ୍ନ୍ୟାସୀ, ଅବତାରୀ ପୁରୁଷମାନେ ପରମ ସତ୍ୟକୁ ବୁଝାଇବା ସମୟରେ ମୂଲ୍ୟବୋଧଭିତ୍ତିକ ଗଳ୍ପର ସାହାଯ୍ୟ ଦେଇଥାନ୍ତି। ଦିନେ ଆମକୁ ଦର୍ଶନଶାସ୍ତ୍ର ଶିକ୍ଷା ଦେଉଥିବା ଶିକ୍ଷକ ଆମ ଶ୍ରେଣୀ ଗୃହରେ ‘ଆମେ କେଉଁଠାରୁ ଆସିଛୁ ? କେଉଁଠାକୁ ଯିବୁ ? ଓ ଆମର ଜୀବନର ଉଦ୍ଦେଶ୍ୟ କଣ ?’ ବିଷୟଟିକୁ ଉତ୍ଥାପନ କଲେ। ଆମ ଠାରୁ ପ୍ରଶ୍ନୋତ୍ତର ମାଧ୍ୟମରେ ସେ ଉତ୍ତର ଆଦାୟ କରିବାକୁ ଚେଷ୍ଟା କରି ପରବର୍ତ୍ତୀ କ୍ଲାସରେ ଏହାର ଉତ୍ତର ଦେବାକୁ କହିଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା। ଏହାଥିଲା ଯେ ସେ ପରବର୍ତ୍ତୀ କ୍ଲାସ ନେବା ପୂର୍ବରୁ ତାଙ୍କର ବଦଳି ହୋଇଯାଇଥିଲା। କିନ୍ତୁ ଶ୍ରେଣୀଗୃହରେ ସେ ଯେଉଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖିଥିଲେ ତାହା ଆଜି ବି ମୋର ମନେଅଛି। ସେହି ପୂଜ୍ୟ ଗୁରୁଙ୍କର ପ୍ରଶ୍ନ ଓ ଉତ୍ତର ମୁଁ ଆନନ୍ଦର ସହ ନିମ୍ନରେ ବର୍ଣ୍ଣନା କରୁଛି। ପାଠକ ପାଠିକା ମାନଙ୍କୁ ଅନୁରୋଧ ଏହି ପ୍ରଶ୍ନୋତ୍ତର ପଢ଼ି କେଉଁଟି ସଠିକ ଉତ୍ତର ତାହା ଜଣାଇଲେ ମୁଁ ଆନନ୍ଦିତ ହେବି।

ଶିକ୍ଷକ ସେହିଦିନ କହିଥିଲେ ଯେ ଜ୍ଞାନୀ ଗୁଣୀ ଲୋକମାନେ ଚିରନ୍ତନ ସତ୍ୟର ଅନୁସନ୍ଧାନକୁ ସେମାନଙ୍କର ମାନସିକ ଚିନ୍ତାଧାରା ସ୍ତରକୁ ନେଇ ପରିପ୍ରକାଶିତ କରିଥାନ୍ତି। ଶିକ୍ଷକ ଏହିପରି ଭାବରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିଲେ। ଶ୍ରେଣୀଗୃହର ସବୁଠାରୁ ଭଲପିଲା ସଞ୍ଜୟକୁ ଆମ ଶ୍ରେଣୀର ଧୃତରାଷ୍ଟ୍ର ବୋଲି ଏକ ପିଲାକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ ଯଥା - ସେ କେଉଁଠାରୁ ଆସିଛି ? କେଉଁ ଠାକୁ ଯିବ ଓ ତାର ଜୀବନର ଉଦ୍ଦେଶ୍ୟ କ’ଣ ? ଧୃତରାଷ୍ଟ୍ର ଉତ୍ତର ଦେଲା - ‘ମୁଁ ମାମୁଁ ଘରୁ ଆସିଛି। ବଜାରକୁ ଯିବି, ଫଳ କିଣିବା ମୋର ଉଦ୍ଦେଶ୍ୟ’। ଶିକ୍ଷକ ଏଥର ଶ୍ରେଣୀର ଅନ୍ୟ ଏକ ଛାତ୍ର ଅର୍ଜୁନକୁ ଶ୍ରେଣୀର - ଅନ୍ୟ ଏକ ଛାତ୍ର ଭୀଷ୍ମକୁ ପ୍ରଶ୍ନ ପଚାରିବାକୁ କହିଲେ। ଭୀଷ୍ମ ନିଜର ଉତ୍ତର ରଖି କହିଲା - ‘ମୁଁ ବାପାମାଆଙ୍କ ପାଖରୁ ଆସିଛି। ମୋର ଜୀବନ ମୋର ଭାଗ୍ୟକୁ ନେଇ ଚାଲିଛି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ ମୁଁ ଏ ସଂସାରରେ ଯାହା ପାଇଛି ବା ପାଇବି ତାଠାରୁ ଅଧିକ କିଛି ଏ ସଂସାରକୁ ଦେବି। ମୋ ଜୀବନର ଲକ୍ଷ୍ୟ।’ ଏଥର ଶିକ୍ଷକ ଶ୍ରେଣୀର ଛାତ୍ର ପଦ୍ମପାଦକୁ ସେହି ଶ୍ରେଣୀର ଛାତ୍ର ଶଙ୍କରକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। ପଦ୍ମପାଦ ଅତ୍ୟନ୍ତ ନମ୍ରତାର ସହିତ ଉତ୍ତର ଦେଇ କହିଲା। ‘ମୁଁ ପୂର୍ଣ୍ଣତାରୁ ଆସିଛି। ପୂର୍ଣ୍ଣତା ଆଡ଼କୁ ଯାଉଛି। ମୁଁ ବର୍ତ୍ତମାନ ପୂର୍ଣ୍ଣତାକୁ ଉପଲବ୍ଧି କରୁଛି। ଏହା ହିଁ ମୋର ଦୈନନ୍ଦିନ ଜୀବନ ଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।’ ଏଥର ଶିକ୍ଷକ ସେହି ପ୍ରଶ୍ନଟିକୁ ଆମର ଶ୍ରେଣୀର ଅନ୍ୟ ଏକ ଛାତ୍ର ବିବେକାନନ୍ଦକୁ ବୁଦ୍ଧ ନାମକ ଅନ୍ୟଏକ ଛାତ୍ରକୁ ପଚାରିବାକୁ କହିଲେ। ବୁଦ୍ଧ ମୁଦ୍ରିତ ଚକ୍ଷୁରେ ଉତ୍ତର ରଖି କହିଲା ‘ମୁଁ ଶୂନ୍ୟତାରୁ ଆସିଛି। ଶୂନ୍ୟତା ଆଡ଼କୁ ଯାଉଛି ଓ ଶୂନ୍ୟତା ହିଁ ମୋ ଜୀବନର ଏକ ମାତ୍ର ଲକ୍ଷ୍ୟ।’ ଏଥର ଶିକ୍ଷକ ଶ୍ରେଣୀର ଅନ୍ୟ ଏକ ଛାତ୍ର ହସ୍ତମଳକକୁ ତ୍ରୋଟକ ନାମକ ଏକ ଛାତ୍ରକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ। ତ୍ରୋଟକ ପ୍ରେମପୂର୍ଣ୍ଣ ଭାବେ ଉତ୍ତର ଦେଇ କହିଲେ ‘ମୁଁ ଆସିନାହିଁ। ମୁଁ କେଉଁଠାକୁ ଯାଉନାହିଁ। ତେଣୁ ମୋର ଜୀବନର ଲକ୍ଷ୍ୟ ନାହିଁ।’ ଏଥର ଶିକ୍ଷକ ଆମ ଶ୍ରେଣୀର ସତ୍ୟବନ୍ତ ଓ ଧୀରସ୍ଥିର ଏକ ଛାତ୍ର ଯୁଧିଷ୍ଠିରକୁ ସେହି ଶ୍ରେଣୀର ଅନ୍ୟ ଏକ ଛାତ୍ର କୃଷ୍ଣକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। କୃଷ୍ଣ ଉତ୍ତର ଦେବା ଭଙ୍ଗୀରେ ଠିଆ ହେଲେ। କିନ୍ତୁ ଏ କଣ ? ତାଙ୍କର କୌଣସି ଉତ୍ତର ନଥିଲା। କେବଳ ଥିଲା ‘ସ୍ମିତହାସ୍ୟ’ ଶିକ୍ଷକ କହିଲେ କୃଷ୍ଣ ଏହି ପ୍ରଶ୍ନର ଉତ୍ତର କଣ କେବଳ ସ୍ମିତହାସ୍ୟ। ସେ ଉତ୍ତର ଦେଇଥିଲେ ‘ହଁ ସାର’ । ଏଥର ପଲ୍ଲବୀକୁ ମତେ ମତେ ସେହି ପ୍ରଶ୍ନ ପଚାରିବାକୁ କହିଲେ, ମୁଁ ଉତ୍ତରରେ କହିଲି ‘ମୁଁ ନିରାକାର ଥିଲି, ମାତୃଗର୍ଭରେ ଧୀରେ ଧୀରେ ମୁଁ ଆକାର ନେଲି। ପ୍ରତିଦିନ ମୋର ଚେଷ୍ଟା ହେଉଛି ମୋର ଏହି ଆକାରକୁ ଛାଡ଼ି ମୁଁ କିପରି ନିରାକାର ହୋଇଯିବି ମୋର ଜୀବନର ଲକ୍ଷ୍ୟ ହେଉଛି ଯେ କିପରି ମତେ ଆଉଥରେ ଆକାର ନେବାକୁ ପଡ଼ିବ ନାହିଁ।’ ଦୁଃଖର ବିଷୟ ଶ୍ରେଣୀର ଦର୍ଶନଶାସ୍ତ୍ରର ଶିକ୍ଷକ ବଦଳି ହୋଇଯିବାରୁ ଆଜି ପର୍ଯ୍ୟନ୍ତ ସଠିକ ଉତ୍ତର ପାଇପାରିନାହିଁ। କେଉଁଟି ସଠିକ ଉତ୍ତର ଜଣାଇଲେ ମୁଁ ଚରିଉପକୃତ ହେବି।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ,
କଟକ, ଦୂରଭାଷ : ୯୬୯୨୯୮୦୦୨୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଚିଲିକାରୁ ବେଆଇନ ଘେରି ଉଚ୍ଛେଦ




କୃଷ୍ଣପ୍ରସାଦ, (ମହାଭାରତ) : ନୀଳମ୍ବୁ ଚିଲିକାରୁ ଘେରି ମୁକ୍ତ ଅଭିଯାନ ଆରମ୍ଭ ହୋଇଛି । ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ତହସିଲ ଅଧିନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ତହସିଲ ପ୍ରଶାସନ ସହଯୋଗରେ ବେଆଇନ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ମଙ୍ଗଳବାର ତିତିପ ରାଜସ୍ୱ ସର୍କଲ ଅଧିନ ନୂଆଗାଁ ଓ କଙ୍କଡାଗାଡ଼ (କ ) ଚିଲିକା ଅଞ୍ଚଳରୁ ୨୦୦ ଏକର ଚିଲିକାରେ ହୋଇଥିବା ଜାଲ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି । ଘେରି ରେ ବ୍ୟବହାର ହୋଇ ଥିବା ଜାଲ, କିଳା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି । ଏହି ଉଚ୍ଛେଦ କୃଷ୍ଣପ୍ରସାଦ ତହସିଲଦାର ବିକାଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୦ ଜଣ ଶ୍ରମିକଙ୍କୁ ନେଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ଶାନ୍ତି ଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ନିରୀକ୍ଷକ ତିତିପ ଶଶାଙ୍କ ମହାରଣା, ରାଜସ୍ୱ ପରିଦର୍ଶକ ଲକ୍ଷ୍ମୀକାନ୍ତ ପାତ୍ର ସମେତ ତହସିଲ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ । ଚିଲିକାକୁ ସମ୍ପୂର୍ଣ୍ଣ ଘେରି ମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ତହସିଲଦାର ବିକାଶ ସେଠୀ ପ୍ରକାଶ କରିଛନ୍ତି ।

## ଜୁନାଗଡ଼ ବ୍ଲକରେ ପ୍ରକ୍ସି ସରପଞ୍ଚଙ୍କ ହାତରେ ପଞ୍ଚାୟତ ମାନଙ୍କ ଭାଗ୍ୟ




ଜୁନାଗଡ଼, (ମହାଭାରତ): ଜୁନାଗଡ଼ ବ୍ଲକରେ ପ୍ରକ୍ସି ସରପଞ୍ଚ ମାନଙ୍କ ଦୌରାତ୍ମ୍ୟ ଦିନ କୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କେଉଁ ପଞ୍ଚାୟତରେ ସ୍ୱାମୀ ତ ଆଉ କେଉଁ ପଞ୍ଚାୟତ ରେ ଦିଅର ମହିଳା ସରପଞ୍ଚଙ୍କ ଚୌକି କୁ ମାଡି ବସିଛନ୍ତି । ଅନ୍ୟ ପକ୍ଷରେ ହାଇକୋର୍ଟ ପକ୍ଷରୁ ପ୍ରକ୍ସି ସରପଞ୍ଚ ମାନଙ୍କୁ ମହିଳା ସରପଞ୍ଚ ଥିବା ପଞ୍ଚାୟତରେ ହସ୍ତକ୍ଷେପ ନ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ ସୁଦ୍ଧା ଏହି ନିର୍ଦ୍ଦେଶକୁ ଅବମାନନା କରୁଥିବା ନେଇ ସାଧାରଣରେ ଉଦବେଗର ବିଷୟ ହୋଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜୁନାଗଡ଼ ବ୍ଲକ ରେ ୩୪ଟି ପଞ୍ଚାୟତ ଥିବା ବେଳେ ସେଥି ମଧ୍ୟରୁ ପ୍ରାୟ ୧୫ ଜଣ ମହିଳା ସରପଞ୍ଚ ଅଛନ୍ତି । କିନ୍ତୁ ଏହି ମହିଳା ସରପଞ୍ଚ ମାନେ କିଛି ଜାଣନ୍ତି ନାହିଁ । କେବଳ ଦସ୍ତଖତ ମାରିବା ହିଁ ଏମାନଙ୍କ ସାର ଯାଏ । କେଉଁ ପଞ୍ଚାୟତ ରେ ଦିଅର ତ ଆଉ କେଉଁ ପଞ୍ଚାୟତରେ ସ୍ୱାମୀମାନେ ମହିଳା ସରପଞ୍ଚଙ୍କ ଚୌକି ରେ ବାସି ପଞ୍ଚାୟତକୁ ଆସୁଥିବା ଉନ୍ନତି ମୂଳକ କାମରେ ହସ୍ତକ୍ଷେପ କରନ୍ତି । ପଞ୍ଚାୟତ ପିଇଓ ଠାରୁ ଆରମ୍ଭ କରି ଜିଆରଏସ ପର୍ଯ୍ୟନ୍ତ ସମସ୍ତଙ୍କୁ ନିଜ ବଶବର୍ତ୍ତୀ କରିବା ସହ ଏମାନେ ବ୍ଲକରେ ମଧ୍ୟ ନିଜକୁ ସରପଞ୍ଚର ପରିଚୟ ଦେଇ ଠିକା କାମ କରୁଥିବା ଅଭିଯୋଗ ହୋଇଛି । ଗତ ଦୁଇବର୍ଷ ତଳେ ମାନ୍ୟବର୍ବହାଇକୋର୍ଟ କଳାହାଣ୍ଡି ଜିଲ୍ଲାରେ ପ୍ରକ୍ସି ସରପଞ୍ଚଙ୍କ ହସ୍ତକ୍ଷେପକୁ ବାରଣ ନେଇ ନିର୍ଦ୍ଦେଶ ଦେଇଥିଲେ । ହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଙ୍କୁ ମଧ୍ୟ ପ୍ରକ୍ସି ସରପଞ୍ଚ ମାନେ ମାନୁ ନାହାନ୍ତି । ଅନ୍ୟ ପକ୍ଷରେ କେବଳ ପ୍ରକ୍ସି ସରପଞ୍ଚ ନୁହଁନ୍ତି ସମିତିସଭ୍ୟା ମାନଙ୍କ ସ୍ୱାମୀମାନେ ମଧ୍ୟ ଅନେକ ଜାଗାରେ ନିଜେ ସମିତିସଭ୍ୟ ଥିବା ପରିଚୟ ଦେଇଥିବା ଦେଖିବାକୁ ମିଳୁଛି । ତେଣୁ ତୁରନ୍ତ ରାଜ୍ୟ ସରକାର ଏଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହୋଇଛି ।

## ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ଅସହାୟ ବ୍ୟକ୍ତି ମାନଙ୍କୁ କମ୍ବଳ ଓ ଶୁଖିଲା ଖାଦ୍ୟ ବଣ୍ଟନ



ପାରାଦୀପ, (ମହାଭାରତ): ବନ୍ଦର ସହର ପାରାଦୀପର ବିଭିନ୍ନ ରାସ୍ତା କଡ଼ ଫୁଟପାଥ ଏବଂ ଗଛ ମୂଳେ ଶୀତ କାକରରେ ରାତିରେ ଆଶ୍ରୟ ନେଉଥିବା ଅସହାୟ ଓ ମାନସିକ ଭିନ୍ନକ୍ଷମ ପୁରୁଷ ଓ ମହିଳା ମାନଙ୍କୁ ସୋମବାର ରାତିରେ ଅଗ୍ରଣୀ ପରିବେଶ ଧର୍ମୀ ଅନୁଷ୍ଠାନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ କମ୍ବଳ, ଶୁଖିଲା ଖାଦ୍ୟ ଓ ପିଇବା ପାଣି ବୋତଲ ଯୋଗାଇ ଦିଆଯାଇଛି । ଟ୍ରଷ୍ଟ ର ସଭାପତି ରାକେଶ ପଟ୍ଟନାୟକଙ୍କ ନେତୃତ୍ୱରେ ଟ୍ରଷ୍ଟ ର ଉପଦେଷ୍ଟା ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ତୁଷାର କାନ୍ତ ଭୋଇ, କର୍ମକର୍ତ୍ତା ସୁଧାଂଶୁ ନାୟକ, ନାରାୟଣ ବେହେରା, ରଶ୍ମି ରଞ୍ଜନ ରାଉତରାୟ, ବିରଜା ତ୍ରିପାଠୀ, ଦୀପକ ଦାସ,ବିବେକାନନ୍ଦ ରାଉତଙ୍କ ସମେତ ବହୁ ସଦସ୍ୟ ବନ୍ଦର ନାଗରୀର ପାରାଦୀପର ବିଭିନ୍ନ ସ୍ଥାନ ବୁଲି ଖୋଜି ଖୋଜି ଏହି ଅସହାୟ ମାନଙ୍କୁ ସହାୟତା କରିଥିଲେ । ସୂଚନାଥାଉକି, ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ଦ୍ୱାରା ନିୟମିତ ଅନ୍ତରରେ ଏଠାରେ ଅସହାୟ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ଉଦ୍ଧାର କଲାପରେ ଏଠାରେ ମାନସିକ ଭିନ୍ନକ୍ଷମଙ୍କ ସଂଖ୍ୟା ହ୍ରାସ ପାଇଛି । ତେବେ ଟ୍ରଷ୍ଟ ପକ୍ଷରୁ ଏହିପରି ସେବା କାର୍ଯ୍ୟ ଆଗକୁ ଜାରି ରହିବ ବୋଲି ଟ୍ରଷ୍ଟ ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି । ସୂଚନା ଥାଉକି ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଟ୍ରଷ୍ଟ ନିୟମିତ ଅନ୍ତରରେ ବୃକ୍ଷ ରୋପଣ, ଗରିବଙ୍କୁ ସାହାଯ୍ୟ, ଚିକିତ୍ସା ଉପକରଣ ବଣ୍ଟନ ସମେତ ବିଭିଦ ସେବା କାର୍ଯ୍ୟ କରି ଆସୁଛି । ଅନ୍ୟପକ୍ଷରେ ଶୀତର ପ୍ରକୋପ ବୃଦ୍ଧି ପାଉଥିଲା ବେଳେ ଗ୍ରୀନ ପାରାଦୀପ ଟ୍ରଷ୍ଟ ଅବହେଳିତ ଅସହାୟ ଲୋକଙ୍କୁ ସହଯୋଗ କରିବା ସାଧାରଣରେ ପ୍ରଶଂସା କରାଯାଇଛି ।

# କୁମୁଲି ମେଡିକାଲକୁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର




ବୋରିଗୁମ୍ମା, (ମହାଭାରତ) : ଦୀର୍ଘ ବର୍ଷ ହେବ ବୋରିଗୁମ୍ମା ବ୍ଲକର କୁମୁଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ଦାବିରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶରେ କୋରାପୁଟ ଜିଲ୍ଲାପାଳ ମୋନୋଜ ସତ୍ୟୱାନ ମହାଜନଙ୍କୁ କୁମୁଲି ଅଞ୍ଚଳବାସିଙ୍କ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବର୍ଷ ବର୍ଷ ଧରି କୁମୁଲି ମେଡିକାଲକୁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ଦାବି କୁମୁଲି ଅଞ୍ଚଳବାସୀଙ୍କ ତରଫରୁ ଲାଗି ରହିଛି ।ବୋରିଗୁମ୍ମା ବ୍ଲକର ୧୭ ଟି ପଞ୍ଚାୟତ , ପୋଡସି ବ୍ଲକ ଦାସମନ୍ତପୁରର ୩ଟି ପଞ୍ଚାୟତ ଓ ପୋଡସି ଜିଲ୍ଲା ନବରଙ୍ଗପୁର ର ୩ଟି ପଞ୍ଚାୟତର ସହ ସହ ଲୋକ ଏହି ମେଡିକାଲ ଉପରେ ନିର୍ଭର କରୁଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଥିବା ଜଣା ପଡ଼ିଛି । ଏହି ମେଡିକାଲଟି କୁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ମାନ୍ୟତା ପାଇଁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମଧ୍ୟ ପୂର୍ବ ନବୀନ ସରକାରରେ ବାରମ୍ବାର ବିଧାନସଭାରେ ଦାବି ମଧ୍ୟ କରିଛନ୍ତି । ନୂତନ ମୋହନ ସରକାର ସମୟରେ ମଧ୍ୟ ଗତ ୨୦୨୪ ଅଧିବେଶନରେ ମଧ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼୍ ମୁକେଶ ମହାଲିଙ୍ଗ ଙ୍କୁ ମଧ୍ୟ ପ୍ରଶ୍ନ ପଚାରି ଦାବି କରିଛନ୍ତି । ବିଶେଷ କରି ଏହି ମେଡିକାଲ ଉପରେ ଜରୁରୀ କାଳୀନ ସେବା ପାଇଁ ବହୁ ରୋଗୀ ଆସି ସେବା ନ ପାଇ କୋରାପୁଟ କିମ୍ବା ଜୟପୁର ମେଡିକାଲ କୁ ସ୍ଥାନାନ୍ତର ହୋଇ ବହୁତ ହଇରାଣ ହେଉ ଛନ୍ତି । ତେଣୁ ବର୍ଷ ବର୍ଷ ହେବ ଅଞ୍ଚଳ ରେ ସ୍ୱାସ୍ଥ୍ୟ ସେବା ର ସମସ୍ୟାର ସମାଧାନ ପାଇଁ ଦାବିପତ୍ର ମାଧ୍ୟମରେ ସରକାରଙ୍କୁ ଅନୁରୋଧ କରିଛନ୍ତି ଅଞ୍ଚଳବାସୀ । ଏହାର ନକଲ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ , ମାନ୍ୟବର ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ମୁକେଶ ମହାଲିଙ୍ଗ ,ସ୍ୱାସ୍ଥ୍ୟ ସଚିବ ,କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲକା,ନବରଙ୍ଗପୁର ସାଂସଦ ଇଁ ବଳଭଦ୍ର ମାଝୀ ,ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ଼ ବିଧାୟକ ରୁପୁ ଭାତ୍ରା ,ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ,ବିଜେପି ନେତା ଗୌତମ ସାମନ୍ତରାୟ,ବିଜେପି ନେତା ହିମାଂଶୁ ମହାପାତ୍ରଙ୍କୁ ମଧ୍ୟ ଦିଆ ଯାଇଥିବା ଜଣା ପଡ଼ିଛି ।

## ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ପତି, ପତ୍ନୀ, ପୋଲିସ ଓ ପ୍ରେତ ମଞ୍ଚସ୍ଥ



ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣର ସାଂସ୍କୃତିକ ଶାଖା ଆନୁକୁଲ୍ୟରେ ସ୍ଥାନୀୟ ଜୟଦେବ ସଦନ ଠାରେ ଆୟୋଜିତ ପାରାଦ୍ୱୀପ ବନ୍ଦର ସାଂସ୍କୃତିକ ମହୋତ୍ସବ ୨୦୨୫ ର ଚତୁର୍ଥ ସନ୍ଧ୍ୟାରେ ବନ୍ଦର ପ୍ରଶାସନିକ ବିଭାଗର କର୍ମଚାରୀ ମାନେ ଡାକ୍ତର ରାଜେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶନା ତଥା ଦିଲୀପ ବଳବନ୍ତରାୟଙ୍କ ଲିଖିତ ନାଟକ ପତି, ପତ୍ନୀ, ପୋଲିସ ଓ ପ୍ରେତ ମଞ୍ଚସ୍ଥ କରିଥିଲେ । ଅନ୍ଧକାର ଯେତେ ଘନୀଭୂତ ହେଲେ ମଧ୍ୟ ସୂର୍ଯ୍ୟ ଉଦୟକୁ ଅଟକାଇ ପାରେ ନାହିଁ । ଠିକ୍ ସେହିପରି ଅପରାଧୀ ଯେତେ ଚତୁର ହେଲେ ବି ଆଇନର ଲମ୍ବା ହାତରୁ ଖସି ଯାଇ ପାରେ ନାହିଁ । ହିଂସା ଓ ଅପରାଧ କେବେ ସମାଧାନର ବାଟ ନୁହେଁ । କ୍ଷଣିକ ଆବେଗ କିମ୍ବା ସ୍ୱାର୍ଥ ପାଇଁ କରାଯାଇଥିବା ଭୁଲ ଗୋଟିଏ ସୁନ୍ଦର ଜୀବନକୁ ତ ନଷ୍ଟ କରେ ତା ସହ ପୁରା ପରିବାର ଏବଂ ସମାଜକୁ ଅନ୍ଧକାର ମଧ୍ୟକୁ ଠେଲି ଦିଏ । ତେଣୁ ଆସନ୍ତୁ ଆମେ ସମସ୍ତେ ସଜାଗ ହେବା । ଏକ ଅପରାଧମୁକ୍ତ , ଭୟମୁକ୍ତ ଏବଂ ସୁସ୍ଥ ସମାଜ ଗଠନ କରିବାରେ ନିଜର ଯୋଗଦାନ ଦେବା । ଏହା ହିଁ ଥିଲା ନାଟକର ବାର୍ତ୍ତା । ନାଟକରେ ସବୁ କଳାକାର ମାନଙ୍କର ନିଖୁଣ ଅଭିନୟ ଅନେକ ସମୟ ଧରି ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲା । ନାଟକରେ ସମୀର ସ୍ୱାଇଁ, ରାଜଲକ୍ଷ୍ମୀ ପଟ୍ଟନାୟକ, ସମୀର ମହାପାତ୍ର, ଶ୍ରଦ୍ଧାଞ୍ଜଳି ରାଉତରାୟ, ପ୍ରକାଶ ନାୟକ,ମହେନ୍ଦ୍ର ନାୟକ, ଜନ କଲ୍ୟାଣ ମାଝି, ଜ୍ୟୋତି ଦାସ, ପ୍ରକାଶ ରାଉତ, ହେନା ଭୂୟାଁ, ଉଷାନ୍ତ ମହାନ୍ତି, ତପନ ପାତ୍ର ଆଦି କଳାକାର ମାନେ ଅଭିନୟ କରିଥିଲେ ।

## ବୁଢୀଦର ମଣ୍ଡି ଠାରେ ଗ୍ରାମୀଣ ସଚେତନତା ସମାବେଶ କାର୍ଯ୍ୟକ୍ରମ



ଜୁନାଗଡ଼, (ମହାଭାରତ): ଜୁନାଗଡ଼ ବ୍ଲକ ବୁଢୀଦର ମଣ୍ଡି ପରିସର ଠାରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ, ପ୍ରାଥମିକ କୃଷି ସମବାୟ ସମିତି ମୁଣ୍ଡୁରାଗୁଡା ଓ ମେସର୍ସ ମନୋହର ଲାଲ ଦେବୀ ପ୍ରସାଦଙ୍କ ମିଳିତ ଅନୁକୂଲ୍ୟରେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଯାଜ୍ଞସେନୀ ପଣ୍ଡାଙ୍କ ସଭାପତିତ୍ୱରେ ଏକ ଗ୍ରାମୀଣ ସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାବେଶ କୁ ବିଶିଷ୍ଟ ସମାଜସେବୀ ଇଂ ପୁରୁଷୋତ୍ତମ ଦାସ ଅଗ୍ରୱାଲ ଉଦଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ବାଙ୍କପଲାସ ସରପଞ୍ଚ ଶ୍ରୀମତୀ ସଂଯୁକ୍ତା ମାଝୀ, ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ବର୍ଷିଆନ ସମାଜସେବୀ ସୁଧାଂଶୁ ଶେଖର ନେଗୀ, ଚିନ୍ମୟ ବେହେରା, ସଂଗଠକ ପ୍ରଭାତ ଦାସ, ସଂଜୀବ କୁମାର ଠାକୁର, ସୁଧାଂଶୁ ଶେଖର ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ମାନସ ପଣ୍ଡା, ପେକ୍ସ ନିର୍ଦ୍ଦେଶକ ଦାମୋଦର ବେହେରା, ପ୍ରସନ୍ନ କୁମାର ଶବର, ସୁପ୍ରସନ୍ନ ଭୋଇ, ଉଦଯୋଗୀ ଚାଷୀ ରାଜେନ୍ଦ୍ର ମାଝୀ, ପଦ୍ମ କେଶରୀ ଶବର ଏ ପ୍ରକାଶ ବେହେରା ପ୍ରମୂଖ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ କୁ ପେକ୍ସ ମୂଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୀତେନ୍ଦ୍ର ନାଏକ ସଂଯୋଜନା କରିଥିବା ବେଳେ ସୀମାଞ୍ଚଳ ବାଗ ଅତିଥି ପରିଚୟ ପ୍ରଦାନ ଓ ରିଷବ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଯୁବ ସଂଗଠକ ଅବିନାଶ ମୁଣ୍ଡ, ଅବସର ପ୍ରାପ୍ତ ଶିକ୍ଷକ ସଂଜୟ କୁମାର ପଣ୍ଡା, ବିଘ୍ନରାଜ ମାଝୀ, ସୁରେନ୍ଦ୍ର ବାଗ ପ୍ରମୂଖ ସାଧନ କର୍ମୀ ଭାବେ ଯୋଗଦାନ କରି ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଅବଗତ କରିବା ସହ ସ୍ୱ ରୋଜଗାର ଓ ଆତ୍ମନିର୍ଭର ଭାରତ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବଡଟିକ୍ରାଗୁଡା, ତେନ୍ତୁଳି ପଡା, ଶଙ୍କର ପଡା, ବାଙ୍କପଲାସ, ରତନପଲା, ବଳରାମପୁର, କୋଏଲାମୁଣ୍ଡା ଓ ସାନଟିକ୍ରାଗୁଡା ଗ୍ରାମରୁ ଶତାଧିକ ଜନସାଧାରଣ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଗରୀବ ଅସହାୟ ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ଅମ୍ରୁତ ମାତୃ ପିତୃ ସେବା ମାଧମରେ ଶୀତ ବସ୍ତ୍ର ଓ କମ୍ବଳ ପ୍ରଦାନ କରାଯାଇଥିଲା । ଏହାକୁ ଘନଶ୍ୟାମ ନାଏକ, କର୍ଣ୍ଣ ପତି ବାଗ, ଦିଲୀପ ଶବର, ରାଧାମୋହନ ଗହୀର, ବିଷ୍ଣୁ ଶବର, ପ୍ରମୋଦ ଶବର ପ୍ରମୂଖ ସକ୍ରିୟ ଭାବେ ଅଂଶଗ୍ରହଣ କରି ସହଯୋଗ କରିଥିଲେ । ପରିଶେଷରେ ରୋହିତ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାଲକୋ ଆସ୍ ପାଇପ ଲାଇନ୍ ଫାଟି ଚାଷ ଜମିରେ ମାଡ଼ିଲା ଆସ୍ ପାଣି, ଏକର ଏକର ଜମି ନଷ୍ଟ



ଅନୁଗୋଳ, (ମହାଭାରତ) : ବଣଁରପାଳ ବ୍ଲକ ତେଣ୍ଟୋଇ ଓ ତେଣ୍ଟୋଲୋଇ ଗ୍ରାମ ଦେଇ ଯାଇଥିବା ନାଲକୋ ଆସ୍ ପାଇପ ଫାଟି ଏକର ଏକର ଚାଷ ଜମି ନଷ୍ଟ ହୋଇଯାଇଛି । ସୂଚନା ଯେ ତେଣ୍ଟୋଇ ଗ୍ରାମର ତରଣି ସେନ ନାଏକ, ରାଜକିଶୋର ନାଏକ, ଲମ୍ବୋଦର ନାଏକ, କୈଳାସ ନାଏକ, ଲୋଚନ ନାଏକ, ସଜ ନାଏକ ଏମିତି ଆହୁରି ଅନେକ ଲୋକଙ୍କ ଚାଷ ଜମିରେ ନାଲକୋ ଆସ୍ ପାଣି ମାଡ଼ି ଯିବା ଫଳରେ ସମସ୍ତ ଚାଷ ନଷ୍ଟ ହୋଇଯାଇଛି । ପ୍ରାୟ ଚାରି ଏକର ରୁ ଅଧିକ ଚାଷ ଜମିରେ ପାଣି ମାଡ଼ିଯିବା ଫଳରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି । ଧାନ ଅମଳ ହେବା ସମୟ ହୋଇଯାଇଥିବା ବେଳେ, ଧାନ କାଟିବା ପାଇଁ ବିଲକୁ ଆସି ଦେଖିଲା ବେଳେ ବିଲରେ ଆସ୍ ପାଣି ମାଡ଼ିଯାଇଛି । ତେବେ ଆସ୍ ପାଇପ ଲାଇନ୍ ମରାମତି କାମ ନେଇଥିବା ଠିକା ସଂସ୍ଥା (ଏମ୍ ଏସ୍ ଗୋବିନ୍ଦ ଏଣ୍ଟରପ୍ରାଇଯେସ)ର ମଧ୍ୟ ଏଯାଏଁ ଦେଖାନାହିଁ । କିଛି ସ୍ଥାନୀୟ ଦଲାଲ ସାହାଯ୍ୟରେ ଘଟଣାଟିକୁ ଚପାଇ ଦେବାକୁ ଚେଷ୍ଟା କରିଛି ଠିକା ସଂସ୍ଥା । ତେବେ ଏ ନେଇ ନାଲକୋ ପଦାଧିକାରୀଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ଖବର ନଥିବା କହିଛନ୍ତି । ଅନ୍ୟପକ୍ଷରେ ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ନାଲକୋ କର୍ତ୍ତୃପକ୍ଷ ଚୁପ୍ ରହୁଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । କିଛି ଦିନ ପୂର୍ବରୁ କର୍ଣ୍ଣପୂର୍ ଠାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା । ଆସ୍ ପାଇପ ଲାଇନ୍ ଫାଟି ଚାଷଜମି ସହ , ଗ୍ରାମର ଏକ ପୋଖରୀରେ ଆସ୍ ପାଣି ପଶି ଯାଇଥିଲା । ଯାହା ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ତେବେ ଏହାର ତୁରନ୍ତ ସମାଧାନ ନ କରାଗଲେ ନାଲକୋ ରେଳ ଧାରଣା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି ଉଭୟ ତେଣ୍ଟୋଇ ଓ ତେଣ୍ଟୋଲୋଇ ଗ୍ରାମବାସୀ ।

# ୬୯ତମ ରାଜ୍ୟସ୍ତରୀୟ ବାଳିକା ଫୁଟବଲ୍ ପ୍ରତିଯୋଗିତା ଉଦଘାଟିତ



ଭବାନୀପାଟଣା, (ମହାଭାରତ): ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ୬୯ତମ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ବାଳିକା ଫୁଟବଲ୍ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ରାଜ୍ୟ ବିଦ୍ୟାଳୟ କ୍ରୀଡା ସମୂହ ଦ୍ୱାରା ପ୍ରସ୍ତୁତ ଏହି କାର୍ଯ୍ୟକ୍ରମକୁ କଳାହାଣ୍ଡି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆୟୋଜନ କରିଛନ୍ତି । କଳାହାଣ୍ଡି ଜିଲ୍ଲାପାଳ ପୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ବିଶିଷ୍ଟ ବାଗ୍ମୀ ଡ. ଶିବପ୍ରସାଦ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ବ୍ରହ୍ମପୁରର ଯୁଗ୍ମ ନିର୍ଦ୍ଦେଶକ ପବିତ୍ରମୋହନ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଶାରୀରିକ ଶିକ୍ଷା ସହ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଯୁଗଳ କିଶୋର ପୋଢ଼, କଳାହାଣ୍ଡି ସାଂସଦ ଙ୍କ ପ୍ରତିନିଧି ଜୟଶଙ୍କର ନାଏକ,ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶାରୀରିକ ଶିକ୍ଷା ସହ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ବାର୍ଷିକ ବିବରଣୀ ପଠନ କରିଥିଲେ । ଏ ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦଙ୍କ ପୁସ୍ତକ ’ ଲେସନ୍ ଫର୍ ଲାଇଫ ’ ଉନ୍ମୋଚିତ ହୋଇଥିଲା । ଓଏଭି କେସିଙ୍ଗା ଓ ଭବାନୀପାଟଣାର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ତଳବେଲଗାଁ ହାଇସ୍କୁଲର ଛାତ୍ରଛାତ୍ରୀ ବିଦାୟୀ ସଙ୍ଗୀତ ଗାନ କରିଥିଲେ । ଶାସ୍ତ୍ରୀଜୀ ଶିକ୍ଷା ନିକେତନର ଛାତ୍ରଛାତ୍ରୀ ଫିଜିକାଲ୍ ଡିସ୍ପ୍ଲେ ପ୍ରଦର୍ଶନ କରିଥିଲେ । ଏ ଅବସରରେ ଫ୍ଲାଗ ମାର୍ଚ୍ଚ ଆଉ ଶପଥ ପାଠ ହୋଇଥିଲା । ଅପରାହ୍ନ ୩ ଘଣ୍ଟା ସମୟରେ ମା ମାଣିକେଶ୍ୱରୀ ମନ୍ଦିରରୁ ଏକ ମଶାଲ ଯାତ୍ରା ଆୟୋଜିତ ହୋଇଥିଲା । ଚାରିଦିନ ଧରି ଏହା ୦୨ ଡ଼ିସେମ୍ବରରୁ ୦୫ ତାରିଖ ଯାଏଁ ଆୟୋଜିତ ହେବ । ସମସ୍ତ ବାଳିକା ପ୍ରତିଯୋଗୀମାନଙ୍କ ମଧ୍ୟରେ ଫୁଟବଲ୍ ପ୍ରତିଯୋଗିତା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍, ସ୍ପୋର୍ଟସ ହଷ୍ଟେଲ ପଡିଆ ଓ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆଠାରେ ଜାରି ରହିବ । କାର୍ଯ୍ୟକ୍ରମରେ ରାଜ୍ୟ ଅଧିକାରୀ ନିରଞ୍ଜନ ଶତପଥୀ ଓ ସିଆରସିସି ଡିଲେଶ୍ୱର ରଣା ମଂଚ ପରିଚାଳନା କରିଥିଲେ । ଧନ୍ୟବାଦ ଦେଇଥିଲେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ । ସନ୍ଧ୍ୟାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ତଥା ବିଶିଷ୍ଟ ଲୋକ କଳାକାର ସର୍ବେଶ୍ୱର ଭୋଇ ଓ ନୀଳାଞ୍ଜନ ପାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏଥିରେ ଜିଲ୍ଲାର ସମସ୍ତ ବିଇଓ, ଏବିଇଓ, ଆୟୋଜନ କମିଟିର ସଦସ୍ୟ ସଦସ୍ୟା, ଡିଇଓ ଏବଂ ଡିପିସି କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ଚାଷୀଙ୍କୁ ବର୍ଷା ଭୟ

ଗଜପତି, (ମହାଭାରତ): ଗଜପତିରେ ପୁଣି ଚାଷୀଙ୍କୁ ଘାରିଛି ବର୍ଷା ଭୟ । ଝିପ୍ ଝିପ୍ ବର୍ଷା ସାଙ୍ଗକୁ କହୋଲା ପାଗ ରହିଥିଲା ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟି ହେଲେ ମଧ୍ୟ ଚାଷୀକୂଳ ଛାନିଆ ହୋଇଛନ୍ତି ଓ କାହାରି ବିଲରେ ଧାନ ଗଦା ହୋଇ ରହିଥ ?ବା ଅନେକ ଚାଷୀଙ୍କ ଧାନ ଗଛ ପାଚିବା ଅବସ୍ଥାରେ ବିଲରେ ହିଁ ରହିଛି । ଧାନ ଅମଳ ସମୟରେ ଅଦିନିଆ ବର୍ଷା ଚାଷୀଙ୍କ ପାଇଁ କାଳ ସାଜିଛି । ଜିଲ୍ଲାରେ ବର୍ଷା ଭୟଭୀତ ହୋଇପଡ଼ିଚନ୍ତି ଓ ଗତ ଥର ଥର ଯଥା ଲଗୁଚପ ବର୍ଷା ଓ ବାତ୍ୟାରେ ଜିଲ୍ଲାର ପ୍ରାୟ ୩୦ପ୍ରତିଶତ ଧାନ କ୍ଷେତ ନଷ୍ଟ ହୋଇଥିବାର ଅଭିଯୋଗ ହୋଇଥିଲା ଓ । କ୍ଷୟକ୍ଷତିର ଆକଳନ ହୋଇଥିଲେ ସୁଦ୍ଧା ଏବେ ପର୍ଯ୍ୟନ୍ତ ଏବାବଦରେ ଚାଷୀଙ୍କୁ ସହାୟତା ରାଶି ମିଳିନି । ବର୍ଷା ହେଲେ ଅବଶିଷ୍ଟ ଧାନ ଅମଳ ନଷ୍ଟହେବ ବୋଲି ଚାଷୀ କହିଛନ୍ତି । ବର୍ତ୍ତମାନ କ୍ଷେତରେ ଧାନପାଚି ଠିଆ ହୋଇଥିବା ସମୟରେ ମେଘ କୁ ଦେଖି ଭୟଭୀତ ହୋଇପଡ଼ିଛି ଚାଷୀ । ଏବେ ତରତରିଆ ଭାବେ ମେସିନ ଲଗାଇ କିମ୍ବା ନିଜେ ନିଜେ ଧାନ କାଟି ଅମଳ ଧାନକୁ ସୁରକ୍ଷିତରେ ରଖିବାପାଇଁ ଚାଷୀ ବ୍ୟସ୍ତ ଓ ବ୍ୟାକୁଳ ହୋଇଥିବା ଜିଲ୍ଲାରେ ଅନେକ ସ୍ଥାନରେ ଦେଖୁବାକୁ ମିଳୁଛି ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା




କୃଷ୍ଣପ୍ରସାଦ(ମହାଭାରତ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ବାଘମୁଣ୍ଡା ନୂଆଗାଁ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବ୍ଲକସ୍ତରୀୟ ବିଜ୍ଞାନ ମେଳାର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଠାଣିସାମନ୍ତ ପ୍ଲାନେଟୋରିୟମ ଅବସରପ୍ରାପ୍ତ ବୈଜ୍ଞାନିକ ଡ଼ଃ ଶୁଭେନ୍ଦୁ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସର୍ବ ଭାରତୀୟ ଶିକ୍ଷକ ସଂଘ ଉପସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ କେଳୁ ଚରଣ ଜେନା, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ପୁରାତନ ଛାତ୍ର ସଂସଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ମଣ୍ଡଳ ଉପ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ହରିହର ପ୍ରଧାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାନାମ୍ବର ଜେନା, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ବେହେରା, ସାତପଡ଼ା ସର୍କଲ ଶିକ୍ଷକ ସଂଘ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ମାଲୁଦ ସର୍କଲ ଶିକ୍ଷକ ସଂଘ ସଭାପତି ବିମଳ କୁମାର ରଣସିଂହ, ନୂଆପଡା ସର୍କଲ ଶିକ୍ଷକ ସଂଘ ସଭାପତି ବସନ୍ତ କୁମାର ଜାଲି,କୃଷ୍ଣପ୍ରସାଦ ଓଷ୍ଟା ସମ୍ପାଦକ ନବ କିଶୋର ପ୍ରଧାନ, ନାରାୟଣ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ବାସୁଦେବ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ବିଜ୍ଞାନ ମେଳାରେ କୁନିକୁନି ବୈଜ୍ଞାନିକମାନଙ୍କ ଦ୍ୱାରା ସ୍ଥାନ ପାଇଥିବା ବିଭିନ୍ନ ବିଜ୍ଞାନ ପ୍ରକଳ୍ପଗୁଡ଼ିକ ବୁଲି ଦେଖୁଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୧୬ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିରୁ ୭ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲା। ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା କୃତୀ ପ୍ରକଳ୍ପଧାରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ରଞ୍ଜନ କୁମାର ଜେନା ପରିଚାଳନା କରିଥିବାବେଳେ ଶିକ୍ଷକ ସୁଦର୍ଶନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ମେଳାରେ ବ୍ଲକର ସିଆରସିସି ବିର□ ନାରାୟଣ ସୁଆର, ଦାଶରଥି ଶତପଥୀ, ଧ୍ରୁବ ଚରଣ ପ୍ରଧାନ, ରମେଶ ବେହେରା, ରମାକାନ୍ତ ଜେନା, ପ୍ରଶାନ୍ତ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ନାୟକ, ସପନ ବରାଳ ସମେତ ସମସ୍ତ ଆ□ଳିକ ସାଧନକେନ୍ଦ୍ରର ସଂଯୋଜକ, ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ବିଭିନ୍ନ ଶିକ୍ଷକ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଅଭିରାମ କେଇ, ବୈକୁଣ୍ଠ ନାଥ ବଳବନ୍ତରାୟ, ପରୀକ୍ଷିତ ମହାରଣା, ରାମଚନ୍ଦ୍ର ଜାଲି, ଅଶୋକ କୁମାର ପ୍ରଧାନ, ସାତପଡ଼ା ସର୍କଲ ସମ୍ପାଦକ ବସନ୍ତ କୁମାର ଜେନା,ସତ୍ୟ ନାରାୟଣ ପ୍ରଧାନ, ସଂଗ୍ରାମ ବେହେରା, ଜୁଏଲ ମଣ୍ଡଳ, ମୋହନ ସୁନ୍ଦର ବାରିକ, ବଟ କୃଷ୍ଣ ବାରିକ, ବାସନ୍ତୀ ପରିଡା, ଅର୍ଚ୍ଚନା ବେହେରା, ବରିଷ୍ଠ କିରାଣୀ ନୌସାଦ ଆଲାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନାବାଳିକା ବିବାହ ସନ୍ଦେହରେ ଘଟଣା ସ୍ଥଳରେ ଅଧିକାରୀ

ଅସ୍ତରଙ୍ଗ(ମହାଭାରତ) :- ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନରେ ଜଣେ ନାବାଳିକା କୁ ଆଳସାହି ସ୍ଥିତ ଐଶାନେଶ୍ୱର ମନ୍ଦିର ରେ ବିବାହ କରିବାକୁ ଚାଲିଥିଲା ପ୍ରସ୍ତୁତ, ଏହି ଘଟଣା ଉପରେ କିଛି ବୁଦ୍ଧିଜୀବୀ ଙ୍କ କଥା ଚର୍ଚ୍ଚା କୁ ଆସିବା ପରେ ବିଶେଷ ସୂତ୍ର ରୁ ଅସ୍ତରଙ୍ଗ ସିଡିପିଓ ଏହି ବାବଦରେ ଖବର ପାଇ ଅସ୍ତରଙ୍ଗ ପୋଲିସ ସହିତ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘଟଣା ସ୍ଥଳରେ ବିଭିନ୍ନ ସ୍ଥାନ ଦେଖିବା ପରେ ବରକନ୍ୟା ଙ୍କୁ ପାଇବାରେ ଅସମର୍ଥ ହୋଇଥିଲା ପ୍ରଶାସନ, ସୂଚନା ମିଳିଥିଲା ନବାଳିକା ଝିଅ ଟିର ମା ଜଣେ ଅଙ୍ଗନବାଡି କର୍ମୀ, ଏହି ବାବଦରେ ଉପସ୍ଥିତ ଲୋକ ମାନଙ୍କୁ ପଚାରିବାରେ ସେମାନେ କହିଥିଲେ ମାନସିକ ଭୋଗ କରିବାକୁ ଆସିଛନ୍ତି, କିନ୍ତୁ ଯଦି ମାନସିକ ଭୋଗ ଚାଲିଛି। ତେବେ ସେମାନଙ୍କ ପରିଚୟ ନା ଠିକଣା ଲେଖିବାକୁ ପ୍ରଶାସନ ଚେଷ୍ଟା କରିଥିଲେ। ମାତ୍ର ସେମାନେ ସେଠୁ ଛତ୍ରଭଙ୍ଗ ଦେଇଥିଲେ ଯାହା ଏହି ଘଟଣା କୁ ଦ୍ୱିଗୁଣିତ ସନ୍ଦେହ ରେ ପକାଇଛି, ତଦନ୍ତ ରେ ଆସିଥିବା ଅସ୍ତରଙ୍ଗ ସିଡିପିଓ ଲୋଚନା ସେଠି କହିଥିଲେ ଆମ ପାଖରେ ଅଭିଯୋଗ କିଛି ଥିଲା। ଏହି ସ୍ଥାନରେ ଜଣେ ଅଙ୍ଗନବାଡି କର୍ମୀ ଙ୍କ ନାବାଳିକା ଝିଅ ର ବାହାଘର ହେଉଛି ସେଥିପାଇଁ ଆମେ ତଦନ୍ତ କରିବାକୁ ଆସିଛୁ, ଯଦି ପ୍ରକୃତ ରେ ଏହି ଘଟଣା ର କିଛି ସତ୍ୟାସତ୍ୟ ସାମ୍ନା କୁ ଆସେ ତେବେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଦଶପଲ୍ଲାରେ ୩୦ତମ ମଣ୍ଡଳ ସ୍ତରୀୟ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ



ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଉଚ୍ଚ ବିଦ୍ୟାଳୟ ପରିସରରେ ୩୦ତମ ମଣ୍ଡଳ ସ୍ତରୀୟ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫-୨୬ ଉତ୍ସାହମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନବୀନ ମଡେଲ, ଗବେଷଣାଧିଷ୍ଠିତ ଭାବନା ଓ ବୈଜ୍ଞାନିକ ପ୍ରକଳ୍ପ ନେଇ ଯୋଗଦେଇଥିଲେ। ପ୍ରଦର୍ଶନୀର ଉଦଘାଟନ ଅବସରରେ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁ,ପରିଚାଳନା କମିଟି ର ସଭାପତି ଦାମୋଦର ପ୍ରଧାନ,ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ, ଏନ ଏ ସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ତହସିଲଦାର ସ୍ମୃତି ରଞ୍ଜନ ଶତପଥି ଉପସ୍ଥିତ ରହି ଉଦଘାଟନ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ବୈଜ୍ଞାନିକ ଚେତନା, ସୃଜନଶୀଳତା ଓ ଗବେଷଣାମୟ ଚେତନାକୁ ସ୍ୱାଗତ କରି ପ୍ରଶଂସା କଲେ।ପ୍ରଦର୍ଶନୀରେ ପରିବେଶ, ଆଧୁନିକ ପ୍ରଯୁକ୍ତି, ସ୍ୱାସ୍ଥ୍ୟ, କୃଷି, ନବୀକରଣଯୋଗ୍ୟ ଶକ୍ତି ଇତ୍ୟାଦି ବିଷୟରେ ଦର୍ଶନୀୟ ମଡେଲଗୁଡିକ ପ୍ରଦର୍ଶିତ କରାଯାଇଥିଲା।ପୂର୍ବାହ୍ନ ସମୟରେ ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉଦଯାପନୀ କାର୍ଯ୍ୟକ୍ରମ ରେ ଅତିଥି ଭାବେ ସାଂସଦ ଙ୍କ ବ୍ଲକ ପ୍ରତିନିଧି କିଶୋର ଦଳବେହେରା, ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ, ଏବିଇଓ ଶ୍ୟାମ ସୁନ୍ଦର ଯାନୀ ଏବଂ ଗୋପବନ୍ଧୁ ଦେହୁରୀ,ପ□ସଖା ଶିକ୍ଷା ସେତୁ ର ସଭାପତି ଦିଲ୍ଲିପ କୁମାର ଦାଶ ଯୋଗ ଦେଇଥିବା ବେଳେ ସମ୍ପାଦକ ଶରତ ଚନ୍ଦ୍ର ବେହେରା ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହା ପରେ ବିଜ୍ଞାନ ମେଳାରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା।

# ଆସିକା ମୁଆଁ ର ଚାହିଦା ସବୁଠାରୁ ନିଆରା



ଆସିକା(ମହାଭାରତ): ମୁଆଁ ହେଉଛି ଜଗନ୍ନାଥ ସଂସ୍କୃତି ର ଏକ ପ୍ରମୁଖ ମିଷ୍ଟାର୍ଣ। ଏହା ବିଷ୍ଣୁ ମନ୍ଦିରରେ ପହିଲି ଭୋଗରେ ଠାକୁରଙ୍କ ନିକଟରେ ଭୋଗ ଲାଗିଥାଏ। ଆସିକା ହେଉଛି ମୁଆର ଉତ୍ପତି ସ୍ଥଳୀୟ ଏହାଏକ ରୁଚିକର ମିଷ୍ଟାର୍ଣ । ନିଜ ହାତରେ ଭଳିକି ଭଳି ମୁଆଁ ତିଆରି କରିଥାନ୍ତି କାରିଗର ମାନେ । ବର୍ଷକର ଦୁଇ ମାସ ମୁଆଁ ତିଆରି କରାଯାଉଥିବା ବେଳେ ଆସିକା କଳିଙ୍ଗ ରୋଡ ରେ ପାଖା ପାଖି କୋଡିଏ ବ୍ୟବସାୟୀ ମୁଆଁ ତିଆରି କରୁଛନ୍ତି । ପ୍ରଥମେ ଏହି ମୁଆ ଗୁଡରେ ତିଆରି କରାଯାଉଥିଲା କାଳକ୍ରମେ ଏହା ଚିନି ସିରାରୁ ତିଆରି କରାଯାଉଛି। ଏହା ପ୍ରଥମେ ଗୋଲ ଆକାରରେ ତିଆରି ହେଉଥିଲା ପରେ ପରେ ଏହା ବିଭିନ୍ନ ଆକୃତି ରେ ତିଆରି କରାଯାଉଛି।୨୦୦ ଗ୍ରାମରୁ ଆରମ୍ଭ କରି ୨ କିଲୋ ଓଜନର ମୁଆଁ ରହିଛି । ତାହା ପୁଣି ବିଭିନ୍ନ ଆକାରର ।ମୁଆଁର ସ୍ୱାଦ ଓ ପ୍ରଭୃତି ନେଇ ଦାମ୍ ୨୦ଟଙ୍କାରୁ ଆରମ୍ଭକରି ସାଢେ ୫ଶହ ଟଙ୍କା ପର୍ଯ୍ୟନ୍ତ ଦରରେ ପାଇପାରିବେ ଗ୍ରାହକ । ତେବେ ସବୁଠାରୁ ସୁଆଦିଆ ଘିଅ ମୁଆଁ। ପୁଣି ରହିଛି ଚିନି ମୁଆଁ, ବାଦାମ ମୁଆଁ, କାଜୁ ମୁଆଁ। ଧନୁସଂକ୍ରାନ୍ତି ଠାରୁ ପ୍ରାୟତଃ ମୁଆଁ ବେପାରର ଜୋର ଧରିଥାଏ । ଏହି ମୁଆ ତିଆରି ପାଇଁ ଖଇ, ଚିନି ଗୋଲମରିଚ, ଜୁଆଣି, ଭଜା ନଡ଼ିଆ, କାଜୁ,ଚିନାବାଦାମ ଆଦି ବ୍ୟବହାର ହୋଇଥାଏ। ଏହି ମୁଆ ବିଭିନ୍ନ ପ୍ରକାରର ତିଆରି ହୋଇଥାଏ ଯଥା ସାଧାମୁଆଁ, ଭଜା ମୁଆଁ ଓ କାଜୁ ମୁଆଁ ତିଆରି କରାଯାଏ। ଆସିକା ସହର ତଥା ଜିଲ୍ଲା ବାହାର ଓ ପଡୋଶୀ ଆନ୍ଧ୍ରପ୍ରଦେଶ, ବିହାର, ମହାରାଷ୍ଟ୍ର, ଗୁଜୁରାଟ, ପଶ୍ଚିମବଙ୍ଗ ରେ ଏହାର ବେସ ଆଦର ରହିଥିବା ବେଳେ ଆସିକାରୁ ଟନ ଟନ ମୁଆଁ ତିଆରି ହୋଇ ରାଜ୍ୟ ତଥା ରାଜ୍ୟ ବାହାରକୁ ପଠା ଯାଉଛି । ଆଉ ଏହି ମୁଆଁ ତିଆରିରେ ପାଖାପାଖି ଚାରିଶହ ରୁ ଉର୍ଦ୍ଧ ଯୁବକ ଏହି ମୁଆଁ ଫେକ୍ଟରୀ ରେ କାମ କରି ପରିବାର ଚଳାଇ ଆସୁଛନ୍ତି । ଆଉ ଏ ଦୁଇ ମାସ ବାହାରେ ଦାଦନ ଖଟୁଥିବା ଯୁବକ ମାନେ ନିଜ ଭିଟା ମାଟି କୁ ପଳାଇ ଆସି ବେଶ ଦୁଇ ପଇସା ରୋଜଗାର କରି ପାରୁଛନ୍ତି । ତତଲା କରେଇ ରେ ଚିନି ଶିରା କରି ମୁଆଁ କୁ ଘାଣ୍ଟି ହାତରେ ତିଆରି କରୁଛନ୍ତି ଭଳିକି ଭଳି । ଆଉ ଏହି ମୁଆଁ ଧନୁ ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଜୋର ସୋରରେ ତିଆରି ହୋଇ ବିକ୍ରି ମଧ୍ୟ ହୋଇ ଥାଏ । ସେପଟେ ମୁଆଁ ବନ୍ଧୁ, ବାନ୍ଧବ ଓ ସଙ୍ଗାତ ମୈତ୍ର ରେ ମୁଆଁ ଦେବା ନେବାର ପରମ୍ପରା ରହିଛି। ଏହି ଦିନରେ ମୁଆଁ ଦେବା ଦ୍ୱାରା ମନ ର ସ୍ନେହକୁ କୁ ଆଦରି ନେଇଥାନ୍ତି ନିଜ ନିଜ ସମ୍ପର୍କୀୟ ମାନେ। ବିଶେଷ କରି ଗଞ୍ଜାମ ଜିଲ୍ଲା ରେ ବିଭିନ୍ନ ଅ□ଳ ରେ ମୁଆଁ ତିଆରି ହେଉଥିବା ବେଳେ ଆସିକା ର ମୁଆଁ ର ଏକ ସ୍ୱତନ୍ତ୍ରତା ରହି ଆସିଛି କେଉଁ ଆଦିମ କାଳରୁ ।

## ବୁଦ୍ଧେଶ୍ୱର ମହାଦେବଙ୍କ ମହାଶ୍ନାସରେ ଶ୍ରଦ୍ଧାଳୁ ଙ୍କୁ ପ୍ରସାଦପ୍ରଦାନ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ବଡ଼ବିଲ ଗ୍ରାମରେ ନବର୍ନିମିତ ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଅନୁଷ୍ଠିତ ହୋଇଛ। ଏହି ବୁଦ୍ଧେଶ୍ୱର ମହାଦେବ ଙ୍କ ମନ୍ଦିର ପ୍ରତିଷ୍ଠା ଗତ ନଭେମ୍ବର୩୦ ଠାରୁ ଆରମ୍ଭ ହୋଇଛ। ଶନିବାର ଶିଳା ସଂସ୍କାର ସହ ଅଙ୍କୁରା ରୋପଣ ଓ ମଣ୍ଡଳ କରଣ କରା ଯାଇଛି। ସକାଳୁ ବଡ଼ବିଲ ପଞ୍ଚାୟତ ର ପାଖାପାଖି ଗ୍ରାମ ଅଞ୍ଚଳ ଜଣ ମହିଳା,ପୁରୁଷ ଶ୍ରଦ୍ଧାଳୁ ମାନେ ଙ୍କ ପାଦରେ ଚାଲି ଚାଲି ପାଟଣା ପୁଣ୍ୟତୋୟା ବୈତରଣୀ ନଦୀ ଧାନବେଣୀ ତଠ ରୁ ଜଳ ଉଠାଇ କଳସ ଯାତ୍ରାରେ ୮ କି ମି ବଡ଼ବିଲ ଯାଏ ପାଦରେ ଆଧାତ୍ମିକ ମୟ ପରିବେଶ ରେ ସୃଷ୍ଟି ୭ ଶହ ଶ୍ରଦ୍ଧାଳୁ ସାମିଲ ରହି କଳସ ଯାତ୍ରା ପହଞ୍ଚି ସୂର୍ଯ୍ୟ ପୂଜା ଓ ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ କାର୍ଯ୍ୟ ସମ୍ପାଦିତ ହୋଇଛି। ପବିତ୍ର ସୋମବାର ରେ ବୁଦ୍ଧେଶ୍ୱର୍ ମହାଦେବ ଙ୍କ ଲିଙ୍ଗ ସ୍ଥାପନ ଓ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ କରାଯିବା ସହ ଶ୍ରଦ୍ଧାଳୁ ମାନ ଙ୍କ ଦ୍ୱାରା ବ୍ରାହ୍ମଣ ଙ୍କ ମନ୍ତ୍ରପାଠ ରେ ଶ୍ନାସ କରାଯାଇଛି। ଏହି ଲିଙ୍ଗ ସ୍ଥାପନ ଓ ପ୍ରାଣ ପ୍ରତିଷ୍ଠା ଓ ଶ୍ନାସ କାର୍ଯ୍ୟକ୍ରମ ଅବସରରେ କର୍ତ୍ତା ଭାବେ କୃଷ୍ଣଚନ୍ଦ୍ର ନାୟକ ଓ ତାଙ୍କ ପତ୍ନୀ ଗୋଲାପ ନାୟକ ଙ୍କ ଉପସ୍ଥିତି ରେ ପୂଜକ ପଣ୍ଡିତ ଫକୀର ମୋହନ ଦ୍ୱିବେଦୀ, ଯଜ୍ଞର ମୁଖ୍ୟ ପୁରୋଧା ପଣ୍ଡିତ ସୁଶାନ୍ତ ଶେଖର ଦାଶ କର ଶର୍ମଣ,ପଣ୍ଡିତ ରବି ନାରାୟଣ ଦାଶ, ପଣ୍ଡିତ ସୁନିଲ ପାଢୀ ଓ ପଣ୍ଡିତ ରଞ୍ଜିତ କୁମାର ଶତପଥୀ ପ୍ରମୁଖ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ କୁ ଆଗେଇ ନେଉଛନ୍ତି। ଏହି ବୁଦ୍ଧେଶ୍ୱର୍ ମହାଦେବ ଙ୍କ ଶ୍ନାସ କାର୍ଯ୍ୟକ୍ରମ ଅବସର ରେ ଶହ ଶହ ଶ୍ରଦ୍ଧାଳୁ ଙ୍କୁ ପ୍ରସାଦ ସେବନ ବ୍ୟବସ୍ଥା ଯୋଗାଇ ଦିଆଯାଇଛି।

## କୁଷ୍ଠ ରୋଗୀ ମହିଳାଙ୍କ ଶବ ସତ୍କାର କଲେ ଡ଼ଃ ଅର୍ଣ୍ଣଦା ଶଙ୍କର ଦାସ



ନୂଆପଡା:(ମହାଭାରତ) ନୂଆପଡା ଜିଲ୍ଲା ଖଡ଼ିଆଲ ବ୍ଲକ ସ୍ଥିତ କୁଶମାଲ ଗ୍ରାମର ଏକ କୁଷ୍ଠ ରୋଗରେ ପୀଡିତ ନିଃସହାୟ ମହିଳାଙ୍କ ମୃତ୍ୟୁ ପରେ ଆଜି ଶବ ସତ୍କାର କରିଛନ୍ତି ଡଃ ଅର୍ଣ୍ଣଦା ଶଙ୍କର ଦାସ । ସୂଚନା ଅନୁସାରେ ପ୍ରେମସିଲା ଶଗରିଆ କୁଶମାଲ ଗ୍ରାମର ସ୍ୱର୍ଗତ ରୁଟୁରାମ ଶଗରିଆ ଙ୍କୁ ବିବାହ କରିଥିଲେ । ହେଲେ ଆଜକୁ ଦୀର୍ଘ ଚଉଦ ବର୍ଷ ହେବ ତାଙ୍କ ସ୍ୱାମୀ ଙ୍କ ଦେହାନ୍ତ ହୋଇଯାଇଛି। ସ୍ୱାମୀଙ୍କ ମୃତ୍ୟୁ ପରେ ପ୍ରେମସିଲା ତାଙ୍କ ଏକ ମାତ୍ର ପୁଅ ଅରବିନ୍ଦ ଶଗରିଆ (ମାନସିକ ଗ୍ରସ୍ତ) ସଙ୍ଗେ ରହୁଥିଲେ ହେଲେ ଆଜି ତାଙ୍କ ମୃତ୍ୟୁ ହୋଇଯାଇଛି । ସେ ଦୀର୍ଘ ଦିନରୁ କୁଷ୍ଠ ରୋଗରେ ପୀଡିତ ଥିଲେ । କୁଷ୍ଠ ରୋଗୀ ହୋଇଥିବାରୁ ତାଙ୍କ ଶବ ସତ୍କାର ପାଇଁ କୌଣସି ଲୋକ ଆସିନଥିଲେ ଯଦ୍ୱାରା ଦୀର୍ଘ ସମୟ ପର୍ଯ୍ୟନ୍ତ ଶବ ପଡି ରହିଥିଲା । ପରେ ସ୍ଥାନୀୟ ଆଶା ଦିଦି ଙ୍କ ଠାରୁ ଖବର ପାଇଁ ଡଃ ଦାସ ମୃତ ମହିଳାଙ୍କ ଘରେ ପହଞ୍ଚି ଥିଲେ । ପରେ ଶବକୁ ଶ୍ମଶାନ ନେଇ ପୋତି ଥିଲେ। ଦୟାନିଧି, ଜିତେନ୍ଦ୍ର, କାର୍ତିକ ଓ ଓକିଲ ମହାନନ୍ଦ ଶବ ସତ୍କାର ସମୟରେ ଡ ଦାସଙ୍କୁ ସାହାର୍ଯ୍ୟ କରିଥିଲେ ।ବର୍ତ୍ତମାନ ବାପା ଓ ମାଁ କୁ ହରାଇ ନିଃସହାୟ ହୋଇ ପଡିଛି ମାନସିକ ଗ୍ରସ୍ଥ ପୁଅ ଅରବିନ୍ଦ। ଜିଲ୍ଲା ପ୍ରଶାସନ ଏ ବାପାମାଆଁ ଛେଉଣ୍ଡ ପିଲା ପ୍ରତି ଦୃଷ୍ଟି ଦେଇ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ । ଡ଼ଃ ଦାସଙ୍କ ଏହି ମହତ କାର୍ଯ୍ୟ ପାଇଁ କୁଶମାଲ ଗ୍ରାମବାସୀ ଧନ୍ୟବାଦ ଦେବା ସହ ପ୍ରଶଂସା କରିଛନ୍ତି ।

## ମୁକୁନାରେ ପ୍ରତିଷ୍ଠା ହେଲା ପ୍ରଭୁ ଶ୍ରୀରାମେଶ୍ୱରାୟଙ୍କ ମନ୍ଦିର




କେନ୍ଦୁଝର,(ମହାଭାରତ): କେନ୍ଦୁଝର ସଦର ବ୍ଲକ ସ୍ଥିତ ମୁକୁନା ଗ୍ରାମରେ ଅବସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଶ୍ରୀ ଶ୍ରୀ ରାମେଶ୍ୱରାୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ମନ୍ଦିର ପରିଚାଳନା କମିଟି ଏବଂ ବାବା ବୋଲବମ ସଂଘ ତଥା ସ୍ଥାନୀୟ ଅଞ୍ଚଳ ବାସୀ ଙ୍କ ସହଯୋଗରେ ଏହି ଭବ୍ୟ ମନ୍ଦିର ପ୍ରତିଷ୍ଠା ହେବା ସହିତ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୀତିକାନ୍ତି ଅନୁସାରେ ସୋମବାର ପ୍ରଭୁ ମହାଦେବଙ୍କ ପ୍ରାଣ ପ୍ରତିଷ୍ଠା ପରେ ଜୀବନ୍ୟାସ ଓ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ମଙ୍ଗଳବାର ସକାଳେ ଜଳାଧିବାସ ପରେ ନଗର ପରିକ୍ରମା ଏବଂ ଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବା ପରେ ଅପରାହ୍ନ ରେ ସାମୁହିକ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିବା ଶ୍ରୀରାମ ମନ୍ଦିର ପରିଚାଳନା କମିଟି ର ସଭାପତି ନାରାୟଣ ଦେହୁରୀ ସୂଚନା ଦେଇଛନ୍ତି। ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବେ ରଞ୍ଜିତ ଖଟୁଆ ଏବଂ ଦିଗାମ୍ବର ଦେହୁରୀ ସପତ୍ନୀକ ନୀତିନିୟମ ଅନୁସାରେ ପୂଜାରେ ସାମିଲ ହୋଇଥିଲେ। ମନ୍ଦିର ପରିଚାଳନା କମିଟିର ସଦସ୍ୟ ସମ୍ପାଦକ ସରୋଜ କୁମାର ନାଏକ, ବଟକୃଷ୍ଣ ସେଠୀ, ଚତୁର୍ଭୁଜ ନାଏକ, ଚିତ୍ରସେନ ଦେହୁରୀ, ମନୋଜ କୁମାର ସ୍ୱାଇଁ, ଧନୁର୍ଯ୍ୟୟ ମହାନ୍ତ ଏବଂ ବାବା ରାମେଶ୍ୱର ବୋଲବମ ସଂଘର ସମସ୍ତ ଭକ୍ତମାନେ ଏହି ଭବ୍ୟ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ପଞ୍ଚାୟତ ର ସମସ୍ତ ସ୍ୱୟଂଶହାୟିକା ଗୋଷ୍ଠିର ସଦସ୍ୟା ମାନେ ଉପସ୍ଥିତ ରହିବା ସହିତ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପୁରୋହିତ ତପନ କୁମାର ପଣ୍ଡା,ପର୍ଶୁରାମ ମିଶ୍ର ପ୍ରମୁଖ ପୂଜାର୍ଚ୍ଚନା କରିଥିଲେୟ ସନ୍ଧ୍ୟାରେ ସହସହ ଭକ୍ତଙ୍କ ଉପସ୍ଥିତିରେ ଭକ୍ତିମୟ ଉରିବେଶରେ ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପ୍ରାଥମିକ ଶିକ୍ଷକ ମହାସଙ୍ଘ ପକ୍ଷରୁ ଉଦଳା ବିଇଓ ଙ୍କୁ ଦାବିପତ୍ର ପ୍ରଦାନ



ଉଦଳା/କପ୍ତିପଦା-( ମହାଭାରତ) -ରାଜ୍ୟ ରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ ମାନଙ୍କର ମୂଳ ସମସ୍ୟା ର ଆଶୁ ସମାଧାନ ନିମନ୍ତେ ଆଜି ଉଦଳା ପ୍ରାଥମିକ ଶିକ୍ଷକ ମହାସଂଘ ଉଦଳା ଶାଖା ପକ୍ଷରୁ ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ ମିଶ୍ର ଙ୍କ ଜରିଆରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଏହି ଦାବି ପୁରଣ ର ଆଶୁ ସମାଧାନ ନିମନ୍ତେ ଆସନ୍ତା ୫ ତାରିଖ ଶୁକ୍ରବାର ଦିନ ଠାରୁ ମହାସଂଘ ଆନ୍ଦୋଳନ କୁ ଓଲହାଇବା ବୋଲି ଦାବି ପତ୍ର ରେ ଉଲ୍ଲେଖ କରାଯାଇଥିଲା ।ମୁଖ୍ୟତଃ ଶିକ୍ଷକ ମାନଙ୍କର ମୂଳ ପଦବୀ କୁ ଅପଗ୍ରେଡ଼ କରି ଲେବୁଲ ୯ ଅନୁଯାଇ ମୂଳ ବେତନ ପ୍ରଦାନ ସହ, ଠିକା ପ୍ରଥା ଉଚ୍ଛେଦ, ନ୍ୟାଶନାଲ ଇନକ୍ରିମେ□ ପ୍ରଦାନ ଇତ୍ୟାଦି ଦାବି ସମୁହ କୁ ନେଇ ଆଜି ଉଦଳା ରେ ଶିକ୍ଷକ ମହାସଙ୍ଘ ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ଦାବି ପତ୍ର ପ୍ରଦାନ ସମୟ ରେ ସଙ୍ଘ ର ସଭାପତି ବୀରେନ୍ଦ୍ର ନାଥ ମଢେଇ, ସାଧାରଣ ସମ୍ପାଦକ ଲାଲମୋହନ ମାରାଣ୍ଡି, ଲିପିକା ପଟନାୟକ, ସୁଧାଂଶୁ ବେହେରା, ପ୍ରଭାତ ସଙ୍ଖୁଆ, ଶାନ୍ତନୁ ନାୟକ, ହୀରନ୍ୟ ବେହେରା, ନବୀନ ବେହେରା, ରମେଶ ଖଣ୍ଡେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଗଜପତି ଜିଲ୍ଲାର ଉନ୍ନୟନ ପାଇଁ ମୋହନ ସରକାର ତତ୍ପର: ପୂର୍ବତନ ବିଧାୟକ ନାରାୟଣ ରାଓ




ଗଜପତି(ମହାଭାରତ): ଗଜପତି ଜିଲ୍ଲା ର ଉନ୍ନତି ଓ ଗ୍ରାମୀଣ ବିକାଶ ପାଇଁ ମୋହନ ସରକାର ସର୍ବଦା ତତ୍ପର, ଗଜପତି ଜିଲ୍ଲା ଭାରତୀୟ ଜନତା ପାର୍ଟିର ଜିଲ୍ଲା କାର୍ଯ୍ୟଳୟ ରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୂର୍ବତନ ବିଧାୟକ ତଥା ଭାରତୀୟ ଜନତା ପାର୍ଟିର ରାଜ୍ୟ ଉପ ସଭାପତି କେ. ନାରାୟଣ ରାଓ ଓ ଜିଲ୍ଲା ସଭାପତି ନବ କିଶୋର ଶବରୟଗତ କିଛବର୍ଷ ହେବ କାଶୀନଗର ବ୍ଲକ ବଥବା ପଞ୍ଚାୟତ ଓ ଆନ୍ଧ୍ରର ଲିହୁରି ମଧ୍ୟରେ ଯାତାୟାତ ସମସ୍ୟା ସମାଧାନ ପାଇଁ ବଂଶଧାରା ନଦୀ ଉପରେ ଏକ ସେତୁ ନିର୍ମାଣ ର ଆବଶ୍ୟକ ଥିଲା ତେବେ ଏହା ଆନ୍ତଃ ରାଜ୍ୟ ନିର୍ମାଣ କାର୍ଯ୍ୟ ହେତୁ କେନ୍ଦ୍ରର ଅନୁମତି ସହ ଉଭୟ ରାଜ୍ୟ ସମ୍ମତି ଆବଶ୍ୟକ, ତେଣୁ ନାରାୟଣ ରାଓ ବିଧାୟକ ଥିବା ସମୟରୁ ପ୍ରଚେଷ୍ଟା କରି କେନ୍ଦ୍ର ସରକାରଙ୍କ ସମେତ ଉଭୟ ରାଜ୍ୟ ସରକାର ସମ୍ମତି ଆଣିବାରେ ସଫଳ ହେବା ସହ ବର୍ତ୍ତମାନ ଏହା ନିର୍ମାଣ ରେ ବାଟ ଫିଟିଚି, ଏଥି ସହିତ ଗୋଷାଣୀ ବ୍ଲକ ଅନ୍ତର୍ଗତ ସୋବୋରା ପଞ୍ଚାୟତ ରେ ରୈୋରା ଠାରୁ ପଦମପୁର ମଧ୍ୟ ଏକ ପୋଲୋ ନିର୍ମାଣ କରିବା ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉଉୟନ ବିଭାଗ ଚିଠି କରିଛି, ରାଜ୍ୟ ସରକାରଙ୍କ ସେତୁ ବନ୍ଧ ଯୋଜନା ମାଧ୍ୟମରେ ଏହି ଦୁଇ ଟି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ପତ୍ର ସଂଖ୍ୟା ୩୮୬୦୪/୨୭.୧୧.୨୫ ମାଧ୍ୟମରେ ଜଣାଯାଇଛି, ତେଣୁ ପୂର୍ବତନ ବିଧାୟକ ଓ ଜିଲ୍ଲା ସଭାପତି ମୁଖ୍ୟମନ୍ତ୍ରୀ ମୋହନ ମାଝି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଙ୍କୁ କୃତଜ୍ଞତା ଜଣାଇଛନ୍ତି, କେବଳ ଏତିକି ନୁହେଁ ପାରଳାଖେମୁଣ୍ଡି ସହରର ଉତ୍ତତି ନିମନ୍ତେ ମଧ୍ୟ ବାଇପାସ୍ କାମ ଖୁବ ଶୀଘ୍ର ଆରମ୍ଭ ହେବା ସହ ସହର ର ମୁଖ୍ୟ ରାସ୍ତା ପ୍ରଶସ୍ତ କାମ ମଧ୍ୟ ସରକାର ପୁଣି ଆରମ୍ଭ କରି ୬୬ଫୁଟ୍ କରାଯିବ ବୋଲି କହିଛନ୍ତି। ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ଭାରତୀୟ ଜନତା ପାର୍ଟିର ରାଜ୍ୟ ଉପ ସଭାପତି କେ ନାରାୟଣ ରାଓ ଓ ଜିଲ୍ଲା ସଭାପତି ନବ କିଶୋର ଶବର ଉପସ୍ଥିତ ଥିଲେ।

# ପାକିସ୍ତାନ ମିଛର ପର୍ଦ୍ଦାଫାଁସ କଲା ଭାରତ

ପାକିସ୍ତାନ : ମଙ୍ଗଳବାର ଭାରତର ବୈଦେଶିକ ମନ୍ତ୍ରଣାଳୟ ଶ୍ରୀଲଙ୍କାକୁ ରିଲିଫ୍ ସାମଗ୍ରୀ ନେଇ ଯାଉଥିବା ବିମାନ ପାଇଁ ଉଡ଼ାଣ ମଞ୍ଜୁରୀରେ ବିଳମ୍ବ ସମ୍ପର୍କରେ ପାକିସ୍ତାନର ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି । ଭାରତ ସ୍ପଷ୍ଟ କରିଛି ଯେ ଏହା ତୁରନ୍ତ ଏବଂ ସ୍ୱଚ୍ଛ ଭାବରେ ପାକିସ୍ତାନର ଅନୁରୋଧକୁ ଗ୍ରହଣ କରିଥିଲା । ପାକିସ୍ତାନ ଅଭିଯୋଗ କରିଛି ଯେ ଭାରତ ଶ୍ରୀଲଙ୍କାକୁ ମାନବିକ ସହାୟତା ପଠାଇବା ପାଇଁ ବିମାନଗୁଡ଼ିକୁ ତାର ବାୟୁମଣ୍ଡଳ ଦେଇ ଉଡ଼ାଣ କରିବାକୁ ଅନୁମତି ଦେଇନାହିଁ । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ



କହିଛନ୍ତି ଯେ ପାକିସ୍ତାନ ଜନସାଧାରଣଙ୍କୁ ଭ୍ରମିତ କରିବା ଏବଂ ଭାରତର କାର୍ଯ୍ୟକୁ ଭୁଲ ଭାବରେ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ଏହି ବିବୃତ୍ତି ଦେଇଛି । ସେ କହିଛନ୍ତି, 'ଆମେ ପାକିସ୍ତାନର ବାୟୁସେନା ଦ୍ୱାରା ଦିଆଯାଇଥିବା ହାସ୍ୟାସ୍ପଦ ବିବୃତ୍ତିକୁ ପ୍ରତ୍ୟାଖ୍ୟାନ କରୁଛୁ, ଯାହା ଭାରତ ବିରୋଧୀ ପ୍ରଚାରର ଆଉ ଏକ ପ୍ରୟାସ ।'

ସେ ସ୍ପଷ୍ଟ କରିଛନ୍ତି ଯେ ଭାରତ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ପାକିସ୍ତାନର ଅନୁରୋଧ ପାଇଥିଲା ଏବଂ କିଛି ଘଣ୍ଟା ମଧ୍ୟରେ ନିଷ୍ପତ୍ତି ନେଇଥିଲା । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି, 'ପାକିସ୍ତାନର ଆନୁଷ୍ଠାନିକ ଅନୁରୋଧ ଡିସେମ୍ବର ୧, ୨୦୨୫ ଦିନ ପ୍ରାୟ ୧ଟାରେ ଇସଲାମାବାଦସ୍ଥିତ ଭାରତୀୟ ଉଚ୍ଚାୟୋଗ ପାଇଥିଲା । ଏହାକୁ ଏକ ମାନବିକ ଜରୁରୀକାଳୀନ ପରିସ୍ଥିତି ବୋଲି ବିଚାର କରି ସରକାର ସେହି ଦିନ ସନ୍ଧ୍ୟା ୫:୩୦ ମିନିଟରେ ଅନୁମୋଦନ ଜାରି କରିଥିଲେ ।'

# ଯୋଗୀଙ୍କ ସୁରକ୍ଷା ବଳୟ ଭେଦକରି ମଞ୍ଚ ଉପରେ ପହଞ୍ଚିଗଲା ମଦ୍ୟପ



ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସୁରକ୍ଷାରେ ତ୍ରୁଟି ଦେଖାଦେଇଛି । ମଙ୍ଗଳବାର ବାରାଣାସୀର ନମୋଘାଟରେ ଆୟୋଜିତ କାଶୀ ତାମିଲ ସଙ୍ଗମ କାର୍ଯ୍ୟକ୍ରମ ସମୟରେ ଏହି ସୁରକ୍ଷା ତ୍ରୁଟି ଦେଖାଯାଇଥିଲା । ଜଣେ ମଦ୍ୟପ ଯୁବକ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାବଳୟ ଭେଦ କରି ମଞ୍ଚ ଉପରକୁ ଚଢିଯାଇଥିଲା । ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ଯୋଗୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବେଳେ ହଠାତ୍ ଜଣେ ମଦ୍ୟପ ଯୁବକ ସୁରକ୍ଷା ବଳୟ ଭେଦ କରି ମଞ୍ଚ ଉପରେ ପହଞ୍ଚିଥିଲେ । ସତର୍କ କମାଣ୍ଡୋମାନେ ତୁରନ୍ତ ଯୁବକକୁ ନିୟନ୍ତ୍ରଣ କରିଥିଲେ, ଯାହା ଫଳରେ କୌଣସି ଅପ୍ରୀତିକର ଘଟଣା ଘଟି ନ ଥିଲା । ପୁଲିସ ଏବେ ତାକୁ ଅଟକ ରଖିଛି ।

ଏସିପି ବିଦୁଷ ସକ୍ସେନା କହିଛନ୍ତି ଯେ ଗିରଫ ଯୁବକର ନାମ ଯୋଗିନ୍ଦର ଗୁପ୍ତା । ପ୍ରାରମ୍ଭିକ ପଚରାଉଚରାରୁ ଜଣାପଡିଛି ଯେ ଯୁବକ ଜଣକ ମାନସିକ ଭାବରେ ଅସ୍ଥିର ଏବଂ ତାର ଚିକିତ୍ସା ଚାଲିଛି । ତାଙ୍କ ପରିବାର ମଧ୍ୟ ନିଶ୍ଚିତ କରିଛନ୍ତି ଯେ ସେ ପ୍ରାୟତଃ ମଦ୍ୟପାନ କରେ ଏବଂ ଏପରି ଆଚରଣ କରେ । ପରିବାର ପକ୍ଷରୁ କୁହାଯାଇଛି ଯେ ମାନସିକ ରୋଗ ଯୋଗୁଁ ତାର ଚିକିତ୍ସା ଚାଲିଛି । ଏସିପି କହିଛନ୍ତି ଯେ ଏ ସଂପର୍କରେ ଯୋଗିନ୍ଦରକୁ ଅଟକ ରଖି ପଚରା ଉଚୁରା କରାଯାଉଛି । ସେହିପରି ତା ଭାଇ ସହ ମଧ୍ୟ କଥାବାର୍ତ୍ତା କରାଯାଇଛି । ତେବେ ପୁଲିସ ଏବେ ତଦନ୍ତ କରୁଛି ଯେ ଏତେ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ସେ ମଞ୍ଚ ଉପରେ ପହଞ୍ଚିଗଲା କିପରି ?

## ଖୋଲିଲା ଭାରତର ସବୁଠାରୁ ଲମ୍ବା ଗ୍ଲାସ୍ ସ୍କାଇୱାକ

ବିଶାଖାପଟନମ୍ : ଆନ୍ଧ୍ରପ୍ରଦେଶ ବିଶାଖାପାଟନମରେ ନିର୍ମାଣ ହୋଇଛି ବହୁ ପ୍ରତିକ୍ଷୀତ ଗ୍ଲାସ୍ ବ୍ରିଜ । ଡିସେମ୍ବର ୧ ତାରିଖରେ ଟିଡିପି ସାଂସଦ ଭରତ କୈଳାଶଗିରିରେ ନିର୍ମାଣ ହୋଇଥିବା ସ୍କାଇ ୱାକ୍ ବ୍ରିଜକୁ ଉଦ୍ଘାଟନ କରିଛନ୍ତି । ସମୁଦ୍ର ପତ୍ତନଠୁ ୧୦୦୦ ଫୁଟ ଉପରେ ଚାଲିବାର ମଜା ଉଠାଇପାରିବେ ପର୍ଯ୍ୟଟକ । ମନୋରମ ପ୍ରାକୃତିକ ପରିବେଶ ଓ ଅଭିନବ ଡିଜାଇନ୍ ଏହାର ଆକର୍ଷଣକୁ ବହୁଗୁଣିତ କରିଛି । ୭ କୋଟି ନିବେଶରେ ନିର୍ମିତ ଏହି ପୋଲ ପର୍ଯ୍ୟଟକଙ୍କ ପାଇଁ ଡିସେମ୍ବର ଛୁଟିଦିନକୁ ଆହୁରି ଉତ୍ସାହଜନକ ଓ ରୋମାଞ୍ଚକର କରିବ । ୫୦ ମିଟର ଲମ୍ବ ଏହି ପୋଲ ଭାରତର ଦୀର୍ଘତମ କାଣ୍ଟିଲିଭର ଗ୍ଲାସ୍ ସ୍କାଇୱାକ୍ । ଭୂମିଠୁ ୮୬୨ ଫୁଟ ଏବଂ ସମୁଦ୍ର ପତ୍ତନଠୁ ପ୍ରାୟ ୧୦୦୦ ଫୁଟ ଉଚ୍ଚରେ ଅବସ୍ଥିତ ଏହି ପୋଲର କାଚ ଜରିଆରେ ଗଭୀର ଉପତ୍ୟକା ତଳର ଦୃଶ୍ୟକୁ ସ୍ପଷ୍ଟ ଭାବେ ଦେଖିହେବ । ଝଡ ତୋଫାନ ଆସିଲେ ମଧ୍ୟ ବ୍ରିଜ ସୁରକ୍ଷିତ ରହିବ । ଏହାକୁ ବହୁତ ମଜବୁତରେ ବନାଯାଇଛି । ୨୫୦ କିମି ପ୍ରତି ଘଣ୍ଟା ସ୍ପିଡରେ ପବନ ହେଲେ ସୁଦ୍ଧା କୌଣସି କ୍ଷତି ହେବ ନାହିଁ ।

# ହିନ୍ଦୁ ଦେବତାଙ୍କୁ ନେଇ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ

ହାଇଦ୍ରାବାଦ: ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ପୁଣି ଥରେ ତାଙ୍କ ବିବାଦୀୟ ମନ୍ତବ୍ୟ ନେଇ ଅଡୁଆରେ ପଡ଼ିଛନ୍ତି । ଏଥର ସେ ହିନ୍ଦୁ ଦେବଦେବୀଙ୍କ ସଂଖ୍ୟା ଏବଂ ଅସ୍ତିତ୍ୱ ଉପରେ ପ୍ରଶ୍ନ ଉଠାଇ ଏକ ନୂତନ ବିବାଦ ସୃଷ୍ଟି କରିଛନ୍ତି । ଏକ କାର୍ଯ୍ୟକ୍ରମ ସମୟରେ ରେଡ୍ଡୀ ଏକ ବିବାଦୀୟ ମନ୍ତବ୍ୟ ଦେଇ କହିଛନ୍ତି ଯେ, ହିନ୍ଦୁ ଧର୍ମରେ ଅଗଣିତ ଦେବତା ଅଛନ୍ତି ।

ଅବିବାହିତାଙ୍କ ପାଇଁ ହନୁମାନ ଜୀ ଅଛନ୍ତି, ଯେତେବେଳେ ମଦ୍ୟପାନ କରୁଥିବା ଲୋକଙ୍କ ପାଇଁ ଆଉ ଜଣେ ଅଛନ୍ତି । ତାଙ୍କ ଦ୍ୱାରା ଦିଆଯାଇଥିବା ଏହି ମନ୍ତବ୍ୟ ରାଜନୈତିକ ଉଷ୍ମତାକୁ ଶୀର୍ଷରେ ପହଞ୍ଚାଇ ଦେଇଛି । ବିରୋଧୀ ଏହାକୁ କୋଟି କୋଟି ହିନ୍ଦୁଙ୍କ ବିଶ୍ୱାସ ଉପରେ ଆଘାତ ଏବଂ ଆକ୍ରମଣ ବୋଲି କହିଛନ୍ତି ।

ରେଡ୍ଡୀଙ୍କ ମନ୍ତବ୍ୟର ଭିଡିଓ ଭାଇରାଲ ହେବା ମାତ୍ରେ ବିଜେପି ଏବଂ ବିଆରଏସ ତାଙ୍କୁ କଡ଼ା ସମାଲୋଚନା ଆରମ୍ଭ କରିଛନ୍ତି ।



ବିଜେପି ନେତା ଚିକଟ୍ଟି ପ୍ରବୀଣ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ହିନ୍ଦୁ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଅପମାନିତ କରିଛି । ସେ ଅଭିଯୋଗ କରିଛନ୍ତି, କଂଗ୍ରେସ ଏବଂ ରେବନ୍ତ ରେଡ୍ଡୀ ସେମାନଙ୍କର ତୁଷ୍ଟୀକରଣ ରାଜନୀତି ପାଇଁ ହିନ୍ଦୁ ଭାବନାକୁ ଆଘାତ ଦେବାକୁ କୌଣସି ଦ୍ୱିଧା କରୁନାହାନ୍ତି । ସେହିପରି ବିଆରଏସ ନେତା ରାକେଶ ରେଡ୍ଡୀ ଅନୁଗୁଲା ଏହାକୁ ଏକ 'ଶସ୍ତା ଲୋକପ୍ରିୟତା' ରଣନୀତି ବୋଲି କହି ମୁଖ୍ୟମନ୍ତ୍ରୀଙ୍କ ତୁରନ୍ତ କ୍ଷମା ମାଗିବାକୁ ଦାବି କରିଛନ୍ତି ।

ରେବନ୍ତ ରେଡ୍ଡୀ ତାଙ୍କ ଭାଷଣରେ ଅଜବ ଯୁକ୍ତି ସହିତ ହିନ୍ଦୁ ବିଶ୍ୱାସକୁ ଉପହାସ କରିଥିଲେ । ସେ ପଚାରିଥିଲେ, ହିନ୍ଦୁମାନଙ୍କର କେତେ ଦେବତା ଅଛନ୍ତି ? ତିନି କୋଟି ? ଏତେ କାହିଁକି ? ସେ କହିଥିଲେ ଯେ, ପ୍ରତ୍ୟେକ ଗୋଷ୍ଠୀର ନିଜସ୍ୱ ଦେବତା ଅଛନ୍ତି । ଯେଉଁମାନେ ଅବିବାହିତ, ସେମାନଙ୍କ ପାଇଁ ହନୁମାନ ଅଛନ୍ତି । ଯେଉଁମାନେ ଦୁଇଥର ବିବାହ କରିଛନ୍ତି, ସେମାନଙ୍କ ପାଇଁ ଏକ ଭିନ୍ନ ଦେବତା ଅଛନ୍ତି । ଯେଉଁମାନେ ମଦ୍ୟପାନ କରନ୍ତି, କୁକୁଡ଼ା ହତ୍ୟା କରନ୍ତି ଏବଂ ଡାଲି ଓ ଭାତ ଖାଆନ୍ତି ସେମାନଙ୍କ ପାଇଁ ମଧ୍ୟ ପୃଥକ ଦେବତା ଅଛନ୍ତି । ବିରୋଧୀ ଦଳ ମୁଖ୍ୟମନ୍ତ୍ରୀଙ୍କ 'ବର୍ଗୀକରଣ'କୁ ହିନ୍ଦୁ ଧର୍ମର ଅପମାନ ବୋଲି କହିଛନ୍ତି ।

ଏହା ପ୍ରଥମ ଥର ନୁହେଁ ଯେତେବେଳେ ରେଭନ୍ତ ରେଡ୍ଡୀ ହିନ୍ଦୁ ଦେବତାଙ୍କ ଉପରେ ମନ୍ତବ୍ୟ ଦେଇଛନ୍ତି । ସେ ପୂର୍ବରୁ ବିଜେପିକୁ ସମାଲୋଚନା କରି କହିଥିଲେ ଯେ, ଯେଉଁମାନେ ଦେବତାଙ୍କ ଫଟୋ ସହିତ ଭିକ୍ଷା ମାଗନ୍ତି ସେମାନେ ହିନ୍ଦୁ ନୁହଁନ୍ତି ବରଂ ଭିକାରୀ । ସେ କହିଥିଲେ, ଭଗବାନ ମନ୍ଦିରରେ ରହିବା ଉଚିତ୍ । ଭକ୍ତି ହୃଦୟରେ ରହିବା ଉଚିତକ । ତାଙ୍କର ପୂର୍ବ ବକ୍ତବ୍ୟ ପରି, ଏହି ସଦ୍ୟତମ ମନ୍ତବ୍ୟ ନେଇ ସେ ମଧ୍ୟ ସମାଲୋଚନାର ଶିକାର ହୋଇଛନ୍ତି । ବିରୋଧୀ କହିଛନ୍ତି ଯେ, ଏପରି ଅଶ୍ଳୀଳ ଭାଷା ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିଙ୍କ ପାଇଁ ଶୋଭନୀୟ ନୁହେଁ ।

# ସବୱେରେ ଫସିଲା ଚେନ୍ନାଇ ମେଟ୍ରୋ ଟ୍ରେନ୍, ଅନ୍ଧାରରେ ଚାଲି ଚାଲି ଗଲେ ଯାତ୍ରୀ



ଚେନ୍ନାଇ : ଆଜି ସକାଳେ ଚେନ୍ନାଇ ମେଟ୍ରୋ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା । ଯାହା ୱିମକୋ ନଗର ଡିପୋ ଏବଂ ଚେନ୍ନାଇ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ଚାଲେ । ସେଣ୍ଟ୍ରାଲ ମେଟ୍ରୋ ଏବଂ ହାଇକୋର୍ଟ ଷ୍ଟେସନ ମଧ୍ୟରେ ମେଟ୍ରୋଟି ଫସିଯାଇଥିଲା । ଯାହାଫଳରେ ଇଲେକ୍ଟ୍ରି ବନ୍ଦ ହୋଇଯାଇଥିଲା । ତେଣୁ ଯାତ୍ରୀମାନେ ତୁରନ୍ତ ଅଭିଯୋଗ କରିଥିଲେ । ଘଟଣାସ୍ଥଳରୁ ସେୟାର ହୋଇଥିବା ଭିଡିଓରେ ଯାତ୍ରୀମାନେ ରେଲିଂକୁ ଧରି ଠିଆ ହୋଇଥିବାର ଦେଖିବାକୁ ମିଳିଛି । ଯାତ୍ରୀମାନେ ଘୋଷଣା ହେବା ପୂର୍ବରୁ ୧୦ ମିନିଟ୍ ପାଇଁ "ଫସି ରହିଥିବା" ଅଭିଯୋଗ କରିଥିଲେ । ସେମାନଙ୍କୁ ନିକଟତମ ମେଟ୍ରୋ ଷ୍ଟେସନ, ହାଇକୋର୍ଟ ଷ୍ଟେସନର ପ୍ରାୟ ୫୦୦ ମିଟର ଦୂରରେ ଚାଲିବାକୁ ଅନୁରୋଧ କରାଯାଇଥିଲା । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏପରି ଘଟଣା ସାମ୍ନାକ କରିବାକୁ ପଡିଥିଲା । ଏହାରି ମଧ୍ୟରେ ସେବା ସ୍ୱାଭାବିକ ହୋଇଛି ବୋଲି ଚେନ୍ନାଇ ମେଟ୍ରୋ ରେଳ 'ଢ'ରେ ପୋଷ୍ଟ କରିଛି । ବ୍ଲୁ ଲାଇନରେ ବିମାନବନ୍ଦର ଏବଂ ୱିମକୋ ନଗର ଡିପୋ ମଧ୍ୟରେ ମେଟ୍ରୋ ଟ୍ରେନ ସେବା ପୁନଃ ସ୍ୱାଭାବିକ ଭାବରେ ଆରମ୍ଭ ହୋଇଛି । ଯାହା ପୁରଚି ଥାଲାଇଭର ଡକ୍ଟର ଏମ୍.ଜି. ରାମଚନ୍ଦ୍ରନ ସେଣ୍ଟ୍ରାଲ୍ ମେଟ୍ରୋ ଷ୍ଟେସନରୁ ଗ୍ରୀନ୍ ଲାଇନରେ ସେଣ୍ଟ ଥମାସ ମାଉଣ୍ଟକୁ ଯାଉଥିବା ଟ୍ରେନଗୁଡ଼ିକ ମଧ୍ୟ ସାଧାରଣ ସମୟସୂଚୀ ଅନୁଯାୟୀ ଚାଲୁଛି ବୋଲି ସୂଚନା ମିଳୁଛି ।

# ଶ୍ରୀଲଙ୍କାକୁ ଏକ୍ସପାୟାର ରିଲିଫ ସାମଗ୍ରୀ ପଠାଇଲା ପାକିସ୍ତାନ




ଶ୍ରୀଲଙ୍କା: ବନ୍ୟା ତଥା ଘୂର୍ଣ୍ଣିଝଡ଼ ଡିଟୱା ଦ୍ୱାରା ପ୍ରଭାବିତ ହୋଇ ଶ୍ରୀଲଙ୍କା ଏବେ ସଙ୍କଟରେ ଗତି କରୁଛି । ଏଭଳି ସ୍ଥଳେ ପାକିସ୍ତାନ ଶ୍ରୀଲଙ୍କାକୁ ପଠାଇଥିବା ରିଲିଫ ସାମଗ୍ରୀକୁ ନେଇ ନୂଆ ବିବାଦ ଦେଖାଦେଇଛି । ପାକିସ୍ତାନ ପଠାଇଥିବା ରିଲିଫ୍ ସାମଗ୍ରୀ ସବୁ ଏକ୍ସପାୟାର ହୋଇଯାଇଛି । ଶ୍ରୀଲଙ୍କାକୁ ଏକ୍ସପାୟାର ହୋଇଯାଇଥିବା ରିଲିଫ୍ ସାମଗ୍ରୀ ପଠାଉଛି ପାକିସ୍ତାନ । ପାକିସ୍ତାନ ସୋସିଆଲ ମିଡିଆରେ ଏହି ସାମଗ୍ରୀର ଫଟୋ ପୋଷ୍ଟ କରି ପ୍ରଶଂସା ପାଇବାକୁ ଚେଷ୍ଟା କରୁଥିବା ବେଳେ ଫଟୋଗୁଡ଼ିକ ପାକିସ୍ତାନର ପୋଲ୍ ଖୋଲି ଦେଇଛି । ଶ୍ରୀଲଙ୍କାରେ ଥିବା ପାକିସ୍ତାନ ଦୂତାବାସ ଶ୍ରୀଲଙ୍କାକୁ ଯୋଗାଇ ଦିଆଯାଇଥିବା ରିଲିଜ ସାମଗ୍ରୀ ବହୁତ ଦିନର ବୋଲି ଜଣାପଡିଛି । ଶ୍ରୀଲଙ୍କାର ବନ୍ୟା ପୀଡିତଙ୍କୁ ସାହାଯ୍ୟ ପାଇଁ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସେପଟେ ପାକିସ୍ତାନ ମଧ୍ୟ ନିଜକୁ ଉଦାର ଦେଖାଇବାକୁ ଯାଇ ଶ୍ରୀଲଙ୍କାକୁ କିଛି ଖାଦ୍ୟ ସାମଗ୍ରୀ ପଠାଇଥିଲା । ଶ୍ରୀଲଙ୍କାରେ ଥିବା ପାକିସ୍ତାନୀ ଦୂତାବାସ ନିଜର ସୋସିଆଲ ମିଡିଆ ଆକାଉଣ୍ଟରୁ ଫଟୋ ସେୟାର କରିଛି । ରିଲିଫ୍ ସାମଗ୍ରୀର ଫଟୋ ପୋଷ୍ଟ କରି ଏକ୍ସରେ ଲେଖିଛି ଯେ, "ପାକିସ୍ତାନ ସର୍ବଦା ଶ୍ରୀଲଙ୍କା ସହିତ ଛିଡ଼ା ହୋଇ ରହିଛି । ବାତ୍ୟା ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ବନ୍ୟା ହୋଇଛି । ଏହାର ତାରିଖ ଦେଖିବା ପରେ ସୋସିଆଲ ମିଡିଆରେ ହାଶଟ୍ୟାଗ୍ ଟ୍ରେଣ୍ଡ କରୁଛି । ଶ୍ରୀଲଙ୍କାରେ ବାତ୍ୟା ଡିଟୱା ତାଣ୍ଡବ ରଚିବ । ଏଥିରେ ୩୩୪ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୩୭୦ ଲୋକ ନିଖୋଜ ରହିଛନ୍ତି । ୧୧ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ୨ ଲକ୍ଷ ଲୋକ ଆଶ୍ରୟ ସ୍ଥଳରେ ରହିଛି । ଭାରତ ଅପରେସନ ସାଗର ବନ୍ଧୁ ଅଧିନରେ ୫୩ ଟନ ରିଲିଫ୍ ସାମଗ୍ରୀ ପଠାଇଛି ।

## ଶୋଇଥିବା ବେଳେ ଆଶ୍ରୟ ସ୍ଥଳରେ ଲାଗିଲା ନିଆଁ, ୨ ମୃତ

ଦିଲ୍ଲୀ : ଦକ୍ଷିଣ-ପଶ୍ଚିମ ବସନ୍ତ ବିହାରରେ ରାତିରେ ଏକ ଘରେ ନିଆଁ ଲାଗିବା ଯୋଗୁଁ ୨ ଜଣଙ୍କ ଜୀବନ ଚାଲିଯାଇଛି । ରାତି ୩.୩୦ ମିନିଟରେ ଏହି ଘଟଣା ଘଟିଛି । କୁଲି କ୍ୟାମ୍ପରେ ନିର୍ମାଣ ହୋଇଥିବା ଆଶ୍ରୟ ସ୍ଥଳରେ ୭ ଜଣ ଲୋକ ଶୋଇଥିଲେ । ଏହି ସମୟରେ ନିଆଁ ଲାଗିଯାଇଥିଲା । ଘଟଣା ସ୍ଥଳରେ ଦିଲ୍ଲୀ ଅଗ୍ନିଶମ ସେବା ଏବଂ ପୋଲିସ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ନିଆଁ ଲାଗିବାର କାରଣ ଏଯାଏଁ ଜଣାପଡିନାହିଁ ।

# ସଞ୍ଚାର ସାଥୀ ଆପ୍ ରଖିବା ବାଧ୍ୟତାମୂଳକ ନୁହେଁ

ନୂଆଦିଲ୍ଲୀ: ସଞ୍ଚାର ସାଥୀ ଆପ୍ କୁ ନେଇ ଚାଲିଥିବା ବିବାଦ ମଧ୍ୟରେ ସରକାର ବଡ଼ ପଦକ୍ଷେପ ନେଇଛନ୍ତି । କେନ୍ଦ୍ର ସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ଯଦି ଆପଣ ସଞ୍ଚାର ସାଥି ଆପ୍ ଚାହୁଁନାହାନ୍ତି, ତେବେ ଆପଣ ଏହାକୁ ଡିଲିଟ୍ କରିପାରିବେ । ଆମ କର୍ତ୍ତବ୍ୟ ଆମେ ଆପକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବୁ । କିନ୍ତୁ ଏହାକୁ ଫୋନରେ ଆପଣ ରଖିବେ କି ନାହିଁ, ତାହା ୟୁଜର୍ସ ଉପରେ ନିର୍ଭର କରେ । ସାଇବର ସୁରକ୍ଷା ପାଇଁ କେନ୍ଦ୍ର ସରକାର ନୂତନ ହ୍ୟାଣ୍ଡସେଟରେ ସଞ୍ଚାର ସାଥୀ ଆପ୍ ପ୍ରି-ଅପଲୋଡ କରିବାକୁ ନିର୍ଦ୍ଦେଶ ଦେଇଥିଲା ଦୂରସଂଚାର ମନ୍ତ୍ରଣାଳୟ । ମୋବାଇଲ୍ ଫୋନର ପ୍ରାମାଣିକତା ସୁନିଶ୍ଚିତ କରିବା ପାଇଁ, ସମସ୍ତ




ମୋବାଇଲ୍ ନିର୍ମାଣକାରୀ କମ୍ପାନୀଗୁଡ଼ିକୁ ଏହି ନିର୍ଦ୍ଦେଶ ଦିଆଯାଇଥିଲା । ଭାରତରେ ମୋବାଇଲ୍ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଅନଲାଇନ୍ ଠକେଇକୁ ରୋକିବା ପାଇଁ, ଦୂରସଂଚାର ବିଭାଗ (ଡକ୍ଟଞ୍ଚ) ଏକ ନୂତନ ନିର୍ଦ୍ଦେଶ ଜାରି କରିଥିଲା । ଏହି ନିର୍ଦ୍ଦେଶ ଅନୁଯାୟୀ, ଭାରତରେ ନିର୍ମିତ କିମ୍ବା ବିଦେଶରୁ ଆମଦାନି ହେଉଥିବା ପ୍ରତ୍ୟେକ ନୂତନ ସ୍ମାର୍ଟଫୋନ୍‌ରେ ଏବେ ସଞ୍ଚାର ସାଥୀ ଆପ୍ ପୂର୍ବରୁ ଇନଷ୍ଟଲ ହୋଇ ରହିବ । ସମସ୍ତ ମୋବାଇଲ୍ ନିର୍ମାତାଙ୍କୁ ଏହି ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲା । ଯାହାପରେ ବିବାଦ ତେଜିବାରୁ ସରକାର ନିଜ ନିଷ୍ପତ୍ତି ବଦଳାଇଛନ୍ତି । ସଞ୍ଚାର ସାଥୀ ଆପ୍ ମୋବାଇଲ୍ ବ୍ୟବହାରକାରୀଙ୍କୁ ସୁରକ୍ଷା ପ୍ରଦାନ କରେ । ଯଦି କୌଣସି ଫୋନ୍ ହଜିଯାଏ କିମ୍ବା ଚୋରି ହୋଇଯାଏ, ତେବେ କିଛି ମିନିଟ୍ ମଧ୍ୟରେ ରିପୋର୍ଟ କରିବା ଏବଂ ବ୍ଲକ୍ କରିବା ସମ୍ଭବ । ଏହା ମୋବାଇଲ୍ ଫୋନରେ ନକଲି ଲିଙ୍କ୍, ସ୍କାମ୍ କଲ୍, ସନ୍ଦିଗ୍ଧ ମେସେଜ୍ ଏବଂ ଚାଲୁଥିବା ସଂଯୋଗ ଉପରେ ନଜର ରଖିବାରେ ମଧ୍ୟ ସାହାଯ୍ୟ କରେ ।

# ଆଜି ଦ୍ୱିତୀୟ ଦିନିକିଆ : ଭାରତ ପାଇଁ ସିରିଜ ସୁଯୋଗ



ସ୍ଥାନ-ରାୟପୁର, ସମୟ-ଦିନ ସାଢେ଼୧ଟା

ରାୟପୁର: ଆସନ୍ତାକାଲି ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ରାୟପୁରରେ ଖେଳାଯିବ। ଉଭୟ ଦଳ ରାୟପୁରରେ ସହିଦ ବୀର ନାରାୟଣ ସିଂହ ଷ୍ଟାଡିୟମରେ କଡ଼ା ଅଭ୍ୟାସ କରିଛନ୍ତି। ଏହି ମ୍ୟାଚ୍ ଜିତି ସିରିଜ୍ କବଜା କରିବାକୁ ଲକ୍ଷ୍ୟ ରଖିଛି। ଦକ୍ଷିଣ ଆଫ୍ରିକା ସିରିଜକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ। ଟିମ୍ ଇଣ୍ଡିଆ। ସିରିଜରେ ୧-୦ରେ ଆଗୁଆ। ଅଛି। ଦ୍ୱିତୀୟ ମୁକାବିଲା ଭାରତୀୟ ସମୟ ଅପରାହ୍ଣ ୧ଟା ୩୦ରେ ଖେଳାଯିବ। ଟସ୍ ଅପରାହ୍ଣ ୧ଟାରେ ପଡ଼ିବ। ଷ୍ଟାର ସ୍ପୋର୍ଟସ୍ ନେଟୱାର୍କ ଚ୍ୟାନେଲରେ ଟିଭିରେ ମଧ୍ୟ ଏହି ମ୍ୟାଚ୍ ଦେଖିପାରିବେ।

ଟିମ୍ ଇଣ୍ଡିଆ। ଆଜି ଷ୍ଟାଡିୟମରେ ଅଭ୍ୟାସ କରିଛି। ରୋହିତ ଶର୍ମା, ବିରାଟ କୋହଲି ଏବଂ କେଏଲ ରାହୁଲଙ୍କ ସମେତ ଅନେକ ଷ୍ଟାର ଖେଳାଳି ଅଭ୍ୟାସ ସେସନରେ ସାମିଲ ହୋଇଛନ୍ତି। ରାୟପୁରର କ୍ରିକେଟ୍ ପ୍ରଶଂସକମାନେ ଦୀର୍ଘ ସମୟ ପରେ ସେମାନଙ୍କର ପ୍ରିୟ ଖେଳାଳିଙ୍କୁ ଦେଖିବା ପାଇଁ ବେଶ ଉତ୍ସାହିତ ଅଛନ୍ତି।

ଭାରତ ପ୍ରଥମ ମ୍ୟାଚ୍ରେ ଦକ୍ଷିଣ ଆଫ୍ରିକାକୁ ୧୭ ରନରେ ପରାସ୍ତ କରି ତିନି ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି । ଏହି ସିରିଜରେ କେଏଲ ରାହୁଲ ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ସମ୍ଭାଳୁଛନ୍ତି। ଦ୍ୱିତୀୟ ଦିନିକିଆରେ ଭାରତୀୟ ଦଳ କୌଣସି ପରିବର୍ତ୍ତନ ବିନା ମଇଦାନକୁ ଓହ୍ଲାଇପାରେ। ଏହି ପରିସ୍ଥିତିରେ, ଋଷଭ ପନ୍ତ ଏବଂ ତିଳକ ବର୍ମା ପୁଣି ଥରେ ବେଞ୍ଚରେ ବସି ପାରନ୍ତି।

## ସୂର୍ଯ୍ୟବଂଶୀଙ୍କ ଶତକ

ନୂଆଦିଲ୍ଲୀ, ୨।୧୨: ଭାରତର କ୍ରିକେଟ୍ ବିସ୍ମୟ ବୈଭବ ସୂର୍ଯ୍ୟବଂଶୀ ସୟଦ ମୁସ୍ତାକ ଅଲି ଟ୍ରଫିରେ ଶତକ ହାସଲ କରିଛନ୍ତି। ୨୦୨୫ର କ୍ରମାଗତ ତିନୋଟି ମ୍ୟାଚରେ ବିଫଳ ହେବା ପରେ, ବୈଭବ ମହାରାଷ୍ଟ୍ର ବିପକ୍ଷରେ ଚତୁର୍ଥ ମ୍ୟାଚରେ ଏକ ଚମତ୍କାର ଶତକ ହାସଲ କରିଛନ୍ତି। ଉଲ୍ଲେଖନୀୟ କଥା ହେଉଛି, ସେ ଏକ ଛକା ସହିତ ମାତ୍ର ୫୮ ବଲ ରେ ତାଙ୍କର ଶତକ ପୂରଣ କରିଥିଲେ। ଏହି ଶତକ ସହିତ ବୈଭବ ୧୪ ବର୍ଷ ବୟସରେ ୩ଟି ଟି-୨୦ ଶତକ ମାରିବାରେ ବିଶ୍ୱର ପ୍ରଥମ ଟିନ୍ଏଜର୍ (କୈଶୋର) ଖେଳାଳି ହୋଇଛନ୍ତି । କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ଯୋଡ଼ିଥିଲେ ମାତ୍ର ୧୪ ବର୍ଷ ୨୫୦ ଦିନ ବୟସରେ, ସେ  ରେ ଶତକ ମାରିବାରେ ସବୁଠାରୁ କମ ବୟସ୍କ ବ୍ୟାଟସମ୍ୟାନ ମଧ୍ୟ ହୋଇଥିଲେ।

# ବାରବାଟୀରେ ଲମ୍ବା ବ୍ୟାରିକେଡ୍



କଟକ, ୨।୧୨ : ବାରବାଟୀରେ ଭାରତ- ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ବାରବାଟୀରେ ଅଫ୍ଲାଇନ ଟିକେଟ୍ ବିକ୍ରି ପାଇଁ କରାଯାଇଛି ସ୍ୱତନ୍ତ୍ର ବ୍ୟବସ୍ଥା ଶୃଙ୍ଖଳିତ ଭାବେ କ୍ରିକେଟ ପ୍ରେମୀ ଟିକେଟ କିଣିବା ପାଇଁ ପ୍ରଥମ ଥର ପାଇଁ ବାରବାଟୀରେ କରାଯାଇଛି ବ୍ୟାରିକେଡ୍। ଟିକେଟ୍ କାଉଣ୍ଟରରୁ ୧ କିମି ପର୍ଯ୍ୟନ୍ତ କରାଯାଇଛି ବ୍ୟାରିକେଡ୍। ଦର୍ଶକମାନେ ବ୍ୟାରିକେଡ ଭିତରେ ଲାଇନରେ ରହି କାଉଣ୍ଟରରୁ ଟିକେଟ କିଣିବେ। ସେହିପରି ଖେଳ ହେବା ଦିନ ମଧ୍ୟ ବ୍ୟାରିକେଡରେ ରହି ଷ୍ଟାଡିୟମ ଭିତରକୁ ଯିବେ। ସୂଚନାଯୋଗ୍ୟ ଯେ , ଡିସେମ୍ବର ୯ରେ ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ ଖେଳାଯିବ।

# ଲାଲ୍ ମାଟି ପିଚ୍ରେ ଖେଳାଯିବ ବାରବାଟୀ ମ୍ୟାଚ୍



କଟକ, ୨।୧୨: ବାରବାଟୀ ଟି-୨୦ ମ୍ୟାଚ୍କୁ ନେଇ ରାଜ୍ୟରେ କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ବହୁତ ଉତ୍ସାହ ଦେଖିବାକୁ ମିଳିଛି। ମ୍ୟାଚ୍ର ସଫଳ ଆୟୋଜନ ନେଇ ଓସିଏ ପକ୍ଷରୁ ପିଚକୁ ନେଇ ଗ୍ୟାଲେରୀ ସବୁ ପ୍ରକାରର ପ୍ରସ୍ତୁତି ଜୋରସୋରରେ ଚାଲିଛି। ମ୍ୟାଚ୍ ପାଇଁ ଚାରୋଟି ପିଚ୍ ପ୍ରସ୍ତୁତ କରାଯାଇଛି। ତେବେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳା ଯିବାକୁ ଥିବା ଟି-୨୦ ମ୍ୟାଚ୍ ରେଡ୍ ପିଚ୍ରେ ଖେଳାଯିବ ବୋଲି ମଙ୍ଗଳବାର ସୂଚନା ଦେଇଛନ୍ତି ବାରବାଟୀ ପିଚ୍ କ୍ୟୁରେଟର।

ଆସନ୍ତା ୯ ତାରିଖରେ ବାରବାଟୀରେ ହେବାକୁ ଥିବା ଭାରତ -ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ପାଇଁ ଆଜି ପିଚ୍ ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି ବିସିସିଆଇ କ୍ୟୁରେଟର ଆଶିଷ ଭୌମିକ। ପ୍ରାୟ ଅଢ଼େଇ ଘଣ୍ଟା ଧରି ସେ ପିଚ୍ ପ୍ରସ୍ତୁତି ଅନୁଧ୍ୟାନ କରିବା ସହ ଗ୍ରାଉଣ୍ଡ ଷ୍ଟାଫଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। କେଉଁ ପିଚ୍ରେ ମ୍ୟାଚ୍ ଖେଳାଯିବ ତାର ନିଷ୍ପତ୍ତି ପିଚ୍ କ୍ୟୁରେଟର ହିଁ ନେବେ ବୋଲି ସେ କହିଥିଲେ। ବାରବାଟୀରେ କଳା ଓ ଲାଲ୍ ମାଟିରେ ମୋଟ ୪ଟି ପିଚ୍ ପ୍ରସ୍ତୁତ ହୋଇଛି। ଆଉ ପିଚ୍ କ୍ୟୁରେଟର ଲାଲ ମାଟିରେ ତିଆରି ପିଚ୍ ଉପରେ ଖେଳ ହେବ ବୋଲି କହିଛନ୍ତି।

ଓସିଏ କ୍ୟୁରେଟର କହିଛନ୍ତି ମ୍ୟାଚ୍ ହାଇସ୍କୋରିଂ ହେବା ପାଇଁ ସବୁ ପଦକ୍ଷେପ ଗ୍ରହଣ କରାଯାଉଛି। କାକରକୁ ଦୃଷ୍ଟିରେ ରଖି ବିହିତ ପଦକ୍ଷେପ ନିଆଯାଉଛି। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ବିସିସିଆଇ କ୍ୟୁରେଟର ବାରବାଟୀରେ ରହି ପିଚ୍ ପ୍ରସ୍ତୁତି ଅନୁଧ୍ୟାନ କରିବେ। ଲାଲ ମାଟିରେ ପ୍ରସ୍ତୁତ ପିଚ୍ରେ ଖେଳାଗଲେ ମ୍ୟାଚ୍ ହାଇସ୍କୋରିଂ ରହିଥାଏ। ତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବେ ଲାଲ୍ ମାଟିରେ ପିଚ୍ ପ୍ରସ୍ତୁତ କରାଯାଇଛି।

# ୩୫ ମିନିଟରେ ଟିକେଟ ଶେଷ

କଟକ, ୨।୧୨: ବାରବାଟୀ ମ୍ୟାଚ୍ ପାଇଁ ଅନ୍ଲାଇନ୍ରେ ଟିକେଟ ବିକ୍ରି ପାଇଁ ସାଇଟ ଖୋଲୁ ଖୋଲୁ ଖୋଲୁ ଖୋଲୁ ସରିଯାଇଛି। ଏବେ କେବଳ କାଉଣ୍ଟର ଟିକେଟକୁ ଅପେକ୍ଷା କରିରହିଛନ୍ତି ଦର୍ଶକ। ବାରବାଟୀ ଷ୍ଟାଡିୟମ୍ରେ ଡିସେମ୍ବର ୯ ତାରିଖରେ ହେବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ପାଇଁ ଅନ୍ଲାଇନ୍ରେ ଟିକେଟ ବିକ୍ରି ହୋଇଛି। ଅନ୍ଲାଇନ୍ରେ ୨ ହଜାର ଟିକଟ ବିକ୍ରି ହେବାର ଥିଲା। ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି ମ୍ୟାଚ୍ ପାଇଁ ୱେବସାଇଟ୍ ଖୋଲିବାର ମାତ୍ର କେଇ ମିନିଟ୍ ଭିତରେ ୨ ହଜାର ଟିକେଟ୍ ସରିଗଲା। ଯାହାକୁ ନେଇ ନିରାଶ ହୋଇଛନ୍ତି କ୍ରିକେଟ୍ ପ୍ରେମୀ।

ଗତକାଲି ଅପରାହ୍ଣ ୨ଟାରେ ଅନ୍ଲାଇନ୍ରେ ବିକ୍ରି ଆରମ୍ଭ ହୋଇଥିଲା। ଗ୍ୟାଲେରି ଟିକଟ ପାଇଁ ବିକ୍ରି ଆରମ୍ଭ ହେବାର ମାତ୍ର କେଇ ମିନିଟ୍ ଭିତରେ ସବୁ ଟିକେଟ ବିକ୍ରି ହୋଇଯାଇଥିଲା। ଗ୍ୟାଲେରି ନମ୍ବର ୨, ୪, ୭ରୁ କିଛି ଏବଂ ଏସି ବକ୍ସ, ନ୍ୟୁ ପାଭିଲିୟନ, ସ୍ୱଶାଳ ଏନ୍କ୍ଲୋଜରର ଟିକଟ ଅନ୍ଲାଇନରେ ଉପଲବ୍ଧ ଥିଲା। କିନ୍ତୁ ଅନଲାଇନରେ ଟିକେଟ ବିକ୍ରି ଆରମ୍ଭ ହେବାର ମାତ୍ର କେଇ ମିନିଟ ଭିତରେ ଟିକେଟ ସରିଯାଇଥିଲା।

ଆସନ୍ତା ୩ ଓ ୪ ତାରିଖରେ ଓସିଏ ସହିତ ଅନୁବନ୍ଧିତ ଜିଲ୍ଲା ସଂଘ, କ୍ଲବ, ସ୍କୁଲ୍ ଆଦି ଅନୁଷ୍ଠାନକୁ ଟିକଟ ବିକ୍ରି କରାଯିବ। ଚଳିତ ବର୍ଷ ବାରବାଟୀରେ ଦର୍ଶକ ସାମର୍ଥ୍ୟ ପାଖାପାଖି ୪୨ ହଜାର ରହିଥିବା ବେଳେ ସେଥିରୁ ୨ ହଜାର ଟିକଟ ଅନ୍ଲାଇନରେ ବିକ୍ରି ହୋଇଛି। ୫ ତାରିଖରୁ କାଉଣ୍ଟରରେ ଟିକଟ ବିକ୍ରି ଆରମ୍ଭ ହେବ।

ଆସନ୍ତାକାଲି ଓ ୪ରେ ଓସିଏ ସହ ଅନୁବନ୍ଧିତ ବିଭିନ୍ନ

# ଟିମ୍ ଅଫ଼ ଲାଇନ ସ୍କ୍ୱାଡ଼ ଚମ୍ପିୟାନ



ଗଞ୍ଜାମ, ୨।୧୨: ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମ ଠାରେ ବାର ଓଭର ବିଶିଷ୍ଟ ଫ୍ରେଣ୍ଡସିପ ପ୍ରିମିୟର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୁବ ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ ଏହାର ଶୁଭାରମ୍ଭ କରିଥିଲେ। ଯୁବ ଉଦ୍ୟୋଗପତି ଟୋନି ପଣ୍ଡା ଏବଂ ଯୁବ ବ୍ୟବସାୟୀ ମନୋଜ ପ୍ରଧାନ ପ୍ରମୁଖ ସନମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ଟିମ ଅଫଲାଇନ ଓ ଟିମ ଅନଲାଇନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିମ ଅଫଲାଇନ କ୍ୟାପଟେନ ଚିରଞ୍ଜୀବ ବୈଠାରୁ ଟସ ଜିତି ପ୍ରଥମେ ବ୍ୟାଟିଂ ନିସ୍ତୀ ନେଇଥିଲେ। ଟିମ ଅଫଲାଇନ ଛଅ ୱିକେଟ ହରାଇ ୧୧୫ ରନ କରିଥିଲା ଜବାବରେ ଟିମ ଅନଲାଇନ ସମସ୍ତ ୱିକେଟ ହରାଇ ମାତ୍ର ୮୫ ରନ କରି ଟିମ ଅନଲାଇନ କ୍ୟାପଟେନ ବିଶ୍ୱନାଥ ପାଢ଼ୀଙ୍କ ଦଳ ଶୋଚନୀୟ ପରାଜୟ ବରଣ କରିଥିଲା। ଟିମ ଅଫଲାଇନର ଅଭିଷେକ ପରିଡା ମାତ୍ର ୨୧ବଲରେ ୫୨ ରନ କରି ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଥିଲେ ଟିମ ଅଫଲାଇନ ବୋଲର ସନ୍ତୋଷ ମହାରଣା ଏବଂ ପପିନା ସାହୁଙ୍କ ଘାତକ ବୋଲିଂରେ ଟିମ ଅନଲାଇନ ଖେଳାଳୀଙ୍କୁ ଧରାଶାୟୀ କରିଥିଲା। ଉଭୟ ବୋଲର ନିଜ ତିନି ଓଭର ସ୍ପେଲରେ ୩୦ରୁ କମ ରନ ଦେଇଥିଲେ। ଶିବ ପ୍ରସାଦ ବୈଠାରୁ ଏବଂ ଭିକି ପାଳ ମ୍ୟାଚ ପରିଚାଳନା କରିଥିଲେ। ଟିମ ଅନଲାଇନ ଖେଳାଳୀ ଶିବ ପ୍ରସାଦ ସାଇଁଙ୍କୁ ବେଷ୍ଟ ଫିଲଡର ବିବେଚିତ କରାଯାଇଥିଲା। ଅଫଲାଇନ ଟିମରେ ସିଲୁ, କାହ୍ନ,ସଞ୍ଜି, ସାହିଲ, ବିଭୁ, ତାପସ, ଗଙ୍ଗା, ପାପୁନ ପ୍ରମୁଖ ଥିବା ବେଳେ ଟିମ ଅନଲାଇନରେ ଚିନୁ, ଅନୁ, ଦୁର୍ଦ୍ଧଷ ବ୍ୟାଟ୍ସ ମେନ ସୋମୁ, ରାହୁଲ, ଧିରେନ, ଅମରେଶ ପ୍ରମୁଖ ଖେଳି ଥିଲେ। ମିଲୁ ଦାସ,ଆଶୁତୋଷ ଆଚାର୍ଯ୍ୟ,ବିଭୁତି ପଲାଇ, ସାନୁ ମହାପାତ୍ର, ଚିଙ୍କୁ, ବିଜୁ, ମୁନା ପ୍ରମୁଖ ଖେଳ ପରିଚାଳନା ଓ ସହଯୋଗ କରିଥିଲେ ମୁଖ୍ୟ ଅତିଥି ସୁଧୀର କୁମାର ପାଢ଼ୀ ବିଜୟୀ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଦେଖିବାକୁ ଆଖପାଖ ଅଞ୍ଚଳର ପ୍ରାୟ ବହୁ ଦର୍ଶକ ମିନି ଷ୍ଟାଡିଅମରେ ଭିଡ଼ ଜମାଇଥିଲେ ମ୍ୟାଚ ରୋମାଞ୍ଚକର ହୋଇଥିଲା ।

## ଭର୍ଷ୍ଟାପେନ ଜିତିଲେ କତାର ଗ୍ରାଁପ୍ରି

ଦୋହା,୦୨।୧୨: ଚଳିତ ବର୍ଷ ଫର୍ମୁଲା ୱାନ୍ ସିଜନ ବେଶ୍ ରୋମାଞ୍ଚକର ରହିଛି। ୨୩ଟି ରେସ୍ ଶେଷ ହୋଇ ସାରିଥିଲେ ହେଁ ଏପର୍ଯ୍ୟନ୍ତ ଟାଇଟଲ ବିଜେତା ଚୂଡ଼ାନ୍ତ ହୋଇପାରି ନାହାନ୍ତି। ମ୍ୟାକଲରେନ ଡ୍ରାଇଭର ଲାଣ୍ଡୋ ନରିସ ସର୍ବାଧିକ ପଏଣ୍ଟ ଅର୍ଜନ କରିଥିଲେ ହେଁ ରେଡବୁଲ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍ ଅନ୍ୟତମ ଟାଇଟଲ ଦାବିଦର ରୂପେ ଉଭା ହୋଇଛନ୍ତି। ଉଭୟଙ୍କ ମଧ୍ୟରେ ମାତ୍ର ୧୨ ପଏଣ୍ଟର ବ୍ୟବଧାନ ରହିଛି । ଆଗକୁ ରହିଛି ମାତ୍ର ଗୋଟିଏ ରେସ୍ ଓ ସର୍ବାଧିକ ୨୫ ପଏଣ୍ଟ । ଭର୍ଷ୍ଟାପେନ କ୍ରମାନ୍ୱୟରେ ଲାସ ଭେଗାସ ଓ କତାର ଗ୍ରାଁପ୍ରି ଜିତିବା ଫଳରେ ପ୍ରମୁଖ ଟାଇଟଲ ଦାବିଦାର ରୂପେ ଉଭା ହୋଇଛନ୍ତି। ୨୧ଟି ରେସ ଶେଷ ସୁଦ୍ଧା ନରିସ୍ ଓ ତାଙ୍କ ସାଥୀ ଡ୍ରାଇଭର ଓସ୍କା ପିୟାଷ୍ଟ୍ରୀ ପଏଣ୍ଟ ତାଲିକାର ପ୍ରଥମ ୨ଟି ସ୍ଥାନ ବଜାୟ ରଖିଥିଲେ । କତାରରେ ଭର୍ଷ୍ଟାପେନ ଚମ୍ପିଅନ ହୋଇଥିଲେ ଓ ନରିସ ଚତୁର୍ଥ ସ୍ଥାନ ଦଖଲ କରିଥିଲେ। ଭର୍ଷ୍ଟାପେନ ୧ଘଣ୍ଟା ୨୪ ମିନିଟ୍ ୩୮.୨୪୧ ସେକେଣ୍ଡରେ ରେସ ଶେଷ କରିଥିଲେ । ପିୟାଷ୍ଟ୍ରୀ ଅତିରିକ୍ତ ୭.୯୯୫ ସେକେଣ୍ଡରେ ରେସ୍ ଶେଷ କରି ଦ୍ୱିତୀୟ, ୱିଲିୟମ୍ସ ଡ୍ରାଇଭର କାର୍ଲୋସ ସେଞ୍ଜ +୨୨.୬୬୫ ସେକେଣ୍ଡ ଅଧିକ ସମୟ ନେଇ ରେସ ଶେଷ କରି ତୃତୀୟ ସ୍ଥାନରେ ରହିଥିଲେ। ଏହି ରେସରୁ ଭର୍ଷ୍ଟାପେନ୍ ୨୫ ପଏଣ୍ଟ ଅର୍ଜନ କରିଥିବାବେଳେ ପିୟାଷ୍ଟ୍ରୀ ୧୮, ସେଞ୍ଜ ୧୫ ଓ ନରିସ ୧୨ ପଏଣ୍ଟ ପାଇଥିଲେ। ୨୩ଟି ରେସ୍ରୁ ନରିସ ମୋଟ୍ ୪୦୮ ପଏଣ୍ଟ ଅର୍ଜନ କରିଥିବାବେଳେ ଭର୍ଷ୍ଟାପେନ୍ ୩୯୬, ପିୟାଷ୍ଟ୍ରୀ ୩୯୨ ଓ ମର୍ସିଡିସ୍ ଡ୍ରାଇଭର ଗ୍ରେଗ ରସେଲ ୩୦୯ ପଏଣ୍ଟ ପରବର୍ତ୍ତୀ ସ୍ଥାନରେ ରହିଛନ୍ତି ।




# ୬୯ତମ ରାଜ୍ୟସ୍ତରୀୟ ବାଳିକା ଫୁଟବଲ୍ ପ୍ରତିଯୋଗିତା ଉଦଘାଟିତ

ଭବାନୀପାଟଣା, ୨।୧୨: ସ୍ଥାନୀୟ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ୬୯ତମ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ବାଳିକା ଫୁଟବଲ୍ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି ରାଜ୍ୟ ବିଦ୍ୟାଳୟ କ୍ରୀଡା ସମୂହ ଦ୍ୱାରା ପ୍ରସ୍ତୁତ ଏହି କାର୍ଯ୍ୟକ୍ରମକୁ କଳାହାଣ୍ଡି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆୟୋଜନ କରିଛନ୍ତି କଳାହାଣ୍ଡି ଜିଲ୍ଲାପାଳ ପାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ମୁଖ୍ୟବକ୍ତା ବିଶିଷ୍ଟ ବାଗ୍ମୀ ଡ. ଶିବପ୍ରସାଦ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ବ୍ରହ୍ମପୁରର ଯୁଗ୍ମ ନିର୍ଦ୍ଦେଶକ ପବିତ୍ରମୋହନ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଶାରୀରିକ ଶିକ୍ଷା ସହ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଯୁଗଳ କିଶୋର ପୋଢ଼, କଳାହାଣ୍ଡି ସାଂସଦ ଙ୍କ ପ୍ରତିନିଧି ଜୟଶଙ୍କର ନାଏକ,ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶାରୀରିକ ଶିକ୍ଷା ସହ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ବାର୍ଷିକ ବିବରଣୀ ପଠନ କରିଥିଲେ ଏ ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦଙ୍କ ପୁସ୍ତକ ’ ଲେସନ୍ ଫର୍ ଲାଇଫ ’ ଉନ୍ମୋଚିତ ହୋଇଥିଲା ଓଏଭି କେସିଙ୍ଗା ଓ ଭବାନୀପାଟଣାର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ତଳବେଲଗାଁ ହାଇସ୍କୁଲର ଛାତ୍ରଛାତ୍ରୀ ବିଦାୟୀ ସଙ୍ଗୀତ ଗାନ କରିଥିଲେ ଶାସ୍ତ୍ରୀଜୀ ଶିକ୍ଷା ନିକେତନର ଛାତ୍ରଛାତ୍ରୀ ଫିଜିକାଲ୍ ଡିସ୍ପ୍ଲେ ପ୍ରଦର୍ଶନ କରିଥିଲେ ଏ ଅବସରରେ ଫ୍ଲାଗ ମାର୍ଚ ଆଉ ଶପଥ ପାଠ ହୋଇଥିଲା ଅପରାହ୍ଣ ୩ ଘଣ୍ଟା ସମୟରେ ମା ମାଣିକେଶ୍ୱରୀ ମନ୍ଦିରରୁ ଏକ ମଶାଲ ଯାତ୍ରା ଆୟୋଜିତ ହୋଇଥିଲା ଚାରିଦିନ ଧରି ଏହା ୦୨ ଡ଼ିସେମ୍ବରରୁ ୦୫ ତାରିଖ ଯାଏଁ ଆୟୋଜିତ ହେବ ସମସ୍ତ ବାଳିକା ପ୍ରତିଯୋଗୀମାନଙ୍କ ମଧ୍ୟରେ ଫୁଟବଲ୍ ପ୍ରତିଯୋଗିତା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍, ସ୍ପୋର୍ଟସ ହଷ୍ଟେଲ ପଡିଆ । ଓ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆଠାରେ ଜାରି ରହିବ କାର୍ଯ୍ୟକ୍ରମରେ ରାଜ୍ୟ ଅଧିକାରୀ ନିରଞ୍ଜନ ଶତପଥୀ ଓ ସିଆରସିସି ଡିଲେଶ୍ୱର ରଣା ମଂଚ ପରିଚାଳନା କରିଥିଲେ ଧନ୍ୟବାଦ ଦେଇଥିଲେ।



# କାଂସ୍ୟ ପଦକ ଜିତିଲେ ଟିପିଡବ୍ଲୁଓଡିଏଲ୍ ସମର୍ଥିତ ଯୁବ ପ୍ରତିଭା ଦିଶାନ ବୁଢ଼ା

ବୁର୍ଲା, ୨।୧୨: : ଗ୍ରାମୀଣ ଯୁବପିଢ଼ିଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍), ଲକ୍ଷ୍ନୌ ସ୍ଥିତ ଟ୍ରଷ୍ଟ ଅଫ୍ ପିପୁଲ (ଟପ୍) ଏନଜିଓର ସହଭାଗୀତାରେ ପଶ୍ଚିମ ଓଡ଼ିଶାର ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରୋତ୍ସାହନକୁ ଦ୍ରୁତଗତିରେ ଅଗ୍ରସର କରୁଅଛି । ଏହି ପଦକ୍ଷପର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀ ତଥା ଯୁବପିଢ଼ିଙ୍କ ମଧ୍ୟରେ ଫିଟନେସ୍, ଶୃଙ୍ଖଳା ଏବଂ ଦଳଗତ କାର୍ଯ୍ୟର ସଂସ୍କୃତି ଗଠନ କରିବା ।

ଏହି ପ୍ରଚେଷ୍ଟାର ଅଂଶାସ୍ୱରୂପ ଟିପିଡବ୍ଲୁଓଡିଏଲ୍ ସମର୍ଥିତ ୭ ଜଣ ଯୁବ ଖେଳାଳି ଗତ ୨୩ ନଭେମ୍ବର ୨୦୨୫ ଦିନ ସୁନ୍ଦରଗଡ଼ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ସୁନ୍ଦରଗଡ଼ ଜିଲ୍ଲା ସ୍ତରୀୟ ଖୋ-ଖୋ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ସେମାନେ ହେଲେ ଶୁଭମ ଖଡିଆ (୧୧), ପ୍ରିତି ମୁଣ୍ଡା (୧୫), ସନ୍ତୋଷିନୀ ମୁଣ୍ଡା (୧୪), ରୁଦ୍ର ଖଡିଆ (୧୩), ଦୀପକ ଡିଲା (୧୩), ସୋହନ କାଲୋ (୧୪) ଏବଂ ଦିଶାନ ବୁଢ଼ା (୧୪) ।

ତେବେ ସେମାନଙ୍କ ମଧ୍ୟରୁ ପୁରୀରେ ଅନୁଷ୍ଠିତ ହୋଇଥିବା ୧୩ ତମ ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ଖୋ-ଖୋ ଚାମ୍ପିଅନସିପ ପାଇଁ ଦୁଇ ଜଣ ଖେଳାଳି ସନ୍ତୋଷିନୀ ମୁଣ୍ଡା ଏବଂ ଦିଶାନ ବୁଢ଼ା ଯୋଗ୍ୟତା ହାସଲ କରିଥିଲେ । ଯେଉଁଠାରେ ସୁନ୍ଦରଗଡ଼ ଜିଲ୍ଲା ନୂଆଡିହି ସ୍ଥିତ ଟଙ୍କଧର ହାଇସ୍କୁଲର ୯ମ ଶ୍ରେଣୀର ଛାତ୍ର ଦିଶାନ ବୁଢ଼ା ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି । ଏହି ସଫଳତାରେ ଖୁସି ବ୍ୟକ୍ତ କରି କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି ଯେ, ‘ଏହି ପଦକ କେବଳ ଛାତ୍ରଙ୍କ ପାଇଁ ନୁହେଁ ବରଂ ସମଗ୍ର ସୁନ୍ଦରଗଡ଼ ଜିଲ୍ଲା ପାଇଁ ଗର୍ବର ମୁହୂର୍ତ୍ତ । କମ୍ପାନୀ ତାର ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ମାଧ୍ୟମରେ କ୍ରୀଡ଼ା କ୍ଷେତ୍ରରେ ଗ୍ରାମୀଣ ପ୍ରତିଭାକୁ ଚିହ୍ନଟ ଏବଂ ପ୍ରୋତ୍ସାହିତ କରି ସେମାନଙ୍କୁ ଉଚ୍ଚ ମଞ୍ଚରେ ଉତ୍କର୍ଷ ହାସଲ କରିବାର ସମସ୍ତ ସୁଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ‘

ଏହି କ୍ରୀଡ଼ା ପ୍ରୋତ୍ସାହନ ପଦକ୍ଷେପ ଅଧୀନରେ, ଟିପିଡବ୍ଲୁଓଡିଏଲ୍ ତାଲିମ ଶିବିର, ଆନ୍ତଃ-ସ୍କୁଲ ଟୁର୍ଣ୍ଣାମେଣ୍ଟ ଏବଂ ଶାରୀରିକ ସୁସ୍ଥତା ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି । ଏହି ସଂରଚିତ ପ୍ରୟାସଗୁଡ଼ିକ ପ୍ରତିଶ୍ରୁତିବଦ୍ଧ ଖେଳାଳିମାନଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ପ୍ରଶିକ୍ଷଣ ସହାୟତା ପ୍ରଦାନ କରିବା ଏବଂ ଲିଙ୍ଗଗତ ପାର୍ଥକ୍ୟ ନିର୍ବିଶେଷରେ ଅନ୍ତର୍ଭୁକ୍ତ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଉଅଛି ।

# ଖେଳିବା ଓ ବଢ଼ିବା ବନ୍ଧୁତ୍ୱମୂଳକ ଫୁଟବଲ୍ ପ୍ରତିଯୋଗିତା

ପାଟଣା ୨/୧୨: ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ଦ୍ୱାରା ଏଇଆଇଏନ ର ସହଯୋଗରେ କେନ୍ଦୁଝରର ପାଟଣା ବ୍ଲକ ସ୍ଥିତ ମୁରୁସୁଆଁ ଉଚ୍ଚ ବିଦ୍ୟାଳୟ ପଡିଆରେ ଆୟୋଜିତ ହୋଇଥିଲା ୬ଟି ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ଆନ୍ତ ବିଦ୍ୟାଳୟ ଖେଳିବା ଓ ବଢ଼ିବା ବନ୍ଧୁତ୍ୱ ମୂଳକ ଫୁଟବଲ୍ ପ୍ରତିଯୋଗୀତା । ଏହି ପ୍ରତିଯୋଗିତାରେ କେନ୍ଦୁଝରର ପାଟଣା ବ୍ଲକର କେନ୍ଦେଇପୋଷିର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ମୁରୁସୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟ, ଶ୍ରଦ୍ଧାପୁର ପ୍ରାଥମିକ ବିଦ୍ୟାଳୟ, ପଲାଶଘାଟି ଉଚ୍ଚ ବିଦ୍ୟାଳୟ, ବଣମହୁଲଡିହାର ସନାଖୁମ ଉଚ୍ଚ ବିଦ୍ୟାଳୟ ଓ ଘଟଗାଁ ବ୍ଲକର ବଡଜାମୁପୋଷିର ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ମାନଙ୍କ ମଧ୍ୟରେ ଖେଳିବା ଓ ପ୍ରସ୍ଫୁଟିତ ହେବା ବନ୍ଧୁପୂର୍ଣ୍ଣ ଫୁଟବଲ ଖେଳ ମାଧ୍ୟମରେ ଛାତ୍ରୀମାନଙ୍କ ମଧ୍ୟରେ ଲିଙ୍ଗସମାନତାକୁ ପ୍ରୋତ୍ସାହିତ କରିବା ସହିତ ଶାରୀରିକ ଏବଂ ମାନସିକ ସୁସ୍ଥତା ତଥା ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ନେତୃତ୍ୱର ବିକାଶ ପାଇଁ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମୁରୁସୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ମହାନ୍ତ ଉଦଘାଟନ କରିଥିଲେ।ମୁଖ୍ୟ ଅତିଥି ରୂପେ ଯୋଗଦେଇ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାତ ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି, କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇ କହିଥିଲେ ପାଠ ପଢିବା ସହିତ ଝିଅ ମାନେ ମଧ୍ୟ ଖେଳିବା ଆବଶ୍ୟକ, ଏହା ସେମାନଙ୍କ ଶରୀର ଓ ମନକୁ ସୁସ୍ଥ ରଖିବା ସହିତ ସେମାନଙ୍କୁ ଆଗକୁ ବଢ଼ିବାରେ ମଧ୍ୟ ସାହାଯ୍ୟ କରିବ।ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଝିଅ ମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସର ବୃଦ୍ଧି ତଥା ନେତୃତ୍ୱ ବିକାଶ ନିମନ୍ତେ ଏହି ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉଚିତ ବୋଲି କହିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂ, ପଞ୍ଚାୟତ ସମିତି ସଭ୍ୟ ସୁଶୀଲ କୁମାର ସାହୁ, ସରପଞ୍ଚ ହରିଶଙ୍କର ଦେହୁରି, ରାଜନଗର ସ୍ୱାସ୍ଥ୍ୟ କେନ୍ଦ୍ର ର ଅଧିକାରୀ କିରଣଶଙ୍କର ମହାନ୍ତ, ପ୍ରମୁଖ ଯୋଗଦେଇ ପିକକ୍ ର ଏହି ଉଦ୍ୟମକୁ ବହୁ ପ୍ରଶଂଶା କରିଥିଲେ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ